

ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ

IAS COLLECTOR



PARUL PATAWARI

| Vol.5 | Issue- 41 | March 21 to 27, 2022, | Jagatsinghpur | Page-8 | Rs. 5/- |
|---|---|---|---|---|---|
| ବର୍ଷ-୫ | ସଂଖ୍ୟା- ୪୧ | ମାର୍ଚ୍ଚ ୨୧ ରୁ ୨୭, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା |


# ପୃଥିବୀର ଲୋକପ୍ରିୟ ନେତା ମୋଦି

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ନିଜ ଲୋକଙ୍କ ପ୍ରତି ସମର୍ପଣ ଏବଂ ପଡୋଶୀଙ୍କ ସହ ଉତ୍ତମ ବନ୍ଧୁତା କାରଣରୁ ପ୍ରଧାନମନ୍ତ୍ରୀ ମୋଦି ବିଶ୍ୱ ସ୍ତରରେ ଜଣେ ମଜବୁତ୍ ନେତା ଭାବେ ସାମ୍ନାକୁ ଆସିଛନ୍ତି। ମୋଦିଙ୍କ ଛବି ଦିନକୁ ଦିନ ଆହୁରି ବଳିଷ୍ଠ ହେବାରେ ଲାଗିଛି। ଆଜି ମୋଦି ବିଶ୍ୱର ସମସ୍ତ ବଡ ବଡ ନେତାଙ୍କୁ ପଛରେ ପକାଇ ସବୁଠୁ ଲୋକପ୍ରିୟ ନେତା ହେବାର ଗୌରବ ଅର୍ଜନ କରିଛନ୍ତି। ଯୁଦ୍ଧକାଳରେ ଯେଉଁଠି ଦୁନିଆର ସମସ୍ତ ନେତାଙ୍କ ଲୋକପ୍ରିୟତା କମିଥିବା ବେଳେ ସେହି ସମୟରେ ମୋଦିଙ୍କ ଲୋକପ୍ରିୟତା ବଢିଚାଲିଛି। ଆମେରିକା ଡାଟା ଏଣ୍ଟେଲିଜେନ୍ସ ଫାର୍ମ(The Morning Consult) ର ସର୍ଭେ ଅନୁଯାୟୀ ମୋଦି ରେଟିଂରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍



ଏବଂ ବ୍ରିଟିଶ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍‌ଙ୍କ ସମେତ ଦୁନିଆର ୧୨ ରାଷ୍ଟ୍ର ପ୍ରମୁଖଙ୍କୁ ପଛରେ ପକାଇଛନ୍ତି। ଜାନୁଆରୀରେ ମୋଦିଙ୍କ ଆପ୍ରୁଭାଲ୍ ରେଟିଂ ୭୭ ପ୍ରତିଶତରେ ପହଞ୍ଚିଛି। ବିଶ୍ୱଯୁଦ୍ଧ ପରିସ୍ଥିତି ମଧ୍ୟରେ ଦୁନିଆର ବଡ ବଡ ନେତାଙ୍କ ଆପ୍ରୁଭାଲ୍ ରେଟିଂ ୪୦ ରୁ ୪୨ ପ୍ରତିଶତରେ ଅଟକି ରହିଛି। କିନ୍ତୁ ମୋଦି ୭୭ ପ୍ରତିଶତ ରେଟିଂ ସହିତ ପୃଥିବୀର ପ୍ରଥମ ପସନ୍ଦର ନେତା ପାଲଟିଛନ୍ତି। ପୁଣି ସେହି ସମୟରେ ମୋଦିଙ୍କୁ ଏହି ଉପଲବ୍ଧି ମିଳିଛି ଯେଉଁ ସମୟରେ ଋଷ-ୟୁକ୍ରେନ୍ ଯୁଦ୍ଧ କାରଣରୁ ଦୁନିଆର ବଡ ବଡ ନେତା ଆଣ୍ଠେଇ ପଡିଛନ୍ତି।

The Morning Consult ନିୟମିତ ଭାବେ ବିଶ୍ୱ ନେତାଙ୍କ ରେଟିଂ ଉପରେ ନଜର ରଖିଥାଏ। ଏହା ବର୍ତ୍ତମାନ ଅଷ୍ଟ୍ରେଲିଆ, ବ୍ରାଜିଲ୍, କାନାଡା, ଫ୍ରାନ୍ସ, ଜର୍ମାନୀ, ଭାରତ, ଇଟାଲୀ, ଜାପାନ, ମେକ୍ସିକୋ, ଦକ୍ଷିଣ କୋରିଆ, ସ୍ପେନ୍, ବ୍ରିଟେନ୍ ଓ ଆମେରିକାରେ ସରକାରୀ ନେତାଙ୍କ ପାଇଁ ଆପ୍ରୁଭାଲ୍ ରେଟିଂକୁ ଟ୍ରାକ୍ କରିଥାଏ।

ନରେନ୍ଦ୍ର ମୋଦି(ଭାରତ)-୭୭% ଆନ୍ଦ୍ରେସ୍ ମାନୁଆଲ୍ ଲୋପେଜ ଓବ୍ରେଡର(ମେକ୍ସିକୋ)-୬୩%, ମ୍ୟାରିଓ ଡ୍ରାଗି(ଇଟାଲୀ)-୫୪%, ଓଲାଫ ସ୍କୋଲଜୋ(ଜର୍ମାନୀ)-୪୫%, ଫୁମିଓ କିଶିଦା-୪୨%, ଜଷ୍ଟିନ୍ ଟ୍ରୁଡୋ(କାନାଡା)-୪୨%, ଜୋ ବାଇଡେନ୍(ଆମେରିକା)-୪୧%, ଇମାନୁଏଲ୍ ମାକ୍ରୋନ୍(ଫ୍ରାନ୍ସ)-୪୧%, ବୋରିସ୍ ଜନ୍‌ସନ୍(ବ୍ରିଟେନ୍)-୩୩% ରେ ଥିବାର ସର୍ଭେରୁ ଆକଳନ କରାଯାଇଛି।

## ମୋଦି ପରେ ତିଷ୍ଠି ପାରିବନି ବିଜେପି

ପାଞ୍ଚଟି ରାଜ୍ୟର ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ କଂଗ୍ରେସ ଦଳରେ ହଇଚଇ ସୃଷ୍ଟି ହୋଇଛି। ଇତ୍ୟବସରରେ କଂଗ୍ରେସର ବରିଷ୍ଠ ନେତା ବିରପ୍ପା ମୋଇଲି ଦଳର କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିବାକୁ ଚେଷ୍ଟା କରୁଛନ୍ତି। ବିଜେପି ଓ ଅନ୍ୟ ଦଳମାନେ ଯିବେ ଆସିବେ। କେବଳ କଂଗ୍ରେସ ହିଁ ଏପରି ଦଳ ଯାହା ସବୁବେଳେ ରହିଥିବ। ପୁଣି ଥରେ ଦଳକୁ ସତ୍ତାକୁ ଆଣିବାକୁ ହେଲେ ଦଳର କର୍ମୀମାନେ କାମ କରିବାର ଢଙ୍ଗକୁ ପରିବର୍ତ୍ତନ କରିବା ଉଚିତ ବୋଲି ସେ କହିଛନ୍ତି।

ଗୁଲାମ ନବୀ ଆଜାଦଙ୍କ ଘରେ କଂଗ୍ରେସର ଅସନ୍ତୁଷ୍ଟ ଜି-୨୩



ନେତାମାନଙ୍କ ବୈଠକ ପରେ ବିରପ୍ପା ମୋଇଲି ଏହି ବୟାନ ଦେଇଛନ୍ତି। ବିରପ୍ପା ମୋଇଲି କହିଛନ୍ତି, କଂଗ୍ରେସ ସବୁବେଳେ ରହୁଥିବା ଦଳ। ଜବାହାର ଲାଲ୍ ନେହେରୁ କହିଥିଲେ ଯେ ଯଦି କଂଗ୍ରେସ ଗରିବ ଓ ପଛୁଆ ବର୍ଗର ଲୋକଙ୍କ ପାଇଁ କାମ କରିବା ବନ୍ଦ କରିଦେବ ତେବେ କଂଗ୍ରେସ ଶେଷ ହୋଇଯିବ। ଆମକୁ ଏହି ଲୋକମାନଙ୍କ ପାଇଁ କାମ କରିବାକୁ ହେବ ଓ ଆଶା ହରାଇବା ଉଚିତ୍ ନୁହେଁ। କଂଗ୍ରେସ ନେତାମାନଙ୍କୁ ଏହି କଥାରୁ ନିରାଶ ହେବା ଉଚିତ ନୁହେଁ ଯେ ଆମେ ଶାସନରେ ନାହୁଁ। ବିଜେପି ଓ ଅନ୍ୟ ଦଳଗୁଡିକ ଆସୁଥିବେ ଯାଉଥିବେ। କିନ୍ତୁ କଂଗ୍ରେସ ହିଁ ଏଠାରେ ସବୁବେଳେ ତିଷ୍ଠି ରହିଥିବ। ବିଜେପି ସବୁବେଳେ ରହିଲା ଭଳି ଦଳ ନୁହେଁ। ମୋଦୀଙ୍କ ପରେ ବିଜେପି ତିଷ୍ଠି ରହିବା କଷ୍ଟକର ହେବ। ବିରପ୍ପା ମୋଇଲିଙ୍କ ଅନୁସାରେ ଜି-୨୩ ଗୋଷ୍ଠୀ, ବରିଷ୍ଠ ନେତାମାନଙ୍କୁ ସମାଲୋଚନା କରୁଛି ଓ କଂଗ୍ରେସକୁ ଦୁର୍ବଳ କରୁଛି।

# ଋଷ ଶସ୍ତାରେ ତେଲ ଯାଚୁଛି ଭାରତକୁ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଋଷ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରେ ଆମେରିକା ସମେତ ଅନ୍ୟ ପଶ୍ଚିମ ଦେଶଗୁଡିକ ଋଷକୁ ଏକଘରିକିଆ କରିଦେଇଛନ୍ତି। ଋଷ ଉପରେ ବର୍ତ୍ତମାନ ଅନେକ ପ୍ରତିବନ୍ଧକ ଲଗାଯାଇଛି। ଫଳରେ ଋଷର ଅର୍ଥବ୍ୟବସ୍ଥା ବିଗିଡିବାରେ ଲାଗିଛି। ଏଥିପାଇଁ ଋଷ ଏବେ ଭାରତର ସହଯୋଗ ଲୋଡିଛି। ଋଷ ଚାହୁଁଛି ଭାରତ ତା ଠାରୁ ତେଲ କିଣୁ ଓ ତୈଳ ଉତ୍ପାଦନ କ୍ଷେତ୍ରରେ ପୁଞ୍ଜି ନିବେଶ କରୁ। ଏ ନେଇ ଋଷ ଉପପ୍ରଧାନମନ୍ତ୍ରୀ ଆଲେକ୍‌ଜ୍ୟାଣ୍ଡର ନୋଭାକ୍ ମାର୍ଚ୍ଚ ୧୦ ତାରିଖରେ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ସହିତ ଆଲୋଚନା କରିଥିଲେ। ଉପରୋକ୍ତ ଦିଗରେ ବ୍ୟବସାୟ ବଢାଇବାକୁ ମଧ୍ୟ ନୋଭାକ ଦେଇଥିଲେ। ଏହାପରେ ଋଷ ପକ୍ଷରୁ ଏକ ବୟାନ ଜାରି କରାଯାଇଥିଲା। ଏଥିରେ କୁହାଯାଇଥିଲା ଯେ ଭାରତ ଋଷ ଠାରୁ ବାର୍ଷିକ ଏକ ବିଲିୟନ ଡଲାର ପେଟ୍ରୋଲିୟମ୍ ଆମଦାନୀ କରିଥାଏ। ଭବିଷ୍ୟତରେ ଏହି କାରବାର ବଢିପାରେ। ତେବେ ଋଷର ମନ୍ତବ୍ୟକୁ ନେଇ ଭାରତ ପକ୍ଷରୁ କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ କି ଋଷ ଠାରୁ ଆମଦାନୀକୁ ସଂପୂର୍ଣ୍ଣ ରୂପେ ଖଣ୍ଡନ କରାଯାଇନାହିଁ।

ହେଲେ ନ୍ୟୁଜ୍ ଏଜେନ୍ସି ରୟଟର୍ସ କହୁଛି ଯେ ଭାରତ ଋଷ ଠାରୁ ଅଶୋଧିତ ତୈଳ ଓ ଅନ୍ୟ



ସାମଗ୍ରୀ ରିହାତି ମୂଲ୍ୟରେ କିଣିବାକୁ ଯୋଜନା କରୁଛି। ତେଣୁ ଏସବୁ ଭିତରେ କେମିତି ଓ କେତେ ତେଲ କିଣିବ ସେ ନେଇ ପ୍ରଶ୍ନ ଉଠିଛି। ଏକ ରିପୋର୍ଟ ଅନୁସାରେ, ବିଶ୍ୱରେ ତେଲ ଉତ୍ପାଦନର ୧୨% ଋଷ ଓ ସାଉଦି ଆରବରୁ ହେଉଥିବା ବେଳେ ୧୬-୧୮% ଉତ୍ପାଦନ ଆମେରିକାରେ ହେଉଛି। ଆଉ ଭାରତ ମୋଟ ୮୫% ତେଲ ଆମଦାନୀ କରିଥାଏ। ଯେଉଥିରୁ ୬୦% ଗଲ୍ଫ ଦେଶରୁ ଆମଦାନୀ କରାଯାଏ। ତେଲ ଆମଦାନୀ ପାଇଁ ଭାରତ ଅଧିକାଂଶ ସାଉଦୀ ଆରବ ଓ ଆମେରିକା ଉପରେ ନିର୍ଭର କରିଥାଏ। ଏହା ବ୍ୟତୀତ ଭାରତ, ଇରାକ, ଇରାନ, କୁଏତ, ଓମାନ, ଆମେରିକା ଓ ଋଷରୁ ମଧ୍ୟ ତେଲ ଆମଦାନୀ କରିଥାଏ। ତା ସହିତ କିଛି ଖୁଚୁରା ବଜାରରୁ ମଧ୍ୟ ତେଲ କିଣିଥାଏ ଭାରତ। ତେବେ ଋଷ ୟୁରୋପୀୟ ଦେଶର ତୈଳ ଆବଶ୍ୟକତାକୁ ପୂରଣ କରୁଥିବା ବେଳେ ଭାରତ ମିତ୍ର ରାଷ୍ଟ୍ର ହୋଇ ବି ଋଷ ଠାରୁ ମାତ୍ର ୨% ତେଲ କିଣିପାରୁଛି। ଭାରତର ଏତେ କମ୍ ପରିମାଣରେ ତେଲ କିଣିବାର ଅନେକ କାରଣ ରହିଛି। ଶକ୍ତି

(ପୃଷ୍ଠା-୨)

## ଆମେରିକା କରୁଛି ତେଲ ଖେଳ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ୟୁକ୍ରେନ୍ ଉପରେ ଆକ୍ରମଣ ପରେ ଋଷ ଉପରେ ବଢିବାରେ ଲାଗିଛି ଆର୍ଥିକ ପ୍ରତିବନ୍ଧକ। ଏହା ସହ ୟୁରୋପୀୟ ଦେଶ ଋଷରୁ ତେଲ ନେବାକୁ ମନା କରିଦେଇଛନ୍ତି। ଏପଟେ ଯୁଦ୍ଧ ଆରମ୍ଭ ପରଠାରୁ ଅଶୋଧିତ ତେଲ ଦର ବଢିବାରେ ଲାଗିଛି। ଏମିତି ସମୟରେ ଋଷ ଭାରତକୁ ୨୦-୨୫ ପ୍ରତିଶତ ରିହାତିରେ ତେଲ ଦେବାକୁ ଅଫର୍ କରିଛି। ଯାହାକୁ ନେଇ ଆମେରିକା ତରଫରୁ ବାରମ୍ବାର ପ୍ରତିକ୍ରିୟା ଆସିବା ସହ ୱାସିଂଟନ୍ ଭାରତକୁ




ଚେତାବନୀ ଦେବାରେ ଲାଗିଛି। ଏମିତି ସ୍ଥିତିରେ ଆସିଥିବା ନୂଆ ତଥ୍ୟ ଆମେରିକାର ଅସଲ ଚେହେରା ଖୋଲିଦେଇଛି। ଭାରତ ଓ ଋଷ

(ପୃଷ୍ଠା-୨)

# ନବୀନ ସପକ୍ଷରେ ବିପୁଳ ପୌର ଭୋଟ

## ପଞ୍ଚାୟତ ଭଳି ଫଳାଫଳ ହେବ !

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ସମଗ୍ର ରାଜ୍ୟରେ ପୌର ନିର୍ବାଚନ ଆସନ୍ତା ୨୪ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ୨୬ ତାରିଖରେ ଫଳାଫଳ ପ୍ରକାଶ ପାଇବ। ସଦ୍ୟ ପଞ୍ଚାୟତ ଫଳାଫଳ ବିରୋଧୀଙ୍କୁ ଶକ୍ତ ଧକ୍କା ଦେଇଥିବାରୁ ସେମାନଙ୍କ ମନବଳ ଦୁର୍ବଳ ହୋଇଯାଇଥିଲେ ମଧ୍ୟ ଫୁଟାଣି ମାରିବାରେ ଏବେ ବି ମଧ୍ୟ ମାହିର ଅଛନ୍ତି। ସେମାନଙ୍କୁ ଲଜ୍ଜାସରମ ନଥିବା ମଧ୍ୟ କୁହାଯାଉଛି। ଯାହାମୁହଁରୁ ଶୁଣିବ ଏବଂ ସୋସିଆଲ୍ ମିଡିଆରେ ପ୍ରକାଶିତ ହେଉଛି ଆମେ ନବୀନଙ୍କୁ



ଭୋଟ ଦେବୁ। ନବୀନ ବାବୁ ଆମକୁ ଘର ଡିଅ ସାଙ୍ଗକୁ ବାସଗୃହ ନିର୍ମାଣ କରିବାକୁ ଟଙ୍କା ଦେଇଛନ୍ତି। ପେଟକୁ ଦାନା ଦେଲା ଭଳି ଟଙ୍କିକିଆ ଚାଉଳ ଠାରୁ ଆରମ୍ଭ କରି ଆହାର କେନ୍ଦ୍ର, ନିରାମୟ, ସ୍ୱାସ୍ଥ୍ୟସେବା, ଭତ୍ତା ଓ ବଞ୍ଚିବା ପାଇଁ ରାହା ଦେଇଛନ୍ତି। ତାଙ୍କ ସହିତ କେବେ ବେଇମାନୀ କରିବୁ ନାହିଁ, ନବୀନଙ୍କ ଭୋଟ ଦବୁ ବୋଲି ବହୁ ଦମ୍ଭର ସହିତ ପୌରପରିଷଦ ଅଞ୍ଚଳର ବସ୍ତିବାସିନ୍ଦାଙ୍କଠାରୁ ଆରମ୍ଭ କରି ସାଧାରଣ ସହରବାସୀ ଏପରି ମନ୍ତବ୍ୟ ଦେଉଥିବାରୁ ପୌର ପରିଷଦ ଭୋଟ ବିପୁଳ ସଂଖ୍ୟାରେ ବିଜେଡି ଖାତାକୁ ଯିବ ବୋଲି ସ୍ପଷ୍ଟ ହେଉଛି। ପଞ୍ଚାୟତ ପରି ଫଳାପଳ ଓ ସବୁ ଜିଲ୍ଲାପରିଷଦ ପରି ପୌରପରିଷଦ ଅଧ୍ୟକ୍ଷ ଦଖଲ କରିବ ବୋଲି ସମସ୍ତଙ୍କ ମୁହଁରୁ ଏହି ଭଳି ଶୁଭଙ୍କର ମତାମତ ଶୁଣିବାକୁ ମିଳୁଛି। ଅନ୍ୟପକ୍ଷରେ, ଆମ ନେତା, ଆମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ତୁମର ନେତା ତଥା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ବୋଲି ଭୋଟର ବିରୋଧୀଙ୍କୁ କଡା ଭାଷାରେ ପ୍ରଶ୍ନ କରୁଛନ୍ତି।

# ସିଲ୍‌ଭର୍ ସିଟିରେ ସୁବାସଙ୍କ କ୍ରେଜ୍ ବିଜେଡିକୁ ୨୦ ଛାମୁଆ ସଂଗଠନର ସମର୍ଥନ

**କଟକ(ସଂପର୍କବାର୍ତ୍ତା):-** ସମୟ ପାଖଉଛି, ପୌର ତାତି ବଢୁଛି। ବସ୍ତିଠାରୁ ବଡ ମାର୍କେଟ୍ ସବୁଠି ନେତାଙ୍କ ନଜର। କଟକ ମହାନଗର ନିଗମରେ ମଧ୍ୟ ଏହାର ପ୍ରଭାବ ବେଶ୍ ଦେଖିବାକୁ ମିଳୁଛି। ବିଜେଡି ଦିନକୁ ଦିନ କଟକରେ ଶକ୍ତିଶାଳୀ ହେବାରେ ଲାଗିଛି। ମେୟର ପ୍ରାର୍ଥୀ ସୁବାସ ସିଂଙ୍କୁ ମିଳିଛି ବଡ ସମର୍ଥନ। ଅର୍ଥାତ୍ କଟକ ସହରର ୨୦ରୁ ଅଧିକ ଛାମୁଆ ସଂଗଠନର ସଦସ୍ୟ ବିଜେଡି ପ୍ରାର୍ଥୀଙ୍କୁ




ସମର୍ଥନ ପ୍ରକାଶ କରିଛନ୍ତି।

କଟକ ମ୍ୟୁନିସିପାଲିଟିକୁ ହାତେଇବା ପାଇଁ ତୃଣମୂଳ ସ୍ତରରେ ଲଢେଇ ଜାରି ରଖିଛି ବିଜେଡି। ବସ୍ତି ବସ୍ତିରେ ଓଡ଼ିଶା ସରକାରଙ୍କ ଜନ କଲ୍ୟାଣ କାର୍ଯ୍ୟକ୍ରମକୁ ପହଁଞ୍ଚାଇବାର ପାଇଁ ପ୍ରାୟସ ଜାରି ରଖିଛି ଦଳ। କଟକ ମହାନଗର ନିଗମ ମେୟରଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ଦଳର ଅନେକ ଛାମୁଆ ନେତା କସରତ ଜାରି

(ପୃଷ୍ଠା-୨)



## ସାଂସଦ ରାଜଶ୍ରୀଙ୍କ ପଚାର

ସାଂସଦ ରାଜଶ୍ରୀ ମଲ୍ଲିକ ଜଗତସିଂହପୁର ପୌର ନିର୍ବାଚନର ପ୍ରଚାର ମଙ୍ଗ ଧରିଛନ୍ତି। ଜିଲ୍ଲା ସଭାପତି ତଥା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ସମ୍ମାନ ରକ୍ଷା ଲାଗି ସାଂସଦଙ୍କର ପ୍ରଚାର ଜୋର୍‌ଦାର ହୋଇଛି। ଘରକୁ ଘର ବୁଲି ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବା ଓ ବିଧାୟକ ପ୍ରଶାନ୍ତଙ୍କୁ ସହଯୋଗର ହାତ ବଢାଇ ଏହି ପ୍ରଚାର କରୁଥିବାର ଆଲୋଚନା ହେଉଛି। ସାଂସଦ ରାଜଶ୍ରୀଙ୍କର ବିଭିନ୍ନ ୱାର୍ଡରେ ପ୍ରଚାର ଶୈଳୀ, ବିଜେଡି ପ୍ରାର୍ଥୀଙ୍କୁ ଓ ଅଧ୍ୟକ୍ଷା ପ୍ରାର୍ଥିନୀ ରାଜଶ୍ରୀ ମହାପାତ୍ରଙ୍କୁ ବିପୁଳ ମାତ୍ରାରେ ଭୋଟ ଦେଇ ବିଜୟୀ କରିବାକୁ ସାଂସଦଙ୍କ ଏପରି ପ୍ରଚାର ଭୋଟରଙ୍କ ହୃଦୟ ଛୁଇବା ଭଳି ହୋଇଛି ବୋଲି ବରିଷ୍ଠ ରାଜନେତାମାନେ ଆଶ୍ଚର୍ଯ୍ୟ ପ୍ରକଟ କରୁଛନ୍ତି।

# ରାଜଶ୍ରୀ ଜିତିବ:ଅଞ୍ଜନା



ବିଜେଡି ଅଧ୍ୟକ୍ଷ ପ୍ରାର୍ଥିନୀ, ରାଜଶ୍ରୀ

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଜଗତସିଂହପୁର ସହରରେ ପୌର ନିର୍ବାଚନ ଏକ ପାଖିଆ ହେବାର ଆଶଙ୍କା ସୃଷ୍ଟି କରୁଥିବା ଆଲୋଚନା ହେଉଛି। ପଞ୍ଚାୟତ ନିର୍ବାଚନ ଭଳି ପୌର ନିର୍ବାଚନରେ ଜଗତସିଂହପୁର ପୌର ଅଧ୍ୟକ୍ଷା ବିଜେଡି ପ୍ରାର୍ଥିନୀ ରାଜଶ୍ରୀ ମହାପାତ୍ର ବହୁ ଭୋଟରେ ବିଜୟୀ ହେବା ନେଇ ଦୃଢତା ବା ଦମ୍ଭର ସହିତ ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ମହିଳା ସୁରକ୍ଷା ସଂଗଠନ "ତେଜସ୍ୱିନୀ"ର ସଭାନେତ୍ରୀ ଅଞ୍ଜନା ସାହୁ "ସଂପର୍କବାର୍ତ୍ତା"କୁ ସୂଚନା ଦେଇଛନ୍ତି ଏବଂ ଚ୍ୟାଲେଞ୍ଜ ମଧ୍ୟ କରି କହୁଛନ୍ତି ମୋ ସଂଗଠନ ତରଫରୁ ତିନି ହଜାର ଭୋଟ ବିଜେଡି ପ୍ରାର୍ଥିନୀ ରାଜଶ୍ରୀଙ୍କୁ ଦିଆଯିବ। ରାଜ ମୁକୁଟ କାହା ଭାଗ୍ୟରେ ଥିବ ସେଇଟା ଭଗବାନଙ୍କୁ ଜଣା। ଦୀର୍ଘ ଦୁଇବର୍ଷରୁ ଊର୍ଦ୍ଧ୍ୱ ହେବ ପ୍ରାର୍ଥିନୀ ରାଜଶ୍ରୀ ମହାପାତ୍ରଙ୍କ ସ୍ୱାମୀ ପ୍ରିୟବ୍ରତ ମହାପାତ୍ର(ବୁଲୁ ଭାଇନା) ଚାଣକ୍ୟ ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ସହିତ ରହି ଦଳୀୟ କାର୍ଯ୍ୟକ୍ରମ

## ଜଗତସିଂହପୁର ପୌର ନିର୍ବାଚନ

ପରିଚାଳନାରେ ସହଯୋଗ କରିଆସୁଛନ୍ତି। ପୌର ଅଧ୍ୟକ୍ଷା ପ୍ରାର୍ଥୀ ପାଇଁ ଆଶାୟୀ ଥିବା ବେଳେ ଅଧ୍ୟକ୍ଷ ପଦବୀଟି ମହିଳାଙ୍କ ପାଇଁ ସଂରକ୍ଷଣ ହେବା ଓ ପ୍ରତ୍ୟେକ୍ଷ ନିର୍ବାଚନ ନେଇ ଘୋଷଣା ହେଲା। ଯାହା ହେଲେ ବି ତାଙ୍କର ଧର୍ମ ପତ୍ନୀଙ୍କୁ(ରାଜଶ୍ରୀ) ବିଜୁ ଜନତା ଦଳ ତରଫରୁ ଅଧ୍ୟକ୍ଷ ପଦ ପାଇଁ ପ୍ରାର୍ଥୀ ମନୋନୟନ କରାଯାଇଛି।



ସଭାନେତ୍ରୀ, ଅଞ୍ଜନା

ତାଙ୍କ ସହିତ ପ୍ରତ୍ୟେକ ୱାର୍ଡରେ ପ୍ରଚାରରେ ମୁଁ(ଅଞ୍ଜନା) ଭାଗୀଦାରୀ ହୋଇ ମୋର ଦଳ ପ୍ରତି କର୍ତ୍ତବ୍ୟ ନିର୍ବାହ କରିଚାଲିଛି। ତା ସହିତ ମୋ ସଂଗଠନ "ତେଜସ୍ୱିନୀ" ସଂପୂର୍ଣ୍ଣ ରୂପେ ମହିଳାଙ୍କ ସୁରକ୍ଷା ଓ ସମ୍ମାନ ପାଇଁ କାର୍ଯ୍ୟ କରୁଥିବାରୁ ମୋ ତରଫରୁ ପ୍ରାୟ ୩ ହଜାର ସମର୍ଥକ ଅଧ୍ୟକ୍ଷା ପ୍ରାର୍ଥିନୀ ରାଜଶ୍ରୀଙ୍କୁ ଭୋଟ ଦେବା ଲାଗି ନିଷ୍ପତ୍ତି ନେଇଥିବାରୁ ବିଜେଡି ପ୍ରାର୍ଥୀ ରାଜଶ୍ରୀ ବିଜୟୀ ହେବା ଏକ ପ୍ରକାର ନିଶ୍ଚିତ ବୋଲି ଦମ୍ଭର ସହିତ କହୁଛି ବୋଲି ଅଞ୍ଜନା ପ୍ରକାଶ କରୁଛନ୍ତି।

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା
ମାର୍ଚ୍ଚ ୨୧ ରୁ ୨୭, ୨୦୨୨, ଜଗତସିଂହପୁର
March 21 to 27, 2022, Jagatsinghpur


# ସୁପ୍ରିମ୍ କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବାପାଙ୍କ ସହ ସଂପର୍କ ନରଖିଲେ ଝିଅକୁ ମିଳିବ ନାହିଁ ଖର୍ଚ୍ଚ କରବାକୁ ଟଙ୍କା ଏ ନେଇ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି ମାନ୍ୟବର ସୁପ୍ରମ୍‌କୋର୍ଟ ଗୁରୁବାର କୋର୍ଟ କହିଛନ୍ତି ଯେ, ଝିଅ ଯଦି ନିଜ ବାପାଙ୍କ ଠାରୁ ଅଲଗା ହୋଇଯାଏ ବା ବାପାଙ୍କ ସହ କୌଣସି ସଂପର୍କ

**ବାପାଙ୍କ ସହ ସଂପର୍କ ନରଖିଲେ ଝିଅକୁ ମିଳିବନି କୌଣସି ଅର୍ଥ**




ନରଖେ ତେବେ ବାପା-ଝିଅର କୌଣସି ଖର୍ଚ୍ଚ ଉଠାଇବାକୁ ବାଧ ନୁହନ୍ତି।

ଏୀର୍ଷ ଅଦାଲତ ଉକ୍ତ ମହିଳାଙ୍କ ସାମୀଙ୍କୁ ସମସ୍ତ ଦାବି ପୂରଣ କରିବାକୁ କହିବା ସହିତ ୧୦ଲକ୍ଷ ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ରହିଥିବା ବେଳେ ଏହା ରାଶି ଅଭିଯୋଗକାରିଣୀ ପତ୍ନୀଙ୍କୁ ପ୍ରଦାନ କରାଯିବା ସୁପ୍ରିମ୍ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯଦି ଜମା ତାରିଖରେ ଏକ ମାସ ମଧରେ ରାଶିର ଦାବି ନକରନ୍ତି ତେବେ ଏହା ୯୧ଦନର ଏଫ୍‌ଡିଆରରେ ରଖାଯିବା ଝିଅର ଶିକ୍ଷା ଏବଂ ବାହାଘର ଖର୍ଚ୍ଚକୁ ନେଇ ଏକ ଅଭିଯୋଗରେ କୋର୍ଟ କହିଛନ୍ତି ଯେ ଝିଅର ବୟସ ଏବେ ୨୦ବର୍ଷ ଭବିଷ୍ୟତର ରାସ୍ତା ବାଛିବା ପାଇଁ ତାର ଅଧିକାର ଅଛି। କିନ୍ତୁ ଆବେଦନକାରୀ ଶିକ୍ଷା ପାଇଁ ଭତ୍ତା ରାଶିର ନିର୍ଦ୍ଧାରଣ କରିବା ଜରୁରୀ। ଆମେ ବର୍ତ୍ତମାନ ମଧ ଧନ ଦେଉଛୁ ଯେ ପ୍ରତିପକ୍ଷ ଯଦି ଝିଅକୁ ସମର୍ଥନ କରିବାକୁ ଚାହାଁନ୍ତି ତେବେ ବଂଚିବା ପାଇଁ ଖର୍ଚ୍ଚ ଦେଇପାରିବେ ବୋଲି କୋର୍ଟ କହିଛନ୍ତି। ସୂଚନା ଥାଉକି ,୧୯୯୮ମସିହାରେ ହିନ୍ଦୁ ରିତିନୀତି ଅନୁସାରେ ଏକ ଦମ୍ପତ୍ତି ବିବାହ କରିଥିଲେ। ପରେ ୨୦୦୧ରେ ସେମାନେ ପରସ୍ପତ ଠାରୁ ଅଲଗା ହୋଇଯାଇଥିଲେ। ସେତେବେଳେ ତାଙ୍କର ଏକ ଝିଅ ଜନ୍ମ ହୋଇଥିଲା ଝିଅର ହକ୍ ପାଇଁ କୋର୍ଟରେ କେସ୍ ହୋଇଥିଲ।

# ଆମ ଅସ୍ତ୍ରଶସ୍ତ୍ର ଅତ୍ୟନ୍ତ ସୁରକ୍ଷିତ ଓ ଭରସାଯୋଗ୍ୟ:ରାଜନାଥ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାରତର ମିଜାଇଲ୍ ଦୁର୍ଘଟଣା ବଶତଃ ପାକିସ୍ତାନରେ ପଡିନା ଘଟଣା ନେଇ ରାଜ୍ୟସଭାରେ ମନ୍ତବ୍ୟ ରଖିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ୯ମାର୍ଚ୍ଚ ୨୦୨୨ସଂଧା ୭ଟାବେଳେ ମିଜାଇଲ୍ ସିଷ୍ଟମ ମେଣ୍ଟନାକ୍ସ ବେଳେ ଗୋଟିଏ ମିଜାଇଲ୍ ଦୁର୍ଘଟଣା ବସତଃ ପାକିସ୍ତାନରେ ପଡିଥିଲା
ଏହା ଅତ୍ୟନ୍ତ ଦୁଃଖଦ ବୋଲି କହିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ତେବେ ଏଥିରେ କାହାର କୌଣସି କାହାର କୌଣସି କ୍ଷୟକ୍ଷତି ହୋଇନଥିଲେ ମଧ ଘଟଣାକୁ ସରକାର ଗମ୍ଭୀରତାରେ ସହ ନେଇଛନ୍ତି। ଯାଂଚ ପରେ କାହିଁକି ଏଭଳି ଘଟିଲା , ତାହାର ସଠିକ୍ କାରଣ ଜଣାପଡିବ । ତଦନ୍ତ ବେଳେ ଯଦି କିଛି ଅସୁବିଧା ଥିବା ଜଣାପଡିବ ତେବେ ଏହାକୁ ଦୂର କରାଯିବ ବୋଲି କହିଛନ୍ତି ରାଜନାଥ ଅସ୍ତ୍ର ଶସ୍ତ୍ର ଓ ମିଜାଇଲ୍ ରକ୍ଷାଣାବେକ୍ଷଣ ପାଇଁ ଥିବା ସୋପ ସମୀକ୍ଷା କରାଯିବ ଆମ ଅସ୍ତ୍ରଶସ୍ତ୍ର ଅତ୍ୟନ୍ତ



ସୁରକ୍ଷିତ ଓ ଭରସାଯୋଗ୍ୟ ବୋଲି ରାଜନାଥ ସିଂହ କହିଛନ୍ତି। ଏଭଳି ପରିସ୍ଥିତର ମୁକାବିଲା ପାଇଁ ଆମ ସଶସ୍ତ୍ର ବାହିନୀ ତାଲିପ୍ରାପ୍ତ ବୋଲି ରାଜ୍ୟ ସଭାରେ କହିଛନ୍ତି ରାଜନାଥ। ସୂଚନାନୁସାରେ ଭାରତରୁ ଭୁଲରେ ମିଜାଇଲ ଫାୟାର ହୋଇ ପାକିସ୍ତାନରେ ପଡିଥିଲା ହରିୟାଣାର ଶିର୍ସାରୁ ଭୁଲରେ ଫାୟାର ହୋଇ ପାକିସ୍ତାନରେ ପଡିଥିଲା ଭାରତ ସୀମା ଠାରୁ ୧୨୪କିମି ଦୂର ପାକିସ୍ତାନ ଭିତରେ ପଡିଥିଲା ଏହି ମିଜାଇଲ ତେବେ ମିଜାଇଲରେ କୌଣସି ବିସ୍ଫୋରକ ନଥିବାରୁ କିଛି କ୍ଷତି ହୋଇନାହିଁ ମିଜାଇଲ ଭୁଲରେ ପଳାଇଥିବା ସ୍ୱୀକାର କରିଥିଲା ଭାରତୀୟ ସେନା ଭୁଲରେ ମିଜାଇଲ ପଳାଇବା ନେଇ କୋର୍ଟ ଅଫ୍ ଇନକ୍ୱାରୀ ଆଦେଶ ହୋଇଛି । ତେବେ ଏହା ଭୁଲବଶତଃ ହୋଇଯାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷର ତ୍ରୁଟି ସ୍ୱୀକାର କରାଯାଇଛି। ଗୁରବାର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କହାଯାଇଛି ଯେ ଗତ ସପ୍ତାହରେ କୌଣସି ଯାନ୍ତ୍ରିକ କାରଣରୁ କ୍ଷେପଣାସ୍ତ୍ରଟି ମାଟିକୁ ନିକ୍ଷେପ ହୋଇଯାଇଥିଲେ ଏଥରେ ଆମେଦୁଃଖ ପ୍ରକାଶ କରୁଛୁ।

# ପାରିବାରିକ ରାଜନୀତିକୁ ପ୍ରଧାନମନ୍ତ୍ରୀଙ୍କ ଟାର୍ଗେଟ୍

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ବିଜେପି ସଂସଦୀୟ ଦଳ ବୈଠକ ସମାପ୍ତ ହୋଇଛି । ପ୍ରଧାନମନ୍ତ୍ରୀଙ୍କ ସେମତ ରାଜନାଥ ସିଂ ଜେପି ନଡ୍ଡା ଅମିତ ଶାହା ଆଜି ଯୋଗ ଦେଇଥିଲେ। ନିକଟରେ ଶେଷ ହୋଇଥିବା ପାଂଚ ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ବିଜେପିର ରଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ମାଳ ଦେଇ ଭବ୍ୟ ସାଗତ କରାଯାଇଥିଲା
ଏହା ପରେ ପ୍ରଧାନମନ୍ତ୍ରୀ ସାଂସଦ ମାନଙ୍କୁ ସମ୍ବୋଧିତ କରିଥିଲେ।

ଏହି ସମୟରେ ପ୍ରଧାନମନ୍ତ୍ରୀ ରାଜନୀତରେ ପରିବାରବାଦ ପ୍ରସଂଗ ଉଠାଇତିଲେ। ସୂଚନାନୁରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବିଜେପି ସାଂସଦ କିମ୍ବା ମନ୍ତ୍ରୀଙ୍କୁ ପୁଅ ।ଝିଅ ମାନଙ୍କୁ ଯଦି ଟିକେଟ୍ କଟାଯାଏ ତେବେ ସେଥି ପାଇଁ ମୁଁ ଦାୟୀ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପାର୍ଟିରେ



ପରିବାରବାଦକୁ ରାଜନୀତିକୁ ଅନୁମତି ଦିଆଯିବ ନାହିଁ । ଅନ୍ୟ ଦଳରେ ପାରିବାରିକ ରାଜନୀତି ବିରୋଧରେ ଲଡେଇ କରାଯିବ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ପରିବାରିକ ଦଳଦେଶକୁ ଫମ୍ପା କରୁଛନ୍ତି। ଏହି ବୈଠକ ପୂର୍ବରୁ ସ୍ୱର୍ଗତ ଲତା ମଙ୍ଗେଶକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲ। ଏହି ଅବସରରେ ପ୍ରଦାନମନ୍ତ୍ରୀ ସାଂସଦ ମାନଙ୍କୁ କହିଛନ୍ତି ଯେ ସେମନାଙ୍କ ସଂସଦୀୟ କ୍ଷେତ୍ରରେ ୧୦୦ବୁଥ ଚିହ୍ନଟ କରନ୍ତି ଯେଉଁଠାରେ ଦଳକୁ କମ୍ ଭୋଟ୍ ମିଳିଛି ତାର କାରଣ ସମିକ୍ଷା କରିବାକୁ କହିଛନ୍ତି। ଏହି ସମୟରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ୟୁକ୍ରେନ୍ ସଂଙ୍କର ଉପରେ ସାଂସଦ ମାନଙ୍କୁ ସୂଚନା ଦେଇଛନ୍ତି। ସେଠାରେ ଫସିଥିବା ଭାରତୀୟ ମାନଙ୍କୁ ଅପରେଶନ ଗଙ୍ଗା ଜରିଅରେ କିପରି ସାହାଯ୍ୟ କରାଯାଉଛି ସେ ନେଇ ସବିଶେଷ ସୂଚନା ଦେଇଥିଲେ।

# ଗାନ୍ଧୀ ପରିବାର ଛାଡନ୍ତୁ କଂଗ୍ରେସର ନେତୃତ୍ୱ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପାଂଚଟି ରାଜ୍ୟରେ ବିଧାନସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ କଡା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଆଉ ଜଣେ କଂଗ୍ରେସ ଅନୁଗତ। ଗାନ୍ଧୀ ପରିବାର ହାତରୁ କଂଗ୍ରେସର ନେତୃତ୍ୱ କଢାଯାଇ ଅନ୍ୟ କାହା

**ସୋନିଆଙ୍କ ଉପରେ ଖପ୍ପା କଂଗ୍ରେସ ଅନୁଗତ**




ହାତରେ ଦିଆଯିବା ଆବଶ୍ୟକ ବୋଲି କହିବା ସହିତ ସିଧା ସଳଖ ସୋନିଆ ଗାନ୍ଧୀଙ୍କୁ ଆକ୍ରମଣ କରିଛନ୍ତି। ଏକଦା କଂଗ୍ରସ ତଥା ଗାନ୍ଧି- ନେହେରୁ ପରିବାର ସବୁଠାରୁ ଘନିଷ୍ଠ ଥିବା କପିଲ ସିବଲ୍ ଏଭଳି ମନ୍ତବ୍ୟ ଦେଇଛନ୍ତି। କଂଗ୍ରେସର ବିଫଳତା ପାଇଁ ଗାନ୍ଧୀ ପରିବାରକୁ ଦୋଷାରୋପ କରିବା ସହିତ ସିଧାସଳଖ ସମାଲୋଚନା ମଧ କରିଛନ୍ତି। ୧୩୦ବର୍ଷର ଇତିହାସରେ ଏହା କଂଗ୍ରେସର ସବୁଠାରୁ ଖରାପ ସମୟ ବୋଲି କହିଛନ୍ତି ସିବଲ୍ ଏହା ସହିତ ନେତୃତ୍ୱ ପରିବ ର୍ତନ ନହେଲେ ଏହି ସମସ୍ୟା ଆହୁରି ଗମ୍ଭୀର ହେବ ବୋଲି ମଧ ସେ ଚେତାଇ ଦେଇଛନ୍ତି। ପୂର୍ବରୁ କଂଗ୍ରେସରେ ସୁଧାର ଦାବି କରିବା ସହିତ ବିଦ୍ରୋହୀ ଜି- ୨୩ଗ୍ରୁପର ନେତୃତ୍ୱ ନେଇଥିଲେ ସବିଲ୍ ବିଗତ ୮ବର୍ଷ ଧରି କଂଗ୍ରେସ ଅଧୋପତନ ଜାରି ରହିଥିଲେ ହେଁ ଗାନ୍ଧି ପରିବାର ଏଥିରୁ ଶିକ୍ଷା ଲାଭ କରୁନାହାନ୍ତି। ସମାନ ଅଭିଯୋଗ ନେଇ ୨୦୨୦ରେ କପିଲ ଜି- ୨୩ରେ ଚିଠି ଲେଖିଥିଲେ ହେଁ ଏହାର କୌଣସି ପରିମାଣ ବାହାରି ନଥିଲା ଏହା ସହିତ ସେ ସମସ୍ତଙ୍କ ପାଇଁ କଂଗ୍ରେସ ଦଳ ଚାହାନ୍ତି ମାତ୍ର ବର୍ତ୍ତାମାନ ଏହା କେବଳ ଗୋଟିଏ ପରିବାରରେ ସୀମିତ ରହିବା ମୋତେ କଷ୍ଟ ଦେଉଛି ବୋଲି କହିଛନ୍ତି ସିବଲ୍ ଏହା ସହିତ ସିବଲ୍ କହିଛନ୍ତି ନେତୃତ୍ୱକୁ ନେଇ ଅସନ୍ତୋଷ ଜାହିବା କରିବା ସହିତ ଅନେକ ବିଧାୟକ ଏବଂ ସାଂସଦ ଦଳ ଛାଡୁଛନ୍ତି। ୨୦୧୪ପରଠାରୁ ୧୭୭ଜଣ ସାଂସଦ ଓ ୨୨୨ବିଧାୟକ ଦଳ ଛାଡି ସାରିଲେଣି ମାତ୍ର ଶୀର୍ଷ ସ୍ତରୀୟ ନେତୃତ୍ୱଙ୍କର ଏଥିପ୍ରତି ନିଘା ନାହିଁ ବୋଲି କହିଛନ୍ତି। ଗାନ୍ଧୀ ପରିବାରୁ ହାତରୁ ନଯିବା ପର୍ଯ୍ୟାନ୍ତ ଏହି ସମସ୍ୟାର ସମାଧାନ ହେବ ନାହିଁ ବୋଲି ସିବଲ କହିଛନ୍ତି।

# ମସାଜ୍ ବାହାନାରେ ବିଦେଶିନୀଙ୍କୁ ଦୁଷ୍କର୍ମ

**ଜୟପୁର(ସଂପର୍କବାର୍ତ୍ତା):-** ମସାଜ୍ କରିବା ବାହାନାରେ ଦୁଷ୍କର୍ମକାଣ୍ଡ। ଏମିତି ଏକ ସଙ୍ଗିନ୍ ଅଭିଯୋଗ ଜଣେ ବିଦେଶିନୀ ଆଣିଛନ୍ତି। ରାଜସ୍ଥାନ ଗସ୍ତରେ ଆସିଥିବା ଜଣେ ନେଦରଲ୍ୟାଣ୍ଡ ମହିଳା ଏଭଳି ଅଭିଯୋଗ ଆଣିଛନ୍ତି। ରାଜଧାନୀ ଜୟପୁରରେ ଏକ ହୋଟେଲ୍‌ରେ ଏଭଳି ଘଟଣା ଘଟିଛି। ତାଙ୍କୁ ଆୟୁର୍ବେଦିକ ମସାଜ ସର୍ଭିସ୍ ଯୋଗେଇଦେବା ବାହାନାରେ ଦୁଷ୍କର୍ମ କରାଯାଇଥିବା ଅଭିଯୋଗ ହୋଇଛି। ନେଦରଲ୍ୟାଣ୍ଡରୁ ମହିଳା ଜଣକ ରାଜସ୍ଥାନ



ପରିଦର୍ଶନରେ ଆସିଛନ୍ତି। ଅଭିଯୋଗ ପରେ ସିନ୍ଧିକ୍ୟାମ୍ପ ପୋଲିସ୍ ଷ୍ଟେସନ୍‌ରେ ଏକ ମାମଲା ରୁଜୁ ହୋଇଛି। ତେବେ ଅଭିଯୋଗର ୪ ଘଣ୍ଟା ପରେ ଅଭିଯୁକ୍ତଙ୍କୁ ଗିରଫ କରିଛି ପୋଲିସ୍। ଅଭିଯୁକ୍ତଙ୍କ ଘର କେରଳରେ ବୋଲି ଜଣାପଡିଛି। ଜୟପୁରର ଖାଟିପୁରା ଅଞ୍ଚଳରେ ସଂପୃକ୍ତ ଅଭିଯୁକ୍ତ ଜଣକ କେରଳକୁ ଖସିଯାଉଥିବା ବେଳେ ପୋଲିସ୍ ହାତରେ ଧରାପଡିଛି। ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଉଥିବା ଡିସିପି ରିଚା ତୋମାର କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

# ଋଷ...

ବିଶେଷଜ୍ଞ ନରେନ୍ଦ୍ର ତନେଜା ବିବିସିକୁ ଦେଇଥିବା ଏକ ପ୍ରତିକ୍ରିୟାରେ କହିଛନ୍ତି ଯେ, ଭାରତ ଅଧିକ ତେଲ ଆମଦାନୀ ନ କରିପାରିବାର କାରଣ ହେଉଛି ଋଷର ଭୌଗଳିକ ସ୍ଥିତି। ଋଷରେ ଯେଉଁ ଅଞ୍ଚଳରୁ ତେଲ ଉତ୍ପାଦନ ହେଉଛି ତାହା ପୂର୍ବାଞ୍ଚଳ ଠାରୁ ଦୂରରେ ରହିଛି। ତେବେ ଉତ୍ତରାଞ୍ଚଳର ଅଧିକାଂଶ ସ୍ଥାନ ବରଫରେ ଆଚ୍ଛାଦିତ ରହୁଥିବାରୁ ସେଠାରୁ ତେଲ ଆଣିବାରେ ସମସ୍ୟା ସୃଷ୍ଟି ହେଉଛି। ଏପଟେ ତୃତୀୟ ରାସ୍ତା ହେଲା ବ୍ଲାକ୍ ସି। ଯାହା ଏବେ ଯୁଦ୍ଧ କାରଣରୁ ବନ୍ଦ ରହିଛି। ତେଣୁ ଭାରତ ତେଲ ଆଣିବ ତ କେମିତି ଆଣିବ ?

ଏପଟେ ଭାରତର ସ୍ଥିତିକୁ ଦେଖିଲେ ଗତ ୧୦ ବର୍ଷରେ ଭାରତ ତେଲ ଆମଦାନୀ ନେଇ ଗୋଟିଏ ଦେଶ ଉପରେ ନିର୍ଭରଶୀଳତା କମାଇବା ପାଇଁ ଆମେରିକା ଓ ଋଷ ଭଳି ଦେଶରୁ ତେଲ କିଣିବା ଆରମ୍ଭ କରିଛି। ନରେନ୍ଦ୍ର ତନେଜାଙ୍କ କହିବା ଅନୁସାରେ, ତେଲ ଓ ପ୍ରାକୃତିକ ଗ୍ୟାସ କ୍ଷେତ୍ରରେ ଭାରତ ଋଷରେ ୧୬ ବିଲିୟନ୍ ଡଲାର ନିବେଶ କରିଛି। ହେଲେ ଆମଦାନୀରେ ସମସ୍ୟା ଯୋଗୁ ଏହି ତେଲ ଭାରତ କିଣେ ନାହିଁ। ଅନ୍ୟ ଦେଶକୁ ବିକ୍ରି କରିଦେଇଥାଏ। ତେବେ ବର୍ତ୍ତମାନ ଯୁଦ୍ଧ କାରଣରୁ ତେଲ କିଣାଯାଉ ନାହିଁ ଏଥିପାଇଁ ପାଇଁ ସାରା ବିଶ୍ୱରେ ତେଲ

ଦର ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ଋଷ ଭାରତକୁ କମ୍ ମୂଲ୍ୟରେ ତେଲ ବିକ୍ରି କରିବାକୁ ରାଜି ହୋଇଛି। ଆଉ ଭାରତ ଏଭଳି ପ୍ରସ୍ତାବକୁ ହାତଛଡା କରିବାକୁ ଚାହୁଁନଥିବା ବେଳେ ଋଷରୁ ତେଲ ଆମଦାନୀ କରିବା କାଠିକର ପାଠ ହୋଇପଡିଛି।

ସେହିପରି ଏ ଦିଗରେ ବାଖ୍ୟା କରି ପୂର୍ବତନ କେନ୍ଦ୍ର ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ କହିଛନ୍ତି ଯେ ଋଷରୁ ତେଲ କିଣିବା ପାଇଁ କେବଳ ଆମେରିକାରେ ପ୍ରତିବନ୍ଧକ ଲାଗିଛି। ଭାରତ କିନ୍ତୁ ଋଷ ଠାରୁ ତେଲ କିଣିପାରିବ। ହେଲେ ଋଷରୁ ତେଲ ଆମଦାନୀ ହେବ କେମିତି। ସାଇବେରିଆ ସାଇଟ୍‌ରେ ଋଷ ନିଜ ସାମଗ୍ରୀ ପହଞ୍ଚାଇପାରୁ ନଥିବା ବେଳେ ବ୍ଲାକ୍ ସି ରାସ୍ତା ବନ୍ଦ। ଏପଟେ ତେଲ କିଣିଲେ ମୂଲ୍ୟ ଦେବାରେ ବି ସମସ୍ୟା ରହିଛି। କାରଣ ଭାରତ-ଋଷ ମଧ୍ୟରେ ଆମଦାନୀ ଓ ରପ୍ତାନୀ ସମାନ ନୁହେଁ। ଭାରତ ଋଷ ଠାରୁ ଅଧିକ କିଣେ, କମ୍ ବିକ୍ରି କରିବାକୁ ଚାହୁଁ ନାହିଁ। ଭାରତ ମଧ ଋଷ ଟଙ୍କା ରୁବଲ୍‌ରେ କାରବାର କରିବାକୁ ରାଜି ହେଉ ନାହିଁ। ଯଦି ଚୀନ କଥା ଦେଖିବା ତେବେ ଚୀନ ଋଷ ଠାରୁ ଗ୍ୟାସ୍ ଓ ତେଲ ନେବା ପାଇଁ ପାଇପ୍‌ଲାଇନ୍ ବିଛାଇଛି। ହେଲେ ଭାରତ ପାଖରେ ଏହି ସୁବିଧା ନାହିଁ। ତେବେ ଆଉ ଏକ ଉପାୟ ହେଲା ତେଲ ପରିବହନ କରୁଥିବା ଜାହାଜ। କିନ୍ତୁ ଯୁଦ୍ଧ ସମୟରେ ଜାହାଜ ମିଳିବା ମୁସ୍କିଲ୍। ଆଉ ଯଦି ବି ଜାହାଜ ମିଳିଲା ତେବେ ବୀମା କରାଇବା ସମ୍ଭବ ନୁହେଁ। ନରେନ୍ଦ୍ର ତନେଜାଙ୍କ ସୂଚନା ଅନୁସାରେ, ଭାରତରେ ପ୍ରତିଦିନ ୫.୨ ମିଲିୟନ ବେରଲ ତେଲ ବ୍ୟବହାର ହୋଇଥାଏ। ଏ କ୍ଷେତ୍ରରେ ଭାରତ ବିଶ୍ୱର ତୃତୀୟ ବଡ ଉପଭୋକ୍ତା। ଆଉ ଯଦି ବି ଭାରତ ଋଷ ଠାରୁ ଏକ ଲକ୍ଷ କିମ୍ବା ଦୁଇ ଲକ୍ଷ ବ୍ୟାରେଲ ତେଲ ଆମଦାନୀ କରେ ତେବେ ଭାରତରେ ତେଲ ମୂଲ୍ୟରେ କିଛି ପ୍ରଭାବ ପଡିବ ନାହିଁ।

# ଆମେରିକା...

ତେଲ ବେପାର ଆମେରିକାକୁ କାହିଁକି ବିନ୍ଧୁଛି ତାହା ଏବେ ଏହି ତଥ୍ୟରୁ ସ୍ପଷ୍ଟ ହୋଇଯାଇଛି। ଶନିବାର ଆସିଥିବା ରୟଟର୍ସର ରିପୋର୍ଟ ଅନୁସାରେ ଚଳିତ ବର୍ଷ ଆମେରିକାରୁ ଭାରତ ତେଲ ଆମଦାନୀ ୧୧ ପ୍ରତିଶତ ବଢିଛି। ଏହା ଆଗକୁ ଆହୁରି ବଢିବାର ସମ୍ଭାବନା ରହିଛି। ଆମେରିକା ଏବେ ଭାରତରେ ତେଲ ବିକ୍ରିରେ ୪ର୍ଥ ସ୍ଥାନରେ ରହିଛି। ଭାରତ ସବୁଠାରୁ ଅଧିକ ୨୩ ପ୍ରତିଶତ ତେଲ ଇରାକରୁ ଆମଦାନୀ କରୁଥିବା ବେଳେ ଏହା ପଛକୁ ସାଉଦିଆରବ ୧୮ ପ୍ରତିଶତ ଓ ୟୁଏଇ ୧୧% ରପ୍ତାନୀ କରୁଛନ୍ତି। ଏମିତି ସ୍ଥିତିରେ ଯଦି ଭାରତ ଋଷର ଅଫର୍ ଗ୍ରହଣ କରିନିଏ ତେବେ ଆମେରିକାର ତେଲ ବେପାର ଉପରେ ପ୍ରଭାବ ତ ନିଶ୍ଚିତ ପଡିବ।

# ସିଲ୍‌ଭର୍...

ରଖିଛନ୍ତି। ବିପକ୍ଷରେ ବିଜେପି ତରଫରୁ ଅଭିନେତା ଶ୍ରୀତମ ଦାସ ପ୍ରାର୍ଥୀ ହୋଇଥିବାବେଳେ କଂଗ୍ରେସରୁ ପ୍ରାର୍ଥୀ ହୋଇଛନ୍ତି ଗିରିବାଳା ବେହେରା। ଏପଟେ ରାଜ୍ୟସଭା ସାଂସଦରୁ ମେୟର ପାଇଁ ପ୍ରାର୍ଥୀ ହୋଇଥିବା ସୁବାସ ସିଂ ମଇଦାନରେ ଜୋରଦାର ଲଢେଇ ଜାରି ରଖିଛନ୍ତି। ଲୋକଙ୍କ ବିପୁଳ ସମର୍ଥନ ମଧ ହାସଲ କରୁଛନ୍ତି। ଗଳି କନ୍ଦିରେ ସୁବାସଙ୍କ ପ୍ରତି ଥିବା ଜନସମର୍ଥନ ସ୍ପଷ୍ଟ ବାରି ହୋଇପଡୁଛି। ତେବେ ୨୪ରେ ପୌର ଭୋଟ ପଡିବାକୁ ଥିବାବେଳେ ଆଜି ଅର୍ଥାତ ରବିବାର ବିଜେଡି ହାତେଇଛନ୍ତି ବଡ ସମର୍ଥନ। ଅନେକ ବଡ ବଡ ସଂଗଠନ ବିଜେଡି ପ୍ରାର୍ଥୀ ସୁବାସ ସିଂଙ୍କୁ ସମର୍ଥନ କରିଛନ୍ତି। ସୁବାସଙ୍କ ନେତୃତ୍ୱରେ କଟକର ଉନ୍ନତି ହେବା ନେଇ ଆଶା ପ୍ରକାଶ କରିଛନ୍ତି।

# ୨୦୨୩ ସୁଦ୍ଧା ମୂଳପୋଛ କଂଗ୍ରେସ !

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦେଶର ସର୍ବପୂରାତନ ଦଳ କଂଗ୍ରେସ ବର୍ତ୍ତମାନ ବଡ ସଙ୍କଟ ଦେଇଗତି କରୁଛି। ନିକଟରେ ଶେଷ ହୋଇଥିବା ୫ଟି ରାଜ୍ୟର ବିଧାନସଭା ନିର୍ବାଚନର ଫଳାଫଳ ଏହା ପୁନର୍ବାର ପ୍ରମାଣିତ କରିଛି । ଗତ ୨୦୧୯ରେ ସମଗ୍ର ଦେଶରେ କଂଗ୍ରେସ ୫ଟି ରାଜ୍ୟରେ ଶାସନ କରୁଥିଲେ ।ପରେ ୨୦୨୦ରେ ଏହା ୪,୨୦୨୨ରେ ଏହା ୩କୁ ଖସି ଆସିଥିଲା ବର୍ତ୍ତମାନ ଦେଶର ମାତ୍ର ଦୁଇଟି ରାଜ୍ୟ ଛତିଶଗଡ ଓ ରାଜସ୍ଥାନରେ କଂଗ୍ରେସ ଶାସନ ରହିଛି। ଯଦି ଦଳର ସ୍ଥିତିରେ ସୁଧାର ନଆସେ ତେବେ ୨୦୨୩ରେ ଏହି ଦୁଇ ରାଜ୍ୟକୁ ଯେ କଂଗ୍ରେସ ଶାସନ ରହିଛି। ଯଦି ଦଳର ସ୍ଥିତିରେ ନଆସେ, ତେବେ ୨୦୨୩ରେ ଏହି ଦୁଇ ରାଜ୍ୟକୁ ଯେ କଂଗ୍ରେସ ନ ହରାଇବ ସେକଥା କିଏ କହିବ ? ସମଗ୍ର ଭାରତବର୍ଷରେ କଂଗ୍ରେସ ଯଦି ଗୋଟିଏ ବି ରାଜ୍ୟରେ ସରକାର ଗଠନ କରି ନପାରିବ , ତେବେ ଏହା ଇତିହାସରେ ପ୍ରଥମ ଘଟଣା ହେବ। ୬୦ବର୍ଷ ଧରି ଭାରତକୁ ଶାସନ କରିଥିବା , କଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବ୍ୟାପ୍ତ ଥିବା ଏହି ଦଳର ଅବସ୍ଥା ସତରେ ସଙ୍କଟଜନକ । ନିକଟରେ ସମାପ୍ତ ହୋଇଥିବା ଦେଶର ସର୍ବବୃହତ ସଂସଦୀୟ କ୍ଷେତ୍ର ଉତ୍ତରପ୍ରଦେଶର ବିଧାନସଭା ନିର୍ବାଚନରେ ମୋଟ ୪୦୩ଟି ସିଟରୁ କଂଗ୍ରେସ ମାତ୍ର ୨ଟି ସିଟରୁ କଂଗ୍ରେସ ମାତ୍ର ୨ଟି ସିଟ୍ ପାଇଥିଲା ଦିନକୁ ଦିନ ପ୍ରତ୍ୟେକ ରାଜ୍ୟରେ ଅନ୍ତଃକନ୍ଧଳ ବଢିବା ସହ ଦଳରେ ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ଅପରପକ୍ଷେ କଂଗ୍ରେସର ଅଧପତନ ହେବା ଫଳରେ ବିଜେପି ଦିନକୁ ଦିନ ଶକ୍ତିଶାଳି ହେବାରେ ଲାଗିଛି। ତେବେ ଗାନ୍ଧୀ ପରିବାର ହାତରେ ଦଳର ରିମୋଟ୍ ରହିବା କାରଣରୁ ପ୍ରଦର୍ଶନ ହ୍ରାସ ପାଉଥିବା ବିଭିନ୍ନ ମହଲରେ ମହଲରେ ଚର୍ଚ୍ଚା ହେଲାଣି। ଏନେଇ ନିକଟରେ ବସିଥିବା କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ପୁଣି କଂଗ୍ରେସର ଡୋରି ଗାନ୍ଧୀ ପରିବାର ହାତରେ ରହିବ ବୋଲି ନିଷ୍ପତି ହୋଇଛି। କଂଗ୍ରେସର ଏହି ନିମ୍ନମୁଖ୍ୟ ଜୟଯାତ୍ରା ଯଦି ଜାରି ରୁହେ ,ତେବେ ବିଜେପିର ନାରା କଂଗ୍ରେସ ମୁକ୍ତ ଭାରତ ସଫଳ ହେବାକୁ ଆଉ ବେଶୀ ଦିନ ନୁହେଁ।




# ନବଜାତ ଶିଶୁଙ୍କୁ ହସ୍ପିଟାଲରେ ମିଳିବ ଆଧାର

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟରେ ଶତପ୍ରତିଶତ ଆଧାର ନମ୍ବର ଆବଣ୍ଟନ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ନବଜାତ ଶିଶୁଙ୍କୁ ହସ୍ପିଟାଲରେ ହିଁ ଆଧାର ପରିସରଭୁକ୍ତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ବାଲ ଆଧାର କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡିଶା ପ୍ରଥମ ରାଜ୍ୟ ଭାବେ ଏହି ସୁବିଧା । ହସ୍ପିଟାଲଗୁଡିକରେ ପ୍ରଚଳନ କରିବାକୁ ଯାଉଛି। ରାଜ୍ୟ ଆଇଟି ସଚିବ ମନୋଜ ମିଶ୍ର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ପିଲାଙ୍କ ପାଇଁ ବାଲ ଆଧାର କାର୍ଯ୍ୟକ୍ରମ ପୂର୍ବରୁ ଦେଶରେ କାର୍ଯ୍ୟକାରୀ ହେଉଛି। ତେବେ ଓଡିଶା ହେଉଛି ପ୍ରଥମ ରାଜ୍ୟ ଯିଏକି ହସ୍ପିଟାଲରେ ଏହି ଆଧାର ଯୋଗାଇବାକୁ ଯାଉଛି। ରାଜ୍ୟରେ ୦-୫ବର୍ଷ ବୟସର ପିଲାଙ୍କ ଆଧାର ପଞ୍ଜିକରଣ ପରିମାଣ ବେଶ୍ ନଗଣ୍ୟ ଥିବାରୁ ରାଜ୍ୟ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଏହାଦ୍ୱାରା ନବଜାତ ଶିଶୁ ଜନ୍ମ ହେବାମାତ୍ର ଏହି ଆଧାର ପଞ୍ଜିକୃତ ହୋଇପାରିବେ। ସରକାରଙ୍କ ନିଷ୍ପତ୍ତି ଅନୁସାରେ ନବଜାତ ଶିଶୁଙ୍କୁ ହସ୍ପିଟାଲରେ ବାୟୋମେଟ୍ରିକ ବିନା ହିଁ ଆଧାର ପଞ୍ଜିକୃତ କରାଯିବ। ବାଲ ଆଧାର ଅନ୍ତର୍ଗତ ସେମାନଙ୍କୁ ୧୨ଟି ସଂଖ୍ୟା ବିଶିଷ୍ଟ ନମ୍ବର ପ୍ରଦାନ କରାଯିବ। ନବଜାତ ଶିଶୁତ ଫଟୋ ଓ ଗାଁ ଠିକଣ ତଥ୍ୟକୁ ତାଙ୍କର ପିତାମାତାଙ୍କ ଆଧାର କାର୍ଡ ସହ ସଂଯୁକ୍ତ କରାଯାଇ ୧୨ଟି ସଂଖ୍ୟା ବିଶିଷ୍ଟ ଆଧାର ନମ୍ବର ଯୋଗାଇ ଦିଆଯିବ। ଯେତେବେଳେ ସମ୍ପୃକ୍ତ ଶିଶୁ ୫ବର୍ଷ ବୟସରେ ହୋଇଯିବୁ ନିଜର ବାୟୋମେଟ୍ରିକ ତଥ୍ୟ ଅପଡେଟ୍ କରାଇପାରିବେ। ସୂଚନାଯୋଗ୍ୟ ୦-୫ବର୍ଷ ବୟସର ପ୍ରାୟ ୪୦.୩୬ଲକ୍ଷ ପିଲା ରାଜ୍ୟରେ ଥିବାବେଳେ ସେଥିରୁ ମାତ୍ର ୧୪.୮୩ଲକ୍ଷ ପିଲା ଏପର୍ଯ୍ୟନ୍ତ ଆଧାର ପଞ୍ଜିକରଣ କରାଇ ପାରିଛନ୍ତି।



RNI Regd No : ODIODI/2016/74122
ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା
SAMPARK BARTA
ODIA WEEKLY
ମାର୍ଚ୍ଚ ୨୧ ରୁ ୨୭, ୨୦୨୨, ଜଗତସିଂହପୁର
March 21 to 27, 2022, Jagatsinghpur
www.samparkabarta.in




# ସିଧା ଧମକ: ସାଥିରେ ଆସ ନ ହେଲେ ମାଟିରେ ମିଶ !

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** କ'ଣ ହେଇଛି କେଜାଣି, ଚାଟୁକାରୀ କରିବାକୁ ଯାଇ ଏବେ ଧମକ ବି ଦେଲେଣି। ସାଥିରେ ଆସ, ନହେଲେ ମାଟିରେ ମିଶ ! ଏପରି ଧମକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଜଣେ ଅନୁଗତ ଦେଇଛନ୍ତି। ତାହା ପୁଣି କେବଳ ବିପକ୍ଷ ଦଳକୁ ନୁହେଁ, ପରୋକ୍ଷରେ ନିଜ ଦଳର ନେତା ନେତ୍ରୀ ଏବଂ କାର୍ଯ୍ୟକର୍ତ୍ତାଙ୍କ ଉଦ୍ଦେଶ୍ୟରେ ମଧ୍ୟ ଧମକ ଦିଆଗଲା ପରି ଲାଗୁଛି।




ଅନୁଗତ ଜଣଙ୍କ ଧମକ ଦେଇ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି, ଛାତ୍ର ଜୀବନରୁ ବିଦ୍ୟାର୍ଥୀ ପରିଷଦର ସଦସ୍ୟ ଭାବେ ଜଣେ ସୁସଙ୍ଗଠକ ରୂପେ ପରିଚିତ ସେ(ଧର୍ମେନ୍ଦ୍ର)। ଦୋଦୁଲ୍ୟମାନ ଓଡ଼ିଶା ବିଜେପିକୁ ନିଜର ସାଂଗଠନିକ ଦକ୍ଷତା ଓ ରାଜନୈତିକ ଅଭିଜ୍ଞତା ଦ୍ୱାରା ରାଜ୍ୟରେ ଦ୍ୱିତୀୟ ସ୍ଥାନକୁ ଆଣିଥିଲେ। ତାଙ୍କରି ଉଦ୍ୟମରେ ପଞ୍ଚାୟତ ଓ ଜିଲ୍ଲା ପରିଷଦରେ ବିଜେପି ଆଶାତୀତ ସଫଳତା ହାସଲ କରିଥିଲା। ମୁଁ ନିଜେ ତାଙ୍କର ଦଳ, ରାଜ୍ୟ ଓ ଦେଶ ପାଇଁ ପ୍ରତିବଦ୍ଧତା ଆଖିରେ ଦେଖିଛି ଓ ମାର୍ଗଦର୍ଶନରେ କାମ କରିବା ସୁଯୋଗ ପାଇଛି। ଆଜି ୨୨/୨୩ ବିଧାୟକ ଓ ୮ ସାଂସଦ ତାଙ୍କରି ପ୍ରୟାସ ଯୋଗୁଁ ହୋଇପାରିଛି। ସେଇ ସବୁ ଦକ୍ଷତା ଅଛି ବୋଲି ଉତ୍ତରପ୍ରଦେଶ ନିର୍ବାଚନ ଦାୟୀତ୍ୱ ପାଇଥିଲେ ଓ ବିଜୟ ଚଖାଇଲେ। ଆଜି କିଛି କୁଚକ୍ରୀ, ଗୋଡଟଣା ଓ ଶାସକ ଦଳର ଅଭିସନ୍ଧି ଦ୍ୱାରା ତାଙ୍କୁ ବଦନାମ କରିବାକୁ ଚେଷ୍ଟା ଚାଲିଛି। ଆରେ ବିଗିଡି ଯାଇଥିବା ବିଜେପି ସଂଗଠନ(କାହିଁକି ବିଗିଡିଛି ସବୁ ଜାଣନ୍ତି) ବ୍ୟବସ୍ଥାକୁ କ'ଣ ରାତି ପାହୁ ପାହୁ କିଏ ଠିକ୍ କରିଦେବ କି? ସେଥିପାଇଁ ସମୟ ଦରକାର, ଆଉ ସମୟ କହିବ, ଓଡ଼ିଶାର ଆଗାମୀ ଭବିଷ୍ୟତରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ। ଆଉ ପରିବର୍ତ୍ତନର ମଙ୍ଗୁଆଳ ପାଇଁ କେବଳ ମାତ୍ର ସେ (ଧର୍ମେନ୍ଦ୍ର) ହିଁ ଏକମାତ୍ର ଆଧାର। ଦୀର୍ଘ ୨୦ ବର୍ଷର କର୍ପୋରେଟ ଅଭିଜ୍ଞତା ମୋର ଅଛି, ପିପୁଲ୍ ମ୍ୟାନେଜମେଣ୍ଟ ସ୍ପେସିଆଲିଟି। ଲୋକ ଦେଖିଲେ ପରଖି ପାରିବି କିଏ କେତେ ପାଣିରେ। ଏଣୁ ଗୋଟେ କଥା ସିଧା ସିଧା କହିବି, "ସାଥିରେ ଆସ ନ ହେଲେ ମାଟିର ମିଶ"। ଗର୍ବ ଅହଙ୍କାର ଭରା ଏଇ ଧାଡିଏ କଥାରେ ପରୋକ୍ଷ ଧମକର ଆଭାସ ମଧ୍ୟ ମିଳୁଛି।

ଧର୍ମେନ୍ଦ୍ରଙ୍କ ଚାଟୁକାରୀ କରିବାକୁ ଯାଇ ଧମକ ଦେଇ ଏପରି ଲେଖିଥିବା ବ୍ୟକ୍ତି ଜଣଙ୍କ ପୂର୍ବରୁ ବିଜେପି ରାଜ୍ୟ ଆଇଟି ସେଲ୍ ଦାୟିତ୍ୱରେ ଥିଲେ। ତାଙ୍କ ପତ୍ନୀ ଏବେ ମହିଳା ମୋର୍ଚ୍ଚା ଆଇଟି ସେଲ୍ ରାଷ୍ଟ୍ରୀୟ ପ୍ରମୁଖ। ଯିଏକି ରାଷ୍ଟ୍ରୀୟ ସ୍ତରରେ ନିଜ ରାଜ୍ୟ ମହିଳା ମୋର୍ଚ୍ଚାକୁ ତଳେ ପକାଇ ଦେଇଛନ୍ତି ବୋଲି ଅଭିଯୋଗ ହୁଏ। କିନ୍ତୁ, ସେ ବରାବର ଧର୍ମେନ୍ଦ୍ରଙ୍କ ପାଇଁ ଖୋସାମତିଆ ପୋଷ୍ଟ କରିନ୍ତି। ତେଣୁ ସାଙ୍ଗଠନିକ ବ୍ୟବସ୍ଥାକୁ ଭଙ୍ଗ କଲେ ସୁଦ୍ଧା ଧର୍ମେନ୍ଦ୍ରଙ୍କ ଖୋସାମତି କରୁଥିବା କାରଣରୁ ସେମାନଙ୍କ ପାଇଁ କିଛି ଅସୁବିଧା ନାହିଁ, ସଂସ୍ଥା ଚାଲିଛି। ଏକ ଗୁରୁ ଦାୟିତ୍ୱରେ ଥାଇ ସୁଦ୍ଧା ପତିଙ୍କ ଏପରି ମନ୍ତବ୍ୟକୁ ପତ୍ନୀ ସମର୍ଥନ ଜଣାଇଛନ୍ତି। କିନ୍ତୁ, ଏହା ଉଭୟ ଦଳ ପାଇଁ ଏବଂ ଧର୍ମେନ୍ଦ୍ରଙ୍କ ପାଇଁ କେତେ ଯେ କ୍ଷତିକାରକ ସାବ୍ୟସ୍ତ ହେଉଛି କହିବ ବା କିଏ? ଏଠି ତ, ପ୍ରତିବାଦ କରିବାର କିମ୍ବା ପକ୍ଷ ରଖିବାର ସ୍ୱର ଦବି ଯାଇଛି। କାରଣ ସିଧା କଥା, ସାଥିରେ ଆସ ନ ହେଲେ ମାଟିରେ ମିଶ ବୋଲି କୁହାଯାଉଛି।

# ସୋନିଆ ଗାନ୍ଧୀଙ୍କୁ ସାକ୍ଷାତ କଲେ ଗୁଲାମ ନବି ଆଜାଦ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କଂଗ୍ରେସରେ ସୃଷ୍ଟି ହୋଇଥିବା ରାଜନୈତିକ ଝଡ ଥମିବାର ନା ନେଉନି। ଏହି ଝଡ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ଗୁଲାମ ନବି ଆଜାଦ ଭେଟିଛନ୍ତି କଂଗ୍ରେସ ଅଧକ୍ଷା ରାହୁଲ୍ ଗାନ୍ଧୀଙ୍କୁ। ସୋନିଆଙ୍କ ୧୦ ଜନପଥ ସ୍ଥିତ ବାସ ଭବନରେ ହୋଇଥିଲା ଏହି ସାକ୍ଷାତ। କଂଗ୍ରେସରେ ନେତୃତ୍ୱ ପରିବର୍ତ୍ତଣ ପାଇଁ ସ୍ୱର ଉତ୍ତୋଳନ କରୁଥିବା ଜି-୨୩ ନେତାଙ୍କ ଏକାଧିକ ବୈଠକ ଗୁଲାମ ନବି ଆଜାଦ ସାକ୍ଷାତ ରାଜନୈତିକ ଦୃଷ୍ଟି କୌଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି।



ପାଞ୍ଚ ରାଜ୍ୟର ବିଧାନସଭା ନିର୍ବାଚନରେ ପରାଜୟ ପରେ କଂଗ୍ରେସ ୱାର୍କିଂ କମିଟି ବୈଠକରେ ସୋନିଆ ପୁଣି ଥରେ ଅଧକ୍ଷ ହେବା ନେଇ ଘୋଷଣା ହୋଇଥିଲା। ଏହାପରେ ନେତୃତ୍ୱକୁ ନେଇ ବିବାଦ ଅଧିକ ବଢିଯାଇଛି ଶୀର୍ଷ ନେତୃତ୍ୱଙ୍କ ମଧରେ କଂଗ୍ରେସର କଥଅକଥିତ ଜି-୨୩ ଗୋଷ୍ଠୀ ନେତାମାନେ ବରିଷ୍ଠ ନେତା ଗୁଲାମ ନବି ଆଜାଦଙ୍କ ଘରେ ଗତ ଦୁଇଦିନ ମଧ୍ୟୟରେ ଏକାଧିକ ବୈଠକ କରିସାରିଛନ୍ତି। ଲଗାତାର ଦୁଇ ଦିନ ଧରି ଖବର ଆସିଥିଲା ଯେ ଗୁଲାବ ନବି ଆଜାଦ କଂଗ୍ରେସର ମଧ୍ୟବର୍ତ୍ତୀକାଳୀନ ସଭାପତି ସୋନିଆ ଗାନ୍ଧୀଙ୍କୁ ଭେଟି ପାରନ୍ତି, ଯାହା ପରେ ସେ ଶୁକ୍ରବାର ସନ୍ଧ୍ୟାରେ ସୋନିଆ ଗାନ୍ଧୀଙ୍କ ଘରେ ପହଞ୍ଚିଥିଲେ। ଏଭଳି ପରିସ୍ଥିତିରେ ସେ ଦଳରେ ଚାଲିଥିବା ଅସନ୍ତୋଷ ବିଷୟରେ ଆଲୋଚନା କରିଛନ୍ତି ଗୁଲାମନବି ନିକଟରେ ଆଜାଦଙ୍କ ନେତୃତ୍ୱରେ କଂଗ୍ରେସର ଅସନ୍ତୁଷ୍ଟ ନେତାଙ୍କ ଜି-୨୩ ଗୋଷ୍ଠୀ ବୁଧବାର ଏବଂ ଗୁରୁବାର ବୈଠକ କରି କଂଗ୍ରେସର ଭବିଷ୍ୟତ ଆଲୋଚନା କରିଥିଲେ। ଏଥିରେ ପୂର୍ବ ଅପେକ୍ଷା ଅଧିକ କଂଗ୍ରେସ ନେତା ଯୋଗ ଦେଇଥିଲେ। ଏହା ପରେ ମିଳିତ ବିବୃତ୍ତି ଜାରି କରାଯାଇଥିଲା। ଯେଉଁଥିରେ କୁହାଯାଉଛି ଯେ ବିଜେପିକୁ ବିରୋଧ କରିବା ପାଇ କଂଗ୍ରେସକୁ ମଜବୁତ କରାଯିବା ଆବଶ୍ୟକ ୨୦୨୪ ପାଇଁ ଏକ ବିଶ୍ୱସନୀୟ ବିକଳ୍ପ ପାଇଁ ରାସ୍ତା ତିଆରି କରିବାକୁ ଏହି ନେତାମାନେ ଆଲୋଚନା କରିଥିଲେ। ଏହି ବୈଠକରେ ଗୁଲାମନବି ଆଜାଦଙ୍କ ସହ କପିଲ ସିବଲ, ଆନନ୍ଦ ଶର୍ମା, ଭୁପେନ୍ଦ୍ର ସିଂ ହୁଡା, ଶଶି ଥରୁର୍, ଏମ୍.କ୍ୟୁ ଖାନ, ସନ୍ଦୀପ ଦୀକ୍ଷିତ, ଆନନ୍ଦ ଶର୍ମା, ପ୍ରୀତିରାଜ ଚାବନ, ମଣି ଶଙ୍କର ଆୟାର ସାମିଲ୍ ହୋଇଥିଲେ।

# ରାଜଧାନୀରେ କମିସନରେଟ ପୁଲିସକୁ ଧନ୍ୟବାଦ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭୁବନେଶ୍ୱର କମିସନରେଟ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ପଟିଆ ଛକ୍‌ରେ ଥିବା ବନଦୁର୍ଗା କାଇ ନେଟିକ ଓାଲର୍ଡ ଅରମାନ ବାଇକ ଓାଲର୍ଡ ସ୍ପେଆର୍ ପାର୍ଟସ ସୋରୁମରେ ଚଢାଇ କରିଛି। ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶଙ୍କ ନିର୍ଦ୍ଦେଶ କ୍ରମେ ବିକଟାଳ ଶବ୍ଦ କରୁଥିବା ବୁଲେଟ ସାଇଲେନସର ଜବତ ପାଇଁ ଏହି ଚଢାଉ ଚାଲିଛି। ଏଥିରେ ସହିଦ ନଗର , ଚନ୍ଦ୍ରଶେଖର ଓ ଇନ୍‌ଫେସିଟି ଥାନା ସହିତ ଟ୍ରାଫିକ ପୁଲିସର ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିଲେ। ପଟିଆ ବନଦୁର୍ଗା କାଇନେଟିକ ଓାଲର୍ଡରୁ ୨୧ଟି ଓ ଡମଣା ଅରମାନ ବାଇକ ଓାଲର୍ଡରୁ ୩୦ଟି ବିକଟାଳ ଶବ୍ଦ କରୁଥିବା ସାଇଲେନସର ଜବତ କରିଛି କମିସନରେଟ ପୁଲିସ।

ସୂଚନାଯୋଗ୍ୟ, ଆଗରୁ ଏଭଳି ବିକଟାଳ ଶବ୍ଦ କରୁଥିବା ବାଇକ ଓ ବୁଲେଟ ଚଲାଇବା ଉପରେ ଲଗାଇ ଉପରେ ରୋକ ଲଗାଇ ଥିଲା କମିସନରେ ପୁଲିସ ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ ପାଇଁରାଜଧାନୀରେକିଛି ଗାଡି ଜବତ ବି ହୋଇଥିଲା ଏବେ ବିକଟାଳ ଶବ୍ଦ କରୁଥିବା ସାଇଲେନସର ବିକ୍ରି ଉପରେ ରୋକ ଲଗାଇବାକୁ କମିସନରେଟ ପୁଲିସ ଉଦ୍ୟମ ଆରମ୍ଭ କରିଛି।

# ରାଜନୈତିକ ଦଳର ସଦସ୍ୟମାନଙ୍କ ସହିତ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ବୈଠକ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଖୋର୍ଦ୍ଧା ଜିଲ୍ଲାର ଖୋର୍ଦ୍ଧା ଓ ଜଟଣୀ ମ୍ୟୁନିସିପାଲିଟି, ବାଲୁଗାଁ ଓ ବାଣପୁର ଏନ୍.ଏସ୍.ସି.ର ଅଧ୍ୟକ୍ଷ ଏବଂ କାଉନସିଲର ନିର୍ବାଚନ ନିମନ୍ତେ ସମସ୍ତ ରାଜନୈତିକ ଦଳର ସଦସ୍ୟମାନଙ୍କ ସହିତ ଏକ ବୈଠକ ଗତ ୧୪ ତାରିଖ ଅପରାହ୍ନରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ବୈଠକରେ ଉପରୋକ୍ତ ପୌରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ନିଯୁକ୍ତ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ମନୋଜ କୁମାର ମହାନ୍ତିଙ୍କ ଉପସ୍ଥିତିରେ ଖୋର୍ଦ୍ଧା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ପୋଲିସ୍ ଅଧିକାରୀ ଏବଂ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଆଲୋଚନା କରି ଆଗାମୀ ପୌର ନିର୍ବାଚନକୁ ଅବାଧ ଓ ମୁକ୍ତ ଭାବରେ ପରିଚାଳନା କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ।



ବୈଠକରେ ନିର୍ବାଚନ ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ମହାନ୍ତି ଯୋଗଦେଇ ନିର୍ବାଚନ ନିମନ୍ତେ ଷ୍ଟ୍ରଙ୍ଗରୁମ୍‌ର ସୁରକ୍ଷା ସହ ସମସ୍ତ ପୌରାପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦରେ ବ୍ୟବହାର ହେବାକୁ ଥିବା ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ ଷ୍ଟ୍ରଙ୍ଗରୁମ୍‌କୁ ସିସିଟିଭି ନଜରରେ ରଖିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ଶ୍ରୀ ମହାପାତ୍ର ଇଭିଏମ୍ କମିଶନିଂ ସମୟରେ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ରହିପାରିବା ଓ ପୋଲିଂ ପୂର୍ବରୁ ମକ୍ ପୋଲିଂ ସମୟରେ ପୋଲିଂ ଏଜେଣ୍ଟ ଉପସ୍ଥିତ ରହିବା ସଂପର୍କରେ ଅବଗତ କରାଇଥିଲେ।

ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ମନୋଜ କୁମାର ପାଢୀ, ଖୋର୍ଦ୍ଧା ଉପ ଜିଲ୍ଲାପାଳ ଗୌରବ ଇଶଲୱାର ଶିବାଜୀ, ଭୁବନେଶ୍ୱର ଉପଜିଲ୍ଲାପାଳ ଦେବବ୍ରତ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ଦାସ, ନିର୍ବାଚନ ପରିଚାଳନାରେ ନିୟୋଜିତ ଅନ୍ୟ ପ୍ରଶାସନିକ ଓ ପୋଲିସ୍ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

# ପୋଲିସ୍ ହାତରେ ଏମ୍‌ସିଏ ଛାତ୍ର ଗଞ୍ଜେଇ ବେପାରୀ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ମା' ଗଞ୍ଜେଇ ଚୋରାଚାଲାଣର ଥିଲା ମାଷ୍ଟରମାଇଣ୍ଡ୍। ମା'କୁ ଏହି କାମରେ ସାହାଯ୍ୟ କରୁଥିଲା ଏମ୍‌ସିଏ ପଢୁଆ ପୁଅ। ମା' ପୁଅ ଗଞ୍ଜେଇ ବିକ୍ରି କରି ହେଉଥିଲେ ମାଲେମାଲ୍। ପୋଲିସ୍ କୌଣସି ସୂତ୍ରରୁ ଖବର ପାଇ ତାଙ୍କ ଘରେ ଚଢାଉ କରି ଗଞ୍ଜେଇ ଜବତ କରିବା ସହ ମା' ପୁଅକୁ ଗିରଫ କରିଛି। ଏଭଳି ଘଟଣା ଘଟିଛି ରାଜଧାନୀ ଭୁବନେଶ୍ୱରରେ। ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।



ସୂଚନା ଅନୁଯାୟୀ, ମା' ପୁଅ ଭୁବନେଶ୍ୱର ଭରତପୁର ସ୍ଥିତ ଘରେ ଗଞ୍ଜେଇ ଚୋରାଚାଲାଣ କରୁଥିବା ପୋଲିସ୍ କୌଣସି ସୂତ୍ରରୁ ଖବର ପାଇଥିଲେ। ପୋଲିସ୍ ଚଢାଉ କରି ତାଙ୍କ ଘରୁ ୧ କୁଇଣ୍ଟାଲ୍ ଗଞ୍ଜେଇ ଜବତ କରିଥିଲା। କନ୍ଧମାଳରୁ ଗଞ୍ଜେଇ ଆଣି ମା' ପୁଅ ବିଭିନ୍ନ ରାଜ୍ୟକୁ ଚୋରାଚାଲାଣ କରୁଥିବା ଜଣାଯାଇଛି। ସେମାନେ ଦୀର୍ଘ ଦୁଇରୁ ତିନି ବର୍ଷ ହେବ ବିଭିନ୍ନ ରାଜ୍ୟକୁ ଗଞ୍ଜେଇ ଚୋରାଚାଲାଣ କରୁଥିଲେ।ସେମାନଙ୍କ ଚେର କେତେ ବାଟ ଯାଏ ଲମ୍ବିଛି, ପୋଲିସ୍ ଖୋଳତାଡ କରୁଛି। ଏମ୍‌ସିଏ ପାସ୍ ଆଉଟ୍ ଯୁବକ କିପରି ଏପରି କାମରେ ସାମିଲ ହୋଇଥିଲେ ତାହାକୁ ସାଧାରଣରେ ଚର୍ଚ୍ଚା କରାଯାଉଛି।

# ନୟାଗଡରେ ଆଶ୍ରମ ନାଁରେ ବେଶ୍ୟାଳୟ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ନୟାଗଡ ଜିଲ୍ଲା ରଣପୁର ଥାନା ମଝିଆଖଣ୍ଡ ଗୋଡିପୋଖରୀ ଗ୍ରାମର କ୍ୟାମେରାମ୍ୟାନ୍ ମାନସ ସାଇଁଙ୍କୁ ଅପହରଣ ଓ ନିର୍ଯ୍ୟାତନା ପରେ ହତ୍ୟା କରି ପୋତି ଦିଆଯିବା ଘଟଣାରେ ଦିନକୁ ଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ମାନସଙ୍କୁ ଚାନ୍ଦବାଲିରୁ ଅପହରଣ ପରେ ଭୁବନେଶ୍ୱରର ଏୟାରଫିଲ୍ଡ ଥାନା ଅଞ୍ଚଳରେ ଥିବା ଦୟାଳ ବୃଦ୍ଧାଶ୍ରମରେ ରଖାଯାଇ ନିର୍ଯ୍ୟାତନା ଦିଆଯାଇଥିଲା। ସେଠାରେ ତାଙ୍କୁ ହତ୍ୟା କରାଯାଇ ନୟାଗଡ ଜିଲ୍ଲା ରଣପୁର ବ୍ଲକ୍ ଅନ୍ତର୍ଗତ ନରେନ୍ଦ୍ରପୁର ବୋଧିପାଟଣା ଜଙ୍ଗଲରେ ମାଟି ଖୋଳି ପୋତି ଦିଆଯାଇଥିଲା। ପୋଲିସ୍ ତଦନ୍ତକୁ ତ୍ୱରାନ୍ୱିତ କରିବା ସହ ହତ୍ୟା ପଛର ରହସ୍ୟକୁ ଉନ୍ମୋଚନ କରିବାରେ ଲାଗିପଡିଛି। ଏକ ମେମୋରି ଚିପ୍ ପାଇଁ ମାନସଙ୍କୁ ହତ୍ୟା କରାଯାଇଥିବା କୁହାଯାଉଥିବା ବେଳେ ଫେରାର୍ ଥିବା ୱେବ୍ ପୋର୍ଟାଲ୍ "ସଂପୂର୍ଣ୍ଣା"ର ମାଲିକାଣୀ ତଥା ଖବରଦାତା ଶର୍ମିଷ୍ଠା ଏବଂ ଅନ୍ୟଜଣେ ମହିଳାଙ୍କ ସଂପୃକ୍ତି ନେଇ ପୋଲିସ୍ ଦୃଢ ହେବାରେ ଲାଗିଛି। ଏପରିସ୍ଥିତିରେ ଉକ୍ତ ବୃଦ୍ଧାଶ୍ରମ ଭିତରର ଏକ ଅନ୍ତରଙ୍ଗ ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଉକ୍ତ ଭିଡିଓରେ ଜଣାଶୁଣା ବ୍ୟକ୍ତି ଥିବା ଜଣାପଡିଛି। ଶର୍ମିଷ୍ଠାଙ୍କ ୱେବ୍‌ପୋର୍ଟାଲ୍‌ର ମୁଖ୍ୟ କାର୍ଯ୍ୟାଳୟ ଆଶ୍ରମର ଉପର ମହଲାରେ ଥିଲା। ସେଠାକୁ ଅନେକ ସମୟରେ ନେତା ଓ ପ୍ରଶାସନିକ ଅଧିକାରୀମାନେ ଆସୁଥିଲେ ବୋଲି କେୟାରଟେକର କହିଥିଲେ। ଏବେ ଭାଇରାଲ୍ ଭିଡିଓରେ ଆପତ୍ତିଜନକ ଘଟଣା ରହିଥିବାରୁ ପୋଲିସ୍‌ର ସନ୍ଦେହ ଆହୁରି ବଢିଯାଇଛି। ହୁଏ ତ ଉକ୍ତ ଚିପ୍‌ରେ ସେମିତି କିଛି ଆପତ୍ତିଜନକ ଦୃଶ୍ୟ ଥାଇପାରେ, ଯେଉଁଥି ପାଇଁ ମାନସଙ୍କୁ ହତ୍ୟା କରାଯାଇଛି। ତେବେ ହତ୍ୟା ପରେ ଉକ୍ତ ଚିପ୍ ନେଇ ଶର୍ମିଷ୍ଠା ଫେରାର୍ ହେବା ସହ ତାହାକୁ ନଷ୍ଟ କରିଦେଇ ପାରିଥାନ୍ତି ବୋଲି ଆଶଙ୍କା ପ୍ରକାଶ



## ଅନ୍ତରଙ୍ଗ ଭିଡିଓ ଭାଇରାଲ୍

ପାଇଛି।

ଶର୍ମିଷ୍ଠାଙ୍କ ସହ ଫେରାର୍ ଝୁନାଙ୍କ ସ୍ୱାମୀ ମୁହଁ ଖୋଲିଲେ ଶର୍ମିଷ୍ଠାଙ୍କ ସହ ଏୟାରଫିଲ୍ଡ ଥାନା ଅନ୍ତର୍ଗତ ବିରିବନ୍ଧ ସାହିର ଝୁନା ଭୋଇ ନାମ୍ନୀ ଜଣେ ମହିଳା ଫେରାର୍ ହୋଇଯାଇଥିବା ପୋଲିସ୍ ସୂଚନା ପାଇଛି। ସେ ଉକ୍ତ ଆଶ୍ରମରେ କାମ କରୁଥିଲେ। ଗୁରୁବାର ଝୁନାଙ୍କ ସ୍ୱାମୀ ଅରୁଣ ଭୋଇ ଗଣମାଧ୍ୟମ ସାମ୍ନାରେ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ଗତ ମାର୍ଚ୍ଚ ୭ରେ ଶର୍ମିଷ୍ଠାଙ୍କ ସହ ମୋ ସ୍ତ୍ରୀ ଯାଇଥିଲେ। ଗଲାବେଳେ ଚାନ୍ଦବାଲି ଯାଉଛନ୍ତି ବୋଲି ମତେ କହିଥିଲେ। ହେଲେ ସେହି ଦିନ ଠାରୁ ତାଙ୍କ ମୋବାଇଲ୍ ଫୋନ୍ ବନ୍ଦ ରହିଛି। ଏ ନେଇ ସେ ପୋଲିସ୍‌କୁ ଜଣାଇଥିବା କହିଛନ୍ତି। ଏଥିସହ ୨୫ଦିନ ତଳେ ଝୁନା ଓ ଶର୍ମିଷ୍ଠା ଉକ୍ତ ଚିପ୍ ବିଷୟରେ କଥା ମଧ୍ୟ ହେଉଥିଲେ ବୋଲି ସେ କହିଛନ୍ତି। ତେବେ ଯଦି ଝୁନା ଦୋଷୀ ସାବ୍ୟସ୍ତ ହୁଅନ୍ତି ଆଇନ ଅନୁସାରେ ଦଣ୍ଡ ମିଳୁ ବୋଲି ସ୍ୱାମୀ ଅରୁଣ କହିଛନ୍ତି।

ତଦନ୍ତକୁ ନେଇ ପ୍ରଶ୍ନ ଉଠାଇଲେ ମାନସଙ୍କ ମା' ମାନସଙ୍କ ହତ୍ୟାକୁ ମାସେରୁ ଅଧିକ ସମୟ ବିତିଯାଇଥିଲେ ମଧ ମୁଖ୍ୟ ଅଭିଯୁକ୍ତଙ୍କ ସହ ଅନ୍ୟ ସହଯୋଗୀମାନେ ଧରାପଡୁନଥିବାରୁ ପୋଲିସ୍ ତଦନ୍ତ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି ମାନସଙ୍କ ମା' ଯମୁନା ସାଇଁ। ଯମୁନା କାନ୍ଦି କାନ୍ଦି ଗଣମାଧ୍ୟମକୁ କହିଛନ୍ତି, ଯଦି ମୋ ପୁଅର ଶବକୁ ମାସେ ପରେ ପୋଲିସ୍ ଖଜି ପାଇଲା ତାହେଲେ ଶର୍ମିଷ୍ଠା ରାଉତଙ୍କୁ କାହିଁକି ଖୋଜି ପାରିବ ନାହିଁ। ସମସ୍ତେ ଅଭିଯୁକ୍ତଙ୍କୁ ଯେମିତି ହେଲେ ଗିରଫ କରିବା ସହ କଠୋର ଦଣ୍ଡ ବ୍ୟବସ୍ଥା କରନ୍ତୁ ବୋଲି ସେ କହିଛନ୍ତି। କମିଶନରେଟ୍ ପୋଲିସ୍‌ର ସହଯୋଗ ଲୋଡିଲା ଚାନ୍ଦବାଲି ପୋଲିସ୍।

କ୍ୟାମେରାମ୍ୟାନ୍ ମାନସ ହତ୍ୟା ଘଟଣା ପୋଲିସ୍ ପାଇଁ ବଡ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଯାବତ୍ ୩ ଅଭିଯୁକ୍ତ ଧରାପଡିଥିବାବେଳେ ମାଷ୍ଟରମାଇଣ୍ଡ କୁହାଯାଉଥିବା ଶର୍ମିଷ୍ଠାଙ୍କ ସମେତ ୨ ମହିଳା ଓ ଜଣେ ପୁରୁଷ ଫେରାର୍ ଥିବା ଜଣାପଡିଛି। ପୁଣି ଭୁବନେଶ୍ୱରରେ ରହୁଥିବା ଶର୍ମିଷ୍ଠା ବିଭିନ୍ନ ନେତା ମନ୍ତ୍ରୀଙ୍କ ସହ ସମ୍ପର୍କରେ ଥିବାରୁ ଏହି ଘଟଣାରେ ସମୋନଙ୍କ ସଂପୃକ୍ତି ଥାଇପାରେ ବୋଲି ସନ୍ଦେହ କରାଯାଉଛି। କାରଣ ସେ ସୋସିଆଲ୍ ମିଡିଆରେ ବହୁ ନେତା ଓ ପ୍ରଶାସନିକ ଅଧିକାରୀଙ୍କ ସହ ଫଟୋ ପୋଷ୍ଟ କରିଛନ୍ତି। ପୁଣି ଭୁବନେଶ୍ୱରରେ ହିଁ ନିର୍ଯ୍ୟାତନା ସହ ହତ୍ୟା କରାଯାଇଥିବାରୁ ଚାନ୍ଦବାଲି ପୋଲିସ୍ କମିଶନରେଟ୍ ପୋଲିସ୍‌ର ସହଯୋଗ ଲୋଡିଛି। ଏହି ମାମଲାରେ କମିଶନରେଟ୍ ପୋଲିସ୍ ସହଯୋଗ କରୁଥିବା ଚାନ୍ଦବାଲି ଏସ୍‌ଡିପିଓ ଦେବୀଶଙ୍କର ପ୍ରତାପ କହିଛନ୍ତି।

# ସମ୍ପାଦକୀୟ

## ହୋଲି ଇତିହାସ

ଓଡ଼ିଆ ପଞ୍ଜିକା ଅନୁସାରେ ଫାଲଗୁନ ମାସର ପୂର୍ଣ୍ଣିମା ତିଥି ଦୋଳ ପୂର୍ଣ୍ଣିମା ନାମରେ ଅଭିହିତ। ଫାଲଗୁନ ଶୁକ୍ଳ ଦଶମୀ ତିଥିଠାରୁ ଦୋଳଯାତ୍ରା ସାଧାରଣତଃ ଆରମ୍ଭ ହୋଇଥାଏ। ଏହି ପର୍ବର ମୁଖ୍ୟ ଆରାଧ୍ୟ ଠାକୁର ରାଧା ଓ କୃଷ୍ଣଙ୍କ ନିକଟରେ ଏହି ଦିନଠାରୁ ଅବିର ଅର୍ପଣ କରାଯାଇଥାଏ। ରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଛୋଟ ଛୋଟ ବିମାନରେ ମହାଆଡମ୍ବର ସହକାରେ ଗ୍ରାମର ପ୍ରାୟ ପ୍ରତ୍ୟେକଙ୍କ ଦ୍ୱାରକୁ ନିଆଯାଇଥାଏ। ପ୍ରାୟତଃ ପ୍ରତ୍ୟେକ ଦ୍ୱାରରେ ଠାକୁରଙ୍କୁ ଭୋଗ ଅର୍ପଣ କରାଯିବା ସଙ୍ଗେ ସଙ୍ଗେ ପୁରୋହିତଙ୍କୁ ମଧ୍ୟ ଦକ୍ଷିଣା ଦିଆଯାଇଥାଏ। ଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ଦ୍ୱାରରେ ଅର୍ପିତ ଭୋଗକୁ ଦ୍ୱାରୀ ଭୋଗ କୁହାଯାଏ। ଦୋଳପୂର୍ଣ୍ଣିମା ଦିନ ସାଧାରଣତଃ ଠାକୁରମାନଙ୍କୁ ମନ୍ଦିରର ଦକ୍ଷିଣପୂର୍ବ ଦିଗରେ ନିର୍ମିତ ହୋଇଥିବା ଏକ ମଣ୍ଡପ ଉପରକୁ ନିଆଯାଇଥାଏ।

ସେହି ମଣ୍ଡପର ନାମ ଦୋଳ ମଣ୍ଡପ। ସେଠାରେ ପୂଜାର୍ଚ୍ଚନା କରାଯିବା ସଙ୍ଗେ ସଙ୍ଗେ ଠାକରମାନେ ଦୋଳି ଖେଳନ୍ତି ଓ ସେଠାରେ ନାଲି ଅବିର ଅର୍ପଣ କରାଯାଇଥାଏ। ଏହି ହୋଲି ପାଳନ କରିବାରର ପରମ୍ପରା ପ୍ରାଚୀନ କାଳରୁ ନିରବଚ୍ଛିନ୍ନ ଭାବେ ବନ୍ଦ ହୋଇନଥିଲା, ବରଂ କିଛି ମୋଗଲ ସମ୍ରାଟ ହୋଲିକୁ ଧୁମ୍‌ଧାମ ସହିତ ପାଳନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆକବର, ହୁମାୟୁନ, ଜାହାଙ୍ଗୀର, ଶାହ ଜାହାନ ଏବଂ ବାହାଦୂର ଶାହା ଜାଫର ହୋଲି ଆସିବାର ବହୁ ପୂର୍ବରୁ ରଙ୍ଗୋତ୍ସବ ପାଇଁ ପ୍ରସ୍ତୁତି ଆରମ୍ଭ କରୁଥିଲେ। ଆକବରଙ୍କ ପ୍ରାସାଦରେ ବଡ ସୁନା-ରୂପା ପାତ୍ରଗୁଡିକରେ କେଭେଡ୍ ଏବଂ କେଶର ଯୁକ୍ତ ଟେସୁ ରଙ୍ଗ ମିଶ୍ରଣ କରାଯାଉଥିଲା। ବାଦଶାହମାନେ ହୋଲି ତାଙ୍କ


ସମ୍ପାଦକ

ବେଗମ୍ ଏବଂ ସୁନ୍ଦରୀଙ୍କ ସହିତ ଖେଳୁଥିଲେ। ସନ୍ଧ୍ୟାରେ ଅତିଥିଙ୍କୁ ପ୍ରାସାଦରେ ଅଣ୍ଟାଇ, ମିଠା ଏବଂ ପାନ ଇଲାଇଚି ସହିତ ସ୍ୱାଗତ କରାଯାଉଥିଲା ଏବଂ ନୃତ୍ୟ ଗୀତର ମାହୋଲ ଦେଖିବାକୁ ମିଳୁଥିଲା।

ଜାହାଙ୍ଗୀରଙ୍କ ସମୟରେ ମହଫିଲ-ଇ-ହୋଲିର ଏକ ବିଶାଳ କାର୍ଯ୍ୟକ୍ରମ ସାଧାରଣ ନାଗରିକମାନେ ସାମ୍ରାଟଙ୍କୁ ରଙ୍ଗ ଲଗାଇବାର ଅଧିକାର ପାଇଥିଲେ। ଶାହା ଜାହାନ ହୋଲିକୁ ଇଦ୍ ଗୋଲାପୀ ଭାବରେ ଧୁମଧାମ ସହିତ ପାଳନ କରୁଥିଲେ। ସେହିପରି ପସନ୍ଦ କରୁଥିଲେ ଏବଂ ହୋଲି ବିଷୟରେ ତାଙ୍କର କବିତା ଆଜି ପର୍ଯ୍ୟନ୍ତ ପ୍ରଶଂସିତ। ମୋଗଲ ଶାସନ କାଳରେ ହୋଲି ଅବସରରେ ଲାଲ କିଲାର ପଛପଟ ଯମୁନା ନଦୀ କୂଳରେ ଥିବା ଆମ୍ବ ବଗିଚାରେ ହୋଲିର ଏକ ମେଳା ଅନୁଷ୍ଠିତ ହେଉଥିଲା। ଏକ ମୋଗଲ ଚିତ୍ରରେ ଔରଙ୍ଗଜେବଙ୍କ ସେନାପତି ଶାୟସ୍ତା ଖାନଙ୍କୁ ହୋଲି ଖେଳୁଥିବା ଦେଖାଯାଉଛି। ଏହି ଚିତ୍ରର ପୃଷ୍ଠଭୂମିରେ ଆମ୍ବ ଗଛ ଅଛି, ମହିଳାମାନଙ୍କ ହାତରେ ପାତ୍ର ଏବଂ ରଙ୍ଗ ପିଚକାରୀ ରହିଛି। ଶେଷ ମୋଗଲ ସମ୍ରାଟ ବାହାଦୂର ଶାହା ଜାଫରଙ୍କୁ ତାଙ୍କ ମନ୍ତ୍ରୀମାନେ ହୋଲି ଦିନରେ ରଙ୍ଗ ଲଗାଇବା ପାଇଁ ଯାଉଥିଲେ। ହୋଲିର ଏକ ବିସ୍ତୃତ ବର୍ଣ୍ଣନା ମଧ୍ୟଯୁଗୀୟ ହିନ୍ଦୀ ସାହିତ୍ୟରେ ଦର୍ଶିତ କୃଷ୍ଣଲୀଳାରେ ଦେଖିବାକୁ ମିଳେ।

ଐତିହାସିକ ସମୀକ୍ଷକମାନେ ବିଶ୍ୱାସ କରନ୍ତି ଯେ, ଏହି ପର୍ବ ଆର୍ଯ୍ୟଙ୍କ ମଧ୍ୟରେ ପ୍ରଚଳିତ ଥିଲା, କିନ୍ତୁ ଏହା ପ୍ରାୟତଃ ପୂର୍ବ ଭାରତରେ ପାଳନ କରାଯାଉଥିଲା। ଏହି ପର୍ବର ବର୍ଣ୍ଣନା ଅନେକ ପ୍ରାଚୀନ ଧାର୍ମିକ ପୁସ୍ତକରୁ ମିଳିଥାଏ। ଏମାନଙ୍କ ମଧ୍ୟରେ ପ୍ରମୁଖ ହେଉଛି ଜୈମିନୀର ପୂର୍ବ ମିମାଂସା ସୂତ୍ର ଏବଂ ଗାହ୍ୟ-ସୂତ୍ର। ନାରଦା ପୁରାଣ ଓ ଭବିଷ୍ୟ ପୁରାଣ ପରି ପୁରାଣର ପ୍ରାଚୀନ ହସ୍ତଲିପି ଏବଂ ଗ୍ରନ୍ଥରେ ମଧ୍ୟ ଏହି ପର୍ବ ବିଷୟରେ ଉଲ୍ଲେଖ କରାଯାଇଛି। ବିନ୍ଧ୍ୟ ଅଞ୍ଚଳର ରାମଗଡ ସ୍ଥାନରୁ ଖ୍ରୀ.ପୂ. ୩୦୦ ବର୍ଷ ପୁରୁଣା ଏକ ଲେଖାରେ ଏହାର ମଧ୍ୟ ଉଲ୍ଲେଖ କରାଯାଇଛି। ସଂସ୍କୃତି ସାହିତ୍ୟରେ ବସନ୍ତ ଋତୁ ଓ ବସନ୍ତ ପର୍ବ ଅନେକ କବିଙ୍କ ପ୍ରିୟ ବିଷୟ ହୋଇଆସୁଛି। ସୁପ୍ରସିଦ୍ଧ ମୁସଲିମ ପର୍ଯ୍ୟଟକ ଅଲବରୁନି ମଧ୍ୟ ନିଜ ଐତିହାସିକ ଯାତ୍ରା ସ୍ମରଣରେ ହୋଲିକାସ୍ତବର ବର୍ଣ୍ଣନା କରିଛନ୍ତି। ଭାରତର ଅନେକ ମୁସଲିମ କବି ସେମାନଙ୍କ ରଚନାରେ ଏହି ବସନ୍ତୋତ୍ସବ ବିଷୟରେ ଉଲ୍ଲେଖ କରିଛନ୍ତି। ହୋଲି କେବଳ ହିନ୍ଦୁଙ୍କ ଦ୍ୱାରା ନୁହେଁ ବରଂ ଅନେକ ମୁସଲିମ୍ ଲୋକ ମଧ୍ୟ ପାଳନ କରନ୍ତି। ସବୁଠାରୁ ପ୍ରାମାଣିକ ହେଉଛି ଇତିହାସର ସେହି ସମସ୍ତ ବର୍ଣ୍ଣନା।

ହୋଲି ପର୍ବ ସହିତ ଅନେକ କାହାଣୀ ଜଡିତ। ଏଥି ମଧ୍ୟରୁ ସବୁଠାରୁ ପ୍ରସିଦ୍ଧ ହେଉଛି ପ୍ରହଲ୍ଲାଦ କାହାଣୀ। ପ୍ରାଚୀନ କାଳରେ ହିରଣ୍ୟ କଶ୍ୟପ ନାମକ ଏକ ଅତି ଶକ୍ତିଶାଳୀ ଅସୁର ଥିଲା ବୋଲି ବିଶ୍ୱାସ କରାଯାଏ। ନିଜ ଶକ୍ତିକୁ ନେଇ ସେ ଗର୍ବ କରୁଥିଲେ। ସେ ନିଜକୁ ଭଗବାନ ବୋଲି ଭାବିବା ଆରମ୍ଭ କରିଦେଇଥିଲେ। ସେ ତାଙ୍କ ରାଜ୍ୟରେ ଈଶ୍ୱରଙ୍କ ନାଁ ଉପରେ ପ୍ରତିବନ୍ଧକ ଲଗାଇଥିଲେ। ତାଙ୍କ ପୁତ୍ର ପ୍ରହ୍ଲାଦ ଜଣେ ଈଶ୍ୱର ଭକ୍ତ ଥିଲେ। ଭଗବାନଙ୍କ ପ୍ରତି ପ୍ରହ୍ଲାଦଙ୍କ ଭକ୍ତିରେ କ୍ରୋଧିତ ହୋଇ ହିରଣ୍ୟ କଶ୍ୟପ ତାଙ୍କୁ ଅନେକ କଠୋର ଦଣ୍ଡ ଦେଇଥିଲେ। କିନ୍ତୁ ସେ ଭଗବାନଙ୍କ ପ୍ରତି ଭକ୍ତି ମାର୍ଗ ଛାଡି ନଥିଲେ। ହିରଣ୍ୟ କଶ୍ୟପଙ୍କ ଭଉଣୀ ହୋଲିକାଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ପ୍ରହ୍ଲାଦଙ୍କୁ ତାଙ୍କ କୋଳରେ ନେଇ ନିଆଁରେ ବସନ୍ତୁ। ନିଆଁରେ ବସିଥିବା ବେଳେ ହୋଲିକା ଜଳି ଯାଇଥିଲେ, କିନ୍ତୁ ପ୍ରହ୍ଲାଦ ବଞ୍ଚି ଯାଇଥିଲେ। ଏହି ଦିନ ଭକ୍ତ ପ୍ରହ୍ଲାଦଙ୍କ ସ୍ମୃତିରେ ହୋଲି ପ୍ରଜ୍ୱଳିତ ହୋଇଥାଏ। ସାଙ୍କେତିକ ଭାବରେ ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ ପ୍ରହ୍ଲାଦ ଅର୍ଥ ହେଉଛି ଆନନ୍ଦ। ଘୃଣା ଏବଂ ଅତ୍ୟାଚାରର ହୋଲିକା(ଜଳୁଥିବା କାଠ) ପ୍ରତୀକ ଜଳିଯାଏ ଏବଂ ପ୍ରେମ ଏବଂ ଉଲ୍ଲାସର ପ୍ରତୀକ ପ୍ରହ୍ଲାଦ ଅକ୍ଷୁର୍ଣ୍ଣ ରହିଥାଏ।

ପ୍ରହ୍ଲାଦଙ୍କ କାହାଣୀ ବ୍ୟତୀତ ଏହି ପର୍ବ ରାକ୍ଷସୀ ଢୁଢ, ରାଧା-କୃଷ୍ଣଙ୍କ ରାସ୍ ଏବଂ କାମଦେବଙ୍କ ପୁନର୍ଜନ୍ମ ସହିତ ମଧ୍ୟ ଜଡିତ। କିଛି ଲୋକ ବିଶ୍ୱାସ କରନ୍ତି ଯେ ହୋଲିରେ ରଙ୍ଗ ଲଗାଇବା, ନାଚିବା ଏବଂ ଗୀତ ଗାଇବା ଦ୍ୱାରା ଲୋକମାନେ ଶିବଗଣଙ୍କ ବେଶ ଧାରଣ କରନ୍ତି। କିଛି ଲୋକ ଏହା ମଧ୍ୟ ବିଶ୍ୱାସ କରନ୍ତି ଯେ ଭଗବାନ କୃଷ୍ଣ ଏହି ଦିନ ପୁତନା ନାମକ ଏକ ରାକ୍ଷସୀଙ୍କୁ ବଧ କରିଥିଲେ। ଏହି ସୁଖରେ ଗୋପୀ ଏବଂ ଗୋରିମାନେ ରାସଲିଳା କରି ରଙ୍ଗ ଖେଳିଥିଲେ।

ଭାରତରେ ପାଳନ କରାଯାଉଥିବା ହୋଲିର ପୂର୍ବଦିନ ଅବିର ବା ଧୁଳିବନ୍ଦନ କୁହାଯାଏ। ଲୋକମାନେ ଏହି ଦିନ ରଙ୍ଗ ସହିତ ଖେଳନ୍ତି। ସମସ୍ତେ ସକାଳେ ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଦେଖା କରିବା ଆରମ୍ଭ କରନ୍ତି। ଲୋକମାନେ ସେମାନଙ୍କର ଇର୍ଷା ଭୁଲିଯାଆନ୍ତି ଓ ପରସ୍ପରକୁ ପ୍ରେମ ଏବଂ ରଙ୍ଗ ଦେଇ ଆଲିଙ୍ଗନ କରନ୍ତି।

ଏହି ଦିନ ଗୋଷ୍ଠୀ ଲୋକମାନେ ରଙ୍ଗୀନ ପୋଷାକରେ ନାଚିବା ଏବଂ ଗୀତ ଗାଇଥିବାର ନଜର ଆସନ୍ତି। ପିଲାମାନେ ପିଚକାରୀ ରଙ୍ଗ ପକାଇ ନିଜର ମନୋରଞ୍ଜନ କରନ୍ତି। ହୋଲି ରଙ୍ଗରେ ସମଗ୍ର ରଙ୍ଗେଇ ହୋଇଯାଏ। ରଙ୍ଗ ଖେଳିବା ପରେ ଲୋକମାନେ ଅପରାହ୍ନରେ ସ୍ନାନ କରନ୍ତି ଏବଂ ସନ୍ଧ୍ୟାରେ ନୂଆ ପୋଷାକ ପିନ୍ଧି ସମସ୍ତଙ୍କୁ ଭେଟିବାକୁ ଯାଆନ୍ତି। ପ୍ରୀତି ଭୋଜି ଏବଂ ଗୀତ ଗାଇବା କାର୍ଯ୍ୟକ୍ରମ ଆୟୋଜନ କରନ୍ତି।

# ପୁରାଣ କ'ଣ କୁହେ ?

କଥାରେ ଅଛି ପୂଣ୍ୟ କର୍ମ କଲେ ସ୍ୱର୍ଗ, ପାପ କର୍ମ କଲେ ନର୍କ, ତେବେ ଗରୁଡ ପୂରାଣ ଅନୁସାରେ ମନୁଷ୍ୟ ପାପ କର୍ମ କଲେ ସ୍ୱର୍ଗକୁ ଯିବ ବୋଲି ବର୍ଣ୍ଣନା କରାଯାଇଛି। ସର୍ବଦା ଭଗବାନଙ୍କର ନାମ ଜପ କରିବା ଦ୍ୱାରା ସ୍ୱର୍ଗ ପ୍ରାପ୍ତି ହୋଇଥାଏ ବୋଲି ମାନ୍ୟତା ରହିଛି। ଜାଣନ୍ତୁ ଗରୁଡ ପୁରାଣରେ ଉଲ୍ଲେଖ ରହିଛି କି ଯଦି ଆପଣ କୌଣସି ପାପ କରୁଛନ୍ତି ତେବେ ଆପଣଙ୍କୁ ସେହି ଅନୁସାରେ ରୋଗ ଓ ଭୋଗାଭୋଗର ଯନ୍ତ୍ରଣା ସହିବାକୁ ପଡିପାରେ। ଯଦି ଆପଣ କୌନସି ବ୍ରହ୍ମ ହତ୍ୟା ଭଳି ପାକ କରିଛନ୍ତି, ତାହେଲେ ଆପଣ ଯକ୍ଷ୍ମା ଭଳି ରୋଗରେ ପୀଡିତ ହୋଇ ପାରନ୍ତି। ଯଦି ଗୋ-ହତ୍ୟା କରିଛନ୍ତି, ତାହେଲେ ଆପଣଙ୍କୁ କୁଷ୍ଠ ରୋଗ ହେବ। ଯଦି କୌଣସି ବ୍ୟକ୍ତି ନିଜ ପୁତ୍ରକୁ ହତ୍ୟା କରିଛି କିମ୍ୱା ପୁତ୍ରର ବାପାଙ୍କୁ ମାରିଛନ୍ତି, ତାହେଲେ ଏଭଳି ପାପ କରିବା ଯୋଗୁଁ ତାଙ୍କ ଶରୀରର ସବୁ ଅଙ୍ଗ ଛିଣ୍ଡି ଯିବ।

ଅଶୁଦ୍ଧ ସମୟରେ ପିଣ୍ଡ ଦାନ କଲେ ଚିତ୍ରକୁଷ୍ଠ ରୋଗ ନିହାତି ହୋଇଥାଏ। ଏହା ସହିତ ଯେଉଁମାନେ ଗୁରୁଙ୍କୁ ନିନ୍ଦା କରିଥାନ୍ତି, ସେମାନେ ଅନେକ ପ୍ରକାରର ରୋଗରେ ପୀଡିତ ହୋଇଥାନ୍ତି। ଯେଉଁମାନେ ମିଥ୍ୟା ସାକ୍ଷୀ ଦିଅନ୍ତି, ସେମାନେ ପରଜନ୍ମରେ ମୁକ ହୋଇଥାନ୍ତି। ବ୍ରାହ୍ମଣଙ୍କୁ ଗୋଇଠା ମାରୁଥିବା ବ୍ୟକ୍ତି ପରଜନ୍ମରେ ପଙ୍ଗୁ ହୋଇଥାନ୍ତି। ଯେଉଁମାନେ ଅନ୍ୟର ବହି ଚୋରୀ କରିଥାନ୍ତି ସେମାନେ ପରଜନ୍ମରେ ଅନ୍ଧ ହୋଇ ଜନ୍ମ ନେଇଥାନ୍ତି।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ଭାରତର ଅଧା ଖର୍ଚ୍ଚରେ ସରୁଛି ଡାକ୍ତରୀ ପଢ଼ା



ଡାକ୍ତର ସମ୍ରାଟ କର
ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,
ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩


ଡାକ୍ତରୀ ଶିକ୍ଷା (କିମ୍ବା ଡିଗ୍ରୀ) ଲାଭ କରିବା ପାଇଁ ଭାରତୀୟ ଛାତ୍ରଛାତ୍ରୀମାନଙ୍କର ଏପରି ବିପୁଳ ସଂଖ୍ୟାରେ ବିଦେଶ ଗମନ ପଛରେ ଯେଉଁ ଦୁଇଟି କାରଣ ନିହିତ ଅଛି ବୋଲି କୁହାଯାଉଛି, ତାହା ହେଲା ଭାରତରେ ଯଥେଷ୍ଟ ସଂଖ୍ୟକ ମେଡ଼ିକାଲ କଲେଜ ଓ ସିଟର ଅଭାବ ଏବଂ ଏଠାରେ ଡାକ୍ତରୀ ଶିକ୍ଷା ଲାଭ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ବହନ କରିବାକୁ ପଡୁଥିବା ଆକାଶଛୁଆଁ ଫି ଓ ଅନ୍ୟାନ୍ୟ ଖର୍ଚ୍ଚ। ଏ ସମ୍ପର୍କରେ ଏକ ସମ୍ୟକ ଧାରଣା ପାଇବା ପାଇଁ ଏ ସମ୍ପର୍କିତ ଏହି ପରିସଂଖ୍ୟାନ ଦ୍ରଷ୍ଟବ୍ୟ। ଆମ ଦେଶରେ ପ୍ରତି ବର୍ଷ ଡାକ୍ତରୀ ଶିକ୍ଷାରେ ସ୍ନାତକ ସ୍ତରୀୟ ଡିଗ୍ରି ହାସଲ ପାଇଁ ବିଭିନ୍ନ କଲେଜମାନଙ୍କରେ ଉପଲବ୍ଧି ସିଟ (ଅର୍ଥାତ ଅଣ୍ଡରଗ୍ରାଜୁଏଟ ମେଡ଼ିକାଲ ସିଟ) ସଂଖ୍ୟା ହେଉଛି ପ୍ରାୟ ୯୦,୦୦୦ ମାତ୍ର (ଏକ ଲକ୍ଷରୁ କମ)। କିନ୍ତୁ ଏହା ପାଇବା ପାଇଁ ଯୋଗ୍ୟତା ସାବ୍ୟସ୍ତ କରିବାକୁ ଥିବା 'ନିଟ୍' ପରୀକ୍ଷାରେ ୧୬ ଲକ୍ଷରୁ ଅଧିକ ଆଶାୟୀ ପ୍ରାର୍ଥୀ ଅଂଶ ଗ୍ରହଣ କରିଥାନ୍ତି। ସେମାନଙ୍କ ମଧ୍ୟରୁ ପ୍ରାୟ ଅଧାରୁ ଅଳ୍ପ ଅଧିକ, ପ୍ରାୟ ୮.୫ ଲକ୍ଷ ପ୍ରାର୍ଥୀ ଯୋଗ୍ୟତା ମାନ୍ୟତା ତାଲିକାରେ ସ୍ଥାନ ପାଇଥାନ୍ତି। ଘରୋଇ ମେଡ଼ିକାଲ କଲେଜରେ ସରକାରୀ କୋଟା ଅନ୍ତର୍ଗତ ସିଟ ଟିଏ ପାଇଲେ ମଧ୍ୟ ତଥାପି ତାହା ଏପରି ବ୍ୟୟ ବହୁଳ ହୋଇଥାଏ ଯେ ସାଧାରଣ ପରିବାରର ପିଲାଟିଏ ପାଇଁ ତାହା ପହୁଞ୍ଚ ବାହାରେ ହୋଇଥାଏ। ଏପରି ଘରୋଇ କଲେଜରେ ଡାକ୍ତରୀ ଶିକ୍ଷା ଲାଭ ପାଇଁ ଆବଶ୍ୟକ ଖର୍ଚ୍ଚ ଅନ୍ୟୂନ ଏକ କୋଟି ଟଙ୍କା କିମ୍ବା ତା'ଠାରୁ ଅଧିକ ହୋଇଥାଏ। ଏପରିସ୍ଥଳେ ଏହି ବ୍ୟବସ୍ଥାର ଏକ ବିକୃତି ପରିସ୍ଫୁଟ ହେବା ଦେଖାଯାଇଥାଏ। ଯୋଗ୍ୟତା ତାଲିକାର ଅପେକ୍ଷାକୃତ ଉପରେ ଥିବା ମେଧାବୀ ଛାତ୍ରଟିଏ ଯଦି ଅସଚ୍ଛଳ ପରିବାରର ପିଲା ହୋଇଥାଏ ଓ ତେଣୁ ତାକୁ ମିଳୁଥିବା ସିଟ ଗ୍ରହଣ କରିବାକୁ ସେ ଅକ୍ଷମ ହୁଏ, ତାହେଲେ ତାଲିକାର ତଳେ ଥିବା ମେଧାହୀନ କିନ୍ତୁ ଧନବାନ କୌଣସି ଏକ ପିଲାଟି ସେ ସିଟ ଦଖଲ କରିନିଏ। ଅତ୍ୟନ୍ତ ନୀଚା କଟ ଅଫ ମାର୍କ ଯେ ଏହି ବିକୃତି ସୃଷ୍ଟିରେ ସହାୟକ ହୋଇଥାଏ, ତାହା ସୂଚାଇବା ନିଷ୍ପ୍ରୟୋଜନ।

ତେବେ ପ୍ରଶ୍ନ ଉଠୁଛି ୟୁକ୍ରେନରେ ଫସି ରହିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏମବିବିଏସ ଛାତ୍ରଛାତ୍ରୀଙ୍କ ସଂଖ୍ୟା କାହିଁକି ଅଧିକ ? ଭାରତରେ କ'ଣ ଡାକ୍ତରୀ ପଢ଼ା ପାଇଁ ଭିତ୍ତିଭୂମିର ଅଭାବ ରହିଛି ? ୟୁକ୍ରେନର ଭିତ୍ତିଭୂମି କ'ଣ ଭାରତ ଠାରୁ ଅଧିକ ସୁଦୃଢ଼ ? ଏପରି ଅନେକ ପ୍ରଶ୍ନ ରାଜ୍ୟବାସୀଙ୍କ ମନରେ ଉଙ୍କି ମାରିଛି। ତଥ୍ୟ କହୁଛି ଭାରତରେ ମେଡ଼ିକାଲ ସିଟ ସଂଖ୍ୟା ପାଖାପାଖି ୧ଲକ୍ଷ ୨୦ ହଜାର। ସେଥି ମଧ୍ୟରୁ ଏମବିବିଏସ ସିଟ ସଂଖ୍ୟା ଦେଖାବାକୁ ଗଲେ ପ୍ରାୟ ୮୩ ହଜାର। ୨୮୭ଟି ସରକାରୀ ଓ ୨୬୩ଟି ଘରୋଇ ମେଡ଼ିକାଲ କଲେଜକୁ ମିଶାଇ ୫୪୧ କଲେଜରେ ମୋଟ ୮୨ ହଜାର ୯୨୬ଟି ଏମବିବିଏସ ସିଟ ଉପଲବ୍ଧ ଅଛି। ହେଲେ ଡାକ୍ତରୀ ନାମ ଲେଖା ପାଇଁ ପ୍ରତିବର୍ଷ ୧୫ ଲକ୍ଷରୁ ଅଧିକ ଛାତ୍ରଛାତ୍ର ନଟ ପଞ୍ଜୀକରଣ କରୁଛନ୍ତି। ଓଡ଼ିଶାରେ ମଧ୍ୟ ସମାନ ଅବସ୍ଥା। ଓଜେଇର ୧୪୬୬ ମେଡ଼ିକାଲ ସିଟ ପାଇଁ କାଉନସେଲିଂ କରୁଥିବାବେଳେ ରାଜ୍ୟରେ ଆଶାୟୀଙ୍କ ସଂଖ୍ୟା ୧୦ ହଜାରରୁ ଅଧିକ। ସରକାରୀ ମେଡ଼ିକାଲ ସିଟ ପାଇବାରୁ ବଞ୍ଚିତ ଛାତ୍ରଛାତ୍ରୀ ଯଦିଓ ଘରୋଇ ମେଡ଼ିକାଲ କଲେଜରେ ନାମ ଲେଖା ପାଇଁ ଆଶା ରଖୁଛନ୍ତି। ମାତ୍ର ଘରୋଇ କଲେଜର କୋର୍ସ ଫି ବହନ କରିବା ସେମାନଙ୍କ ଅଭିଭାବକଙ୍କ ପାଇଁ ସମ୍ଭବପର ହେଉନି। ତେଣୁ ଦେଶର ଅଧିକାଂଶ ଛାତ୍ରଛାତ୍ରୀ ୟୁକ୍ରେନ, ରୁଷିଆ, ନେପାଳ ଆଦି ଦେଶରେ ମେଡ଼ିକାଲ ପଢ଼ିବା ପାଇଁ ଯାଉଛନ୍ତି। ମିଳିଥିବା ସୂଚନା ଅନୁସାରେ ୟୁକ୍ରେନର ଏକ ମେଡ଼ିକାଲ କଲେଜରେ ଏମବିବିଏସ ପଢ଼ିବା ପାଇଁ ବାର୍ଷିକ ହାରାହାରି ୪ ହଜାର ୫ଶହ ୟୁକ୍ରେନ ଡଲାର ଖର୍ଚ୍ଚ ହେଉଛି। ଯାହାକି ଭାରତୀୟ ମୁଦ୍ରାରେ ଅନୁମାନିକ ୩ ଲକ୍ଷ ୩୦ ହଜାର ଟଙ୍କା। ତେବେ ସେଠାରେ ଛାତ୍ରଛାତ୍ରୀ ୬ ବର୍ଷ ଧରି ଏମବିବିଏସ ପଢ଼ିଥାନ୍ତି। ଏଥିପାଇଁ ସେମାନଙ୍କୁ ସମୁଦାୟ ୧୮ରୁ ୨୦ ଲକ୍ଷ ଟଙ୍କା ସର୍ବାଧିକ ଖର୍ଚ୍ଚ କରିବାକୁ ପଡ଼େ। ହେଲେ ଭାରତରେ ଏପରିକି ଓଡ଼ିଶାରେ ମଧ୍ୟ ଘରୋଇ କଲେଜରେ ମେଡ଼ିକାଲ ପଢ଼ିବା ପାଇଁ ପିଲାଙ୍କୁ ବାର୍ଷିକ ହାରାହାରି ୧୨ରୁ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ। ଦେଖିବାକୁ ଗଲେ ଭାରତରେ ୪ ବର୍ଷରେ ଏମବିବିଏସ ପାଇଁ ଖର୍ଚ୍ଚ ହେଉଥିବା ଅର୍ଥ ରାଶିର ୪୦ ପ୍ରତିଶତରୁ କମ ଅର୍ଥାତ ଅଧା ଖର୍ଚ୍ଚରେ ପିଲାମାନେ ଏମବିବିଏସ ପଢ଼ିବାରେ ସକ୍ଷମ ହେଉଛନ୍ତି। ତେଣୁ ଦେଶର ଅଧିକାଂଶ ଛାତ୍ର ଏଠାକୁ ଡାକ୍ତରୀ ପଢ଼ିବା ପାଇଁ ଯାଇଥାନ୍ତି। ରୁଷିଆରେ ମଧ୍ୟ ଏମବିବିଏସ ପଢ଼ିବା ପାଇଁ ୨୦ରୁ ୨୨ ଲକ୍ଷ ଟଙ୍କା ମଧ୍ୟରେ ଖର୍ଚ୍ଚ ହୁଏ। ସେହିପରି ବିଦେଶରେ ମଧ୍ୟ କୌଣସି ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୁଏ ନାହିଁ। ମେଡ଼ିକାଲ କଲେଜରେ ସିଟ ଗୁଡ଼ିକ ସଂଖ୍ୟା ମଧ୍ୟ ଯଥେଷ୍ଟ ଅଧିକ।

ଅନ୍ୟପକ୍ଷରେ ବିଦେଶରେ ଏମବିବିଏସ ପଢ଼ି ଭାରତ ଫେରୁଥିବା ଡାକ୍ତରଙ୍କୁ ସିଧାସଳଖ ଚିକିତ୍ସା ତଥା ପ୍ରାକ୍ଟିସ (ଡାକ୍ତରୀ ଅଭ୍ୟାସ) ପାଇଁ ସୁଯୋଗ ମିଳିନଥାଏ। ଏଥିପାଇଁ ସେମାନଙ୍କୁ ଏମ୍‌ଏମଜିଇ (ଫରେନ ମେଡ଼ିକାଲ ଗ୍ରାଜୁଏଟ ଏକଜାମିନେସନ)ରେ ଉତ୍ତୀର୍ଣ୍ଣ ହେବାକୁ ପଡ଼େ। ତେବେ ବିଦେଶର ମେଡ଼ିକାଲ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟ ଏମସିଆଇ (ମେଡ଼ିକାଲ କାଉନସିଲ ଅଫ ଇଣ୍ଡିଆ) ଅନୁମୋଦିତ ହୋଇଥିବା ଜରୁରୀ। ବିଦେଶରେ ଏମବିବିଏସ ଅଧ୍ୟୟନ କରିବା ଖର୍ଚ୍ଚ ଭାରତ ତୁଳନାରେ ଯଥେଷ୍ଟ କମ। ପ୍ରତିବର୍ଷ ୧୬ ଲକ୍ଷ ପିଲା ନିଟ ପରୀକ୍ଷା ଦେଉଥିବାବେଳେ ୮ଲକ୍ଷ କୃତକାର୍ଯ୍ୟ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୧ ଲକ୍ଷ ପିଲାଙ୍କୁ ସିଟ ମିଳୁଛି। ବଳକା ପିଲା ବିଦେଶରେ ଡାକ୍ତରୀ ପଢ଼ିବାକୁ ପସନ୍ଦ କରୁଛନ୍ତି। ହେଲେ ବିଡ଼ମ୍ବନାର ବିଷୟ ହେଉଛି ମାତ୍ର ୭ରୁ ୮ ପ୍ରତିଶତ ପିଲା ଏଫଏମଜିଇରେ କୃତକାର୍ଯ୍ୟ ହେଉଛନ୍ତି। ବିଦେଶରେ ଡାକ୍ତରୀ ପଢ଼ି ମଧ୍ୟ ଛାତ୍ରଛାତ୍ରୀ ସରକାରୀ ଚାକିରି କରିପାରିବେ। ଏଥିପାଇଁ ସେମାନଙ୍କୁ ଏଫଏମଜିଇରେ ଉତ୍ତୀର୍ଣ୍ଣ ହେବା ସହ ଭାରତରେ ପିଜି କରିବାକୁ ହୋଇଥାଏ। କମ ଖର୍ଚ୍ଚ ଓ ସିଟ ପାଇବା ପାଇଁ ହିଁ ପିଲାମାନେ ବିଦେଶ ଯାଇଥାନ୍ତି।

ଏକ ଜନକଲ୍ୟାଣ ରାଷ୍ଟ୍ରର ଯଦି ସର୍ବନିମ୍ନ ମୌଳିକ କର୍ତ୍ତବ୍ୟ ବୋଲି କିଛି ଥାଏ, ତାହା ହେଉଛି ନାଗରିମାନଙ୍କୁ ଉଚ୍ଚ ମାନର ନିଃଶୁଳ୍କ ସାର୍ବଜନୀନ ସ୍ୱାସ୍ଥ୍ୟସେବା ଓ ଶିକ୍ଷାସେବା ପ୍ରଦାନ। ୧୯୮୦ ଦଶକ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସେବା ଏଠାରେ ରାଷ୍ଟ୍ରର ଦାୟିତ୍ୱ ହୋଇ ରହିଥିଲା। ତା ପର ଠାରୁ ଏଠାରେ ସ୍ୱାସ୍ଥ୍ୟସେବା ଏକ ଘରୋଇ ବ୍ୟବସାୟରେ ପରିଣତ ହେବା ସହିତ ଡାକ୍ତରୀ ଶିକ୍ଷା ମଧ୍ୟ ତାହା ହୋଇଯାଇଛି। ସରକାର କ୍ୟୁବା ଭଳି ଦେଶରେ ଅନୁସୃତ ମଡ଼େଲ କିମ୍ବା ଅନ୍ତତଃ ବ୍ରିଟେନର ଏନଏଚଏସ ଜାତୀୟ ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ମଡ଼େଲ ରୂପେ ଗ୍ରହଣ କରି ଏଠାରେ ନାଗରିକମାନଙ୍କୁ ସିଧାସଳଖ ବ୍ୟୟଶୂନ୍ୟ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ ସହିତ ବହୁ ସଂଖ୍ୟକ ସରକାରୀ ମେଡ଼ିକାଲ କଲେଜମାନ ସ୍ଥାପନ କରି ସୁଦକ୍ଷ ଡାକ୍ତର ମାନଙ୍କୁ ପ୍ରସ୍ତୁତ କରିବାରେ ରାଷ୍ଟ୍ରର ସମ୍ବଳ ବିନିଯୋଗକୁ ସାଲିସହୀନ ପ୍ରାଥମିକତା ପ୍ରଦାନ କରନ୍ତୁ।

# ହିଜାବ ପ୍ରସଙ୍ଗ ଓ ମାନବୀୟ ମୂଲ୍ୟବୋଧ



ନାରାୟଣ ଚନ୍ଦ୍ର ବିଶ୍ୱାଳ
କଟିକଟା, ମଙ୍ଗଳପୁର, ଯାଜପୁର,
ଦୂରଭାଷ : ୯୪୩୮୨୭୬୭୬୦


ଆଜିର ସମୟରେ ହିଜାବ ଏକ ବଡ଼ ପ୍ରସଙ୍ଗ ପାଲଟିଛି। ଏହି ସମୟରେ ମନେପଡୁଛି ପିଲାଦିନର ଏକ କଥା। ଥରେ ଜଣେ ତଥାକଥିତ ଭାବେ କୁହାଯାଉଥିବା ଅନ୍ୟ ଜାତିର ପିଲାର କାନ୍ଧରେ ହାତ ପକାଇ ମୁଁ ବିଦ୍ୟାଳୟରୁ ଫେରୁଥିବାବେଳେ ମୋ ବାପା ଏହାକୁ ଦେଖିଥିଲେ ଏବଂ ସେହି ଦିନ ସେ ମୋ ଉପରେ ସାମାନ୍ୟ ବିରକ୍ତି ମଧ୍ୟ ହୋଇଥିଲେ। ଏ ଘଟଣା ସାରା ଜୀବନ ମୋ ପାଇଁ ସ୍ମରଣୀୟ ହୋଇ ରହିଗଲା। ଡାକ୍ତରୀ ବୃତ୍ତି ପେଷା ଭିତରେ ଜାତି, ଧର୍ମ, ବର୍ଣ୍ଣ କିଛି ନଥାଏ। ସମସ୍ତେ ଅମୂଲ୍ୟ ସନ୍ତାନ ଓ ଆମ ପାଇଁ ସେମାନଙ୍କ ଚିକିତ୍ସା ଓ ଜୀବନ ବହୁତ ବଡ଼ ଧର୍ମ। ଏହା ହିଁ ମାନବିକତା। ଧର୍ମର ଦ୍ୱାହି ଦେଇ ଏକ ପନ୍ଥ ନିରପେକ୍ଷ ଦେଶରେ ସମସ୍ୟା ସୃଷ୍ଟି କରିବା ଅପେକ୍ଷା ଆଧୁନିକ ସମୟର ଆବଶ୍ୟକତାକୁ ପୂରଣ କରି ନିଜକୁ ସଶକ୍ତ କରିବା ପାଇଁ ଅଯଥା ବିବାଦରୁ ଦୂରେଇ ରହି ଶାନ୍ତିପୂର୍ଣ୍ଣ ସହାବସ୍ଥାନର ମାର୍ଗ ବାଛିବା ଶ୍ରେୟସ୍କର। ସେହି ଦୃଷ୍ଟିରୁ ଦେଖିଲେ 'ହିଜାବ ବିବାଦ' ଉପରେ କର୍ଣ୍ଣାଟକ ହାଇକୋର୍ଟ ଦେଇଥିବା ରାୟ ଉଚିତ ମନେ ହୁଏ। ଅଦାଲତ ତାଙ୍କ ରାୟରେ ସ୍ପଷ୍ଟ କରିଦେଇଛନ୍ତି ଯେ 'ହିଜାବ' ଇସଲାମ ଧର୍ମ ପାଳନର ଅତ୍ୟାବଶ୍ୟକ ଅଂଶ ନୁହେଁ। ତେଣୁ ଶିକ୍ଷାନୁଷ୍ଠାନ ଗୁଡ଼ିକ ଦ୍ୱାରା ପ୍ରଚଳିତ ୟୁନିଫର୍ମ ପୋଷାକ ବ୍ୟବସ୍ଥା ଦ୍ୱାରା କୌଣସି ସମ୍ପ୍ରଦାୟର ଛାତ୍ରଛାତ୍ରୀଙ୍କ ମୌଳିକ ଅଧିକାର କ୍ଷୁର୍ଣ୍ଣ ହେଉନାହିଁ। ଅଦାଲତ ସ୍କୁଲ ୟୁନିଫର୍ମକୁ ଏକ ଯୁକ୍ତିଯୁକ୍ତ ଓ ଶୃଙ୍ଖଳାଗତ ନିର୍ଦ୍ଦେଶ ଭାବେ ଦର୍ଶାଇଛନ୍ତି। ଶିକ୍ଷାନୁଷ୍ଠାନ ଗୁଡ଼ିକର ପରିଚାଳନା କର୍ତ୍ତୃପକ୍ଷଙ୍କ ଏ ସମ୍ପର୍କିତ ଅଧିକାରରହିଛି। କିଛି ବିଭେଦ ସୃଷ୍ଟିକାରୀ ଶକ୍ତି ଏଭଳି ପ୍ରସଙ୍ଗକୁ ଧାର୍ମିକ ରଙ୍ଗ ଦେଇ ସାମାଜିକ ଅସ୍ଥିରତା ସୃଷ୍ଟି କରୁଛନ୍ତି ବୋଲି ମଧ୍ୟ ଉଚ୍ଚନ୍ୟାୟାଳୟ କହିଛନ୍ତି।

କର୍ଣ୍ଣାଟକ ହାଇକୋର୍ଟଙ୍କ ରାୟ ସମ୍ପୃକ୍ତ ଆବେଦନକାରୀଙ୍କୁ ସନ୍ତୁଷ୍ଟ କରିବ କି ନାହିଁ ତାହା ଭିନ୍ନ କଥା। ସେମାନେ ତ ରାୟ ବିରୋଧରେ ସର୍ବୋଚ୍ଚ ଅଦାଲତରେ ଅପିଲ କରିସାରିଲେଣି। ଏବେ ସୁପ୍ରିମକୋର୍ଟଙ୍କ ଶୁଣାଣି ଉପରେ ସମସ୍ତଙ୍କର ନଜର ରହିବା ସ୍ୱାଭାବିକ। ତେବେ ପ୍ରଶ୍ନ ଉଠୁଛି ଯେ ଆଧୁନିକ ଶିକ୍ଷା ବ୍ୟବସ୍ଥାରେ ଯେଉଁଠି ୟୁନିଫର୍ମ ବ୍ୟବସ୍ଥା ରହିଛି ତାହାକୁ ବିରୋଧ କରି ବିଭିନ୍ନ ସମ୍ପ୍ରଦାୟ ନିଜର ଧାର୍ମିକ ପୋଷାକ ଓ ସଂକେତ ପରିଧାନ କରିବାର ଅଭିପ୍ରାୟକୁ ଏକ ଅଯଥା ସମସ୍ୟା ସୃଷ୍ଟିକାରୀ ବୋଲି ଭାବିବା ଅନୁଚିତ ହେବନାହିଁ। ଧର୍ମ ସର୍ବଦା ଏକ ବ୍ୟକ୍ତିଗତ ବ୍ୟାପାର। ଏହାକୁ ଆମେ ସର୍ବସାଧାରଣରେ ପ୍ରଦର୍ଶନ କରିବାକୁ ଜିଦ ଧରି କାହିଁକି ସମସ୍ୟା ସୃଷ୍ଟି କରିବା ? ବିଶେଷକରି ଅନ୍ୟ କେଉଁ ଧର୍ମାବଲମ୍ବୀ ଛାତ୍ରଛାତ୍ରୀ ଏଭଳି ଅଧିକାର ସାବ୍ୟସ୍ତ ପାଇଁ ଦାବି କରୁନଥିବାବେଳେ ଏକ ନିର୍ଦ୍ଦିଷ୍ଟ ଧର୍ମର ପିଲାମାନେ ହଠାତ୍ ଏଭଳି ଦାବି ଉଠାଇବା ଦୂରଭିସନ୍ଧିମୂଳକ ମନେ ହୁଏ। ହିନ୍ଦୁ, ମୁସଲମାନ, ଶିଖ ଓ ଖ୍ରୀଷ୍ଟିଆନ ନିର୍ବିଶେଷରେ ସମସ୍ତେ ଏକ ଆନୁଷ୍ଠାନିକ ଶୃଙ୍ଖଳା ଭିତରେ ଶିକ୍ଷା ଗ୍ରହଣ କରି ଜୀବନର ଅସଲ ଲକ୍ଷ୍ୟ ପୂରଣ ଦିଗରେ ଅଗ୍ରସର ହେବା ଆବଶ୍ୟକ।

ଅନେକ ସମୟରେ ଭାରତୀୟ ଧର୍ମ, ସଂସ୍କୃତି, ପରମ୍ପରା ଓ ଅଭ୍ୟାସ ଆଧାରରେ ଅନେକ ଅପସଂସ୍କୃତି ଓ ଅନ୍ଧବିଶ୍ୱାସକୁ ପ୍ରୋତ୍ସାହିତ କରାଯାଇଥାଏ। ଏହା ସାବରୀମାଲା ମନ୍ଦିରରେ ପ୍ରାପ୍ତ ବୟସ୍କ ଯୁବତୀ / ମହିଳାଙ୍କ ପ୍ରବେଶ ଉପରେ କଟକଣା ହେଉ ଅଥବା ତିନି ତଲାକ ବା 'ହିଜାବ' ପ୍ରସଙ୍ଗରେ ଅଦାଲତଙ୍କ ରାୟ - 'ଏହା ଇସଲାମର ଅବଚ୍ଛେଦ୍ୟ ଅଙ୍ଗ ନୁହେଁ' ଫଳରେ ସମ୍ପୃକ୍ତ ଧର୍ମ ଏହା ଉପରେ କୌଣସି ନିଷେଧାଦେଶ ଜାରି କରୁନାହିଁ କିମ୍ବା ଯେଉଁ ଧର୍ମପ୍ରାଣ ମୁସଲମାନମାନେ ହିଜାବ ବ୍ୟବହାର କରୁନାହାନ୍ତି ସେମାନଙ୍କ ଧାର୍ମିକ ସ୍ଥିତି କମିଯାଉନାହିଁ। ବିଶ୍ୱର ଅନେକ ମୁସଲମାନ ଧର୍ମାବଲମ୍ବୀ ଦେଶରେ ହିଜାବର ବ୍ୟବହାର ପରିଲକ୍ଷିତ ହୁଏନାହିଁ। ସେ ଦୃଷ୍ଟିରୁ ଉଚ୍ଚ ଅଦାଲତଙ୍କ ରାୟ ଠିକ ଅଛି। କର୍ଣ୍ଣାଟକର ସମସ୍ୟା ହେଲା ସେହି ରାଜ୍ୟର ସବୁ କଲେଜ ୟୁନିଫର୍ମ ବ୍ୟବସ୍ଥା ନାହିଁ। ଯେଉଁଠି ଅଛି ତାହାକୁ ପାଳନ କରାଯିବା ଏବଂ ଯେଉଁଠି ନାହିଁ ସେଠି ତାହା ପାଳନ ହେବନାହିଁ।

ଫ୍ରାନ୍ସ, କାନାଡ଼ା, ବ୍ରିଟେନ ଓ ଆମେରିକା ଭଳି କେତେକ ଅଣଭାରତୀୟ ସଂସ୍କୃତି ଓ ଧର୍ମନିରପେକ୍ଷ ବ୍ୟବସ୍ଥାରେ ଅବଶ୍ୟ ଧର୍ମ ଅନୁସାରେ ପୋଷାକ ପରିଧାନର ନିୟମ ରହିଛି। କିନ୍ତୁ ଯେଉଁଠି ୟୁନିଫର୍ମ ବ୍ୟବସ୍ଥା ରହିଛି ତାହା ଅଲଙ୍ଘନୀୟ ହୋଇଥିଲେ ହେଁ ମାନବିକ ଅଧିକାରର ସୁରକ୍ଷା ବ୍ୟବସ୍ଥା ଅଛି। ହେଲେ ପ୍ରକୃତ ବିଦ୍ୟାର୍ଥୀ ବ୍ୟକ୍ତିଗତ ଧାର୍ମିକ ପୋଷାକ ଓ ପ୍ରତୀକକୁ ଗୁରୁତ୍ୱ ନ ଦେଇ ଅନ୍ୟମାନଙ୍କ ସହ ସାମିଲ ହୋଇ ୟୁନିଫର୍ମ ବା ସାଧାରଣ ଆନୁଷ୍ଠାନିକ ପରିଧାନକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ସବୁ ଧର୍ମ ଓ ପନ୍ଥକୁ ସମ ଅଧିକାର ପ୍ରଦାନ ସତ୍ତ୍ୱେ ଏକ ମିଳିତ ଓ ଗ୍ରହଣୀୟ ପୋଷାକ କୋଡ଼ ପ୍ରଚଳିତ ହୋଇଛି। ତେବେ ସେ ଯା ହେଉ ହିଜାବ ପରିଧାନ ନେଇ କେତେକଙ୍କ ମଧ୍ୟରେ ଯେଉଁ ଛାନିଆ ଓ ଅତିଶୟ ଧାର୍ମିକ ପ୍ରବଣତା ସୃଷ୍ଟି ହୋଇଥିଲା ତାହା ପ୍ରଗତିର ପରିପନ୍ଥୀ। ଏହାକୁ ଧର୍ମ ଓ ସଂସ୍କୃତିର ଅଙ୍ଗ ଭାବେ ଜାବୁଡ଼ି ଧରି ଶିକ୍ଷାଲାଭର ବୃହତ୍ତର ଲକ୍ଷ୍ୟକୁ ବିଘ୍ନିତ କରିବା ଅନୁଚିତ। ମୋ ବ୍ୟକ୍ତିଗତ ମତାମତ ଏ କ୍ଷେତ୍ରରେ ମୁଁ ରଖୁଛି ତାହେଲେ ଶିକ୍ଷାୟତନ ପରି ଏକ ପବିତ୍ର ଜାଗାରେ ଜାତି, ବର୍ଣ୍ଣ, ଧର୍ମ, ବେଶ ପୋଷାକର ଭେଦଭାବ ରହେ ତାହାହେଲେ ଏହା ରାଷ୍ଟ୍ରୀୟ ଏକତା ଓ ମାନବୀୟ ମୂଲ୍ୟବୋଧ ପାଇଁ ଏକ ବଡ଼ ଅପମାନ। ତେଣୁ ସରକାରୀ ଭାବେ ଶ୍ରେଣୀ କୋଠରୀରେ ବିଭିନ୍ନ ଜାତି, ଧର୍ମ ଓ ବେଶପୋଷାକ ପାଇଁ ସ୍ୱତନ୍ତ୍ର କୋଠରୀ ଖୋଲାଯାଉ। ହିନ୍ଦୁଙ୍କ ପାଇଁ, ମୁସଲମାନ ମାନଙ୍କ ପାଇଁ, ଖ୍ରୀଷ୍ଟିଆନ ମାନଙ୍କ ପାଇଁ, ଶିଖଙ୍କ ପାଇଁ, ଜୈନଙ୍କ ପାଇଁ, ଆଦିବାସୀଙ୍କ ପାଇଁ, ହରିଜନଙ୍କ ପାଇଁ ଏହିପରି ବିଭିନ୍ନ ବର୍ଗ ରଖାଯାଉ। କିନ୍ତୁ ଆମେମାନେ ମନେରଖିବା ଉଚିତ ଯେ ଶିକ୍ଷାୟତନ ହେଉଛି ଏକ ଏପରି କ୍ଷେତ୍ର ଯେଉଁଠି ବନ୍ଧୁତ୍ୱ, ଭଲପାଇବା, ସ୍ନେହ, ଆଦର, ଶ୍ରଦ୍ଧା, ସହଯୋଗ ଓ ସହାୟତା ହିଁ ସବୁକିଛି। ରାଜନୈତିକ ମତବାଦ ଭିନ୍ନ ହୋଇପାରେ ହେଲେ ମଣିଷ ପଣିଆ ଓ ମାନବିକତା ସମ୍ପୂର୍ଣ୍ଣ ଅଲଗା। ଶିକ୍ଷାନୁଷ୍ଠାନର ପ୍ରାଥମିକ ଉଦ୍ଦେଶ୍ୟ ହେଲା ଛାତ୍ରଛାତ୍ରୀମାନଙ୍କ ଜ୍ଞାନବର୍ଦ୍ଧନ, ଚରିତ୍ର ନିର୍ମାଣ ଓ ଉତ୍ତମ ମଣିଷ ଗଠନ। ଏଥିପାଇଁ ଯେକୌଣସି ନିୟମ ବା ମାର୍ଗଦର୍ଶିକା ଆଇନତଃ ପ୍ରଚଳନ କରାଯାଇଛି ତାହା ସର୍ବଥା ସ୍ୱାଗତଯୋଗ୍ୟ। ବିଦ୍ୟାଳୟ ଧାର୍ମିକ ପ୍ରଦର୍ଶନର କ୍ଷେତ୍ର ନୁହେଁ ଏବଂ କଦାପି ହେବା ଅନୁଚିତ।

# ଉଚ୍ଚ ଶବ୍ଦ ସୃଷ୍ଟିକାରୀ ବାଇକ୍ ଦେଖିଲେ କାର୍ଯ୍ୟାନୁଷ୍ଠାନ



ନାଟ୍ୟସାରଥି ଅଭୟ କୁମାର ଦାସ
ଗୋତରା, ମାହାଙ୍ଗା, କଟକ,
ଦୂରଭାଷ : ୯୪୩୭୧୪୨୭୧୭


ଆଜିକାଲି ବିଶେଷକରି ଯୁବ ବର୍ଗ ଓ ନିଶାସକ୍ତ ବାଇକ ଚାଳକମାନେ ଯେଉଁପରି ଭୟାନକ ଉଚ୍ଚ କର୍କଶ ସ୍ୱରର ଶବ୍ଦ ରହିଥିବା ଗାଡ଼ି ଚଳାଇ ଯାଉଛନ୍ତି ତାହା ଅତ୍ୟନ୍ତ ଦୁଃଖଦାୟକ। କାରଣ ଏହାଦ୍ୱାରା ଅନ୍ୟମାନେ ହଠାତ୍ ଭୟଭୀତ ହୋଇ ହଡବଡ଼ ହୋଇଯାଉଛନ୍ତି ଓ ଯାହାକି ବଡ଼ ଦୁର୍ଘଟଣାର କାରଣ ପାଲଟୁଛି। ସାବଧାନ ! ଏଣିକି ବାଇକରୁ ଉଚ୍ଚ ଶବ୍ଦ ବାହାରୁଥିଲେ ହେବ କାର୍ଯ୍ୟାନୁଷ୍ଠାନ। ଖୋଜି ଖୋଜି ଧରିବ ପୋଲିସ। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ଅନେକ ଯୁବକ ବାଇକକୁ ମଡ଼େଲିଂ କରିବା ସହ ସେଥିରେ ବିକଟାଳ ବା ଉଚ୍ଚ ଶବ୍ଦ ସୃଷ୍ଟିକାରୀ ସାଇଲେନ୍ସର ପାଇପ ଲଗାଉଛନ୍ତି। କେଉଁ ସାଇଲେନ୍ସର ପାଇପରୁ ବାଣ ଫୁଟିବାର ଶବ୍ଦ ବାହାରୁଛି ତ ପୁଣି ଆଉ କେଉଁଥିରୁ ଛାତି ଥରାଇ ଦେବା ଭଳି ଢ଼ୋ ଢ଼ୋ ଠୋ ଠା ଶବ୍ଦ ବାହାରୁଛି। ରାସ୍ତାରେ ଏଭଳି ଶବ୍ଦ ମାଧ୍ୟମରେ ଅନ୍ୟ ଯାତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଯୁବପିଢ଼ି ଖୁସି ହେଉଥିଲେ ମଧ୍ୟ ଏହା ଅନ୍ୟ ଯାତ୍ରୀଙ୍କ ପାଇଁ ବିପଦ ଆଣୁଛି। ଦୁର୍ଘଟଣା ଘଟାଇବା ସହ ହୃଦ୍‌ରୋଗୀଙ୍କ ପାଇଁ ଘାତକ ସାଜୁଛି। ଏହାଦ୍ୱାରା ପରିବେଶ ଓ ଧ୍ୱନି ପ୍ରଦୂଷିତ ହେଉଛି। ଏହା ବେଆଇନ ହୋଇଥିଲେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ଥିବାରୁ କେହି ମାନୁନାହାନ୍ତି। ତେବେ ବିଳମ୍ବରେ ହେଲେ ମଧ୍ୟ କମିଶନରେଟ ପୋଲିସ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ କରିଛି। କମିଶନରେଟ ପୋଲିସ ପକ୍ଷରୁ ଏକ ମୋବାଇଲ ଫୋନ ନଂ ୮୦୯୩୦୨୮୧୦୭ ଜାରି କରାଯାଇଛି। ଯଦି ଏପରି ଉଚ୍ଚଶବ୍ଦ କରୁଥିବା କୌଣସି ବାଇକ ନଜରକୁ ଆସେ ତାହେଲେ ତାହାର ଫଟୋ ଉଠାଇ ଏହି ନମ୍ବରରେ ହ୍ୱାଟ୍ସଆପ ମାଧ୍ୟମରେ ପୋଷ୍ଟ କରିବାକୁ ପରାମର୍ଶ ଦିଆଯାଇଛି।

ରାସ୍ତାରେ ନିଜର ଉପସ୍ଥିତି ଜାହିର କରିବାକୁ ଏଭଳି ବାଇକ ବ୍ୟବହାର କରାଯାଉଛି। ସ୍ୱତନ୍ତ୍ର ଡ୍ରାଇଭ ମାଧ୍ୟମରେ ବିକଟାଳ ବା ଉଚ୍ଚ ଶବ୍ଦ କରୁଥିବା ବାଇକ ବ୍ୟବହାର କରୁଥିବା ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଆମେ ସିସିଟିଭି ଦ୍ୱାରା ଅଭିଯାନକୁ ମନିଟର କରୁଛୁ। ଯେଉଁଠି ବି ପରିବର୍ତ୍ତିତ ସାଇଲେନ୍ସର ଦେଖାଯିବ ସେ ବାଇକକୁ ଜବତ କରିବାକୁ ପିସିଆର ଟିମକୁ କୁହାଯାଇଛି। ଆବଶ୍ୟକତା ପଡ଼ିଲେ ଚାଳକଙ୍କ ବିରୋଧରେ ମାମଲା ମଧ୍ୟ ରୁଜୁ କରାଯିବ।

ଆସନ୍ତୁ ସର୍ବପ୍ରଥମେ ଜାଣିବା ସରକାରୀ ବ୍ୟବସ୍ଥାରେ ନିୟମ କ'ଣ ରହିଛି । ସାଇଲେନ୍ସର ପାଇପରୁ ସର୍ବାଧିକ ୮୦ ଡେସିମିଲ ଶବ୍ଦ ବାହାରିବାର ନିୟମ ରହିଛି। ଏହାଠାରୁ ଅଧିକ ଶବ୍ଦ ବାହାରିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ହେଲେ ଲୋକେ ଏହାଠାରୁ ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ସାଇଲେନ୍ସର ପାଇପ ବ୍ୟବହାର କରୁଥିବା ଦେଖାଯାଉଛି। ଏହା ବେଆଇନ ହୋଇଥିବାରୁ ଟ୍ରାଫିକ ପୋଲିସ ପକ୍ଷରୁ ସାଇଲେନ୍ସର କଢ଼ାଯିବା ସହ ଚାଳକଙ୍କଠୁ ଏମଭି ଆକ୍ଟ ଆନୁଯାୟୀ ଜରିମାନା କଟାଯାଉଛି। ଏଥିସହ ଆରଟିଓ ପକ୍ଷରୁ ମଧ୍ୟ ଜରିମାନା କଟାଯିବାର ନିୟମ ରହିଛି। ସର୍ବନିମ୍ନ ଶବ୍ଦ ଥିବା ଗାଡ଼ିର ହର୍ଣ୍ଣ ବ୍ୟବସ୍ଥା କରନ୍ତୁ କାରଣ ଏହା ଆପଣଙ୍କ ପାଇଁ ଯେତିକି ବିପଦ ନୁହେଁ ରାସ୍ତାରେ ଯାଉଥିବା ପଥଚାରୀ ଓ ଅନ୍ୟ ଗାଡ଼ି ଚାଳକଙ୍କ ପାଇଁ ଏହା ବଡ଼ ବିପଦର କାରଣ ପାଲଟୁଛି। ସଚେତନ ହୁଅନ୍ତୁ ନଚେତ ପୋଲିସର ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନକୁ ସାମ୍ନା କରି ନିଜ ଓ ନିଜ ପରିବାରର ମାନ ସମ୍ମାନ ହାନି କାହିଁକି କରିବେ ? ଏ ଦିଗରେ ଟିକେ ସମାଜ ପ୍ରତି ଥିବା ଆପଣଙ୍କ ଦାୟିତ୍ୱକୁ ମନେପକାନ୍ତୁ ଓ ସଚେତନ ରୁହନ୍ତୁ।

# ଏକ୍ୟୁଟ୍ କୋଲେସିସ୍‌ଟାଇଟିସ୍



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ସହପ୍ରତିରତ୍ୱିକ ଓ ବିଭାଗୀୟ ମୁଖ୍ୟ, ଲିଭର ବିଭାଗ
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭


ସାଧାରଣତଃ ପିତ୍ତକୋଷରେ ବିଭିନ୍ନ ପ୍ରକାର ରୋଗ ଦେଖାଯାଇଥାଏ । ସେଗୁଡ଼ିକ ହେଲା, ହଠାତ୍ ପିତ୍ତକୋଷ ଫୁଲିଯିବା, ଦରଜ ହେବା, ଜ୍ୱର ହେବା, ହଳଦିଆ ପରିସ୍ରା ହେବା ଇତ୍ୟାଦି । ଏହାକୁ ଏକ୍ୟୁଟ୍ କୋଲେସିସ୍‌ଟାଇଟିସ୍ କୁହାଯାଏ । ହଠାତ୍ ଏହି ରୋଗ ଆରମ୍ଭ ହୁଏ । ରୋଗୀ ପେଟରେ ଯନ୍ତ୍ରଣା ଅନୁଭବ କରେ । ଭୀଷଣ ଜ୍ୱର ହୁଏ । ବାନ୍ତି ଏବଂ ହଳଦିଆ ପରିସ୍ରା ହୁଏ । ବେଳେବେଳେ ଆଖି ହଳଦିଆ ଦେଖାଯାଏ । ପିତ୍ତକୋଷରେ ପଥର ଥିଲେ ଏହି କୋଲେସିସ୍‌ଟାଇଟିସ୍ ହୁଏ। ସାଧାରଣତଃ ମହିଳା ମାନଙ୍କ ଠାରେ ଏହି ରୋଗ ଅଧିକ ହୋଇଥାଏ । ବିଶେଷକରି ମୋଟା ସ୍ତ୍ରୀ ଲୋକ, ଛୁଆପିଲା ଥିବା ସ୍ତ୍ରୀ ଲୋକ, ୪୦ ବର୍ଷ ବା ତା'ଠାରୁ ଅଧିକ ବର୍ଷର ମହିଳା ମାନଙ୍କ ଠାରେ ଏହି ରୋଗ ବେଶୀ ଦେଖାଯାଏ । ପୁରୁଷ ମାନଙ୍କ ମଧ୍ୟରେ ଅଳ୍ପ ସଂଖ୍ୟାରେ ଏହି ରୋଗ ଦେଖାଯାଏ। ଦୁଇଟି କାରଣରୁ ଏହି ରୋଗ ହୋଇଥାଏ । ପ୍ରଥମତଃ ପିତ୍ତକୋଷରେ ପଥର ଏବଂ ଦ୍ୱିତୀୟରେ ପିତ୍ତକୋଷରୁ ପିତ୍ତ ଯିବା ବାଟରେ ମଇଳା ରହି ବାଟ ବନ୍ଦ ହୋଇଗଲେ ଏହି ରୋଗ ହୁଏ ଯାହାକୁ କୋଲାଞ୍ଜାଇଟିସ୍ କୁହାଯାଏ।

ଏପରି ହେଲେ ପିତ୍ତକୋଷ ଫୁଲିଯାଏ ଏବଂ ବ୍ୟଥା ହୁଏ । ପିତ୍ତକୋଷରେ ପଥର ଅଧିକ ଭାବରେ ମହିଳା ମାନଙ୍କ ଠାରେ ହୁଏ । ପିତ୍ତକୋଷରେ ପଥର ହେବାରେ ବିଭିନ୍ନ କାରଣ ରହିଛି । ତେବେ ମୂଳ କାରଣ ହେଲା ପିତ୍ତକୋଷରେ ଥିବା ପିତ୍ତ ଜମିଗଲେ ଏହା ଧୀରେ ଧୀରେ ଟାଣ ହୋଇଯାଏ ଏବଂ ପଥର ପରି ଶକ୍ତ ହୋଇଯାଏ । ଏହାକୁ ପିତ୍ତକୋଷରେ ପଥର (ଗଲବ୍ଲାଡର ଷ୍ଟୋନ) କୁହାଯାଏ । ପିତ୍ତକୋଷରେ ପଥର ଥିଲେ ଏବଂ ହଠାତ୍ ସଂକ୍ରମଣ ନହେଲେ ଅନେକ ଦିନ ପର୍ଯ୍ୟନ୍ତ କୌଣସି ଲକ୍ଷଣ ଦେଖାଯାଏ ନାହିଁ । କୌଣସି କାରଣରୁ ପେଟରେ ଅଲଟ୍ରାସୋନୋଗ୍ରାଫି କରିବା ବେଳେ ଏହା ଜଣାପଡ଼େ । ପିତ୍ତକୋଷରେ ପଥର ଥିଲେ ଏବଂ ସଂକ୍ରମଣ ହୋଇନଥିଲେ ଏହାର କୌଣସି ନିର୍ଦ୍ଦିଷ୍ଟ ଲକ୍ଷଣ ନଥାଏ । କେବଳ ବେଳେବେଳେ ପେଟ ଫୁଲାଇବା, ଅଧିକ ଚର୍ବିଜାତୀୟ ଖାଦ୍ୟ ଖାଇଲେ ହଜମ ନହେବା, ଆମ୍ବିଳା ହେକୁଟିରୁ ଅମ୍ଳପିତ୍ତ ହୋଇଥିବା ଜଣାପଡ଼େ । ପିତ୍ତକୋଷରେ ପଥର ଚିକିତ୍ସାରେ ମଧ୍ୟ ଆମୂଳଚୂଳପ ରିବର୍ତ୍ତନ ଘଟିଛି । ଏହା ସହଜ ଏବଂ ସୁବିଧାଜନକ ହୋଇପାରିଛି । ପୂର୍ବେ ଅପରେସନ ମାଧ୍ୟମରେ ପଥର ବାହାର କରାଯାଉଥିଲା । ତେବେ ବର୍ତ୍ତମାନର ପରିବର୍ତ୍ତିତ ଚିକିତ୍ସା ଅନୁସାରେ ପେଟ କଟା ହେବାର ଚିନ୍ତା ନାହିଁ । ମାତ୍ର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଚିକିତ୍ସା ହେଉଛି । ଲାପୋରୋସ୍କୋପି ଯନ୍ତ୍ର ଯୋଗୁଁ ଏହା ସମ୍ଭବ ହୋଇପାରୁଛି । ପେଟ ନକାଟି ୪ଟି ଛୋଟ କଣା ସାହାଯ୍ୟରେ ଏହି ଯନ୍ତ୍ରର ଅଂଶ ବିଶେଷ ପେଟ ଭିତରେ ଭର୍ତ୍ତି କରାଯାଏ ଏବଂ ଡାକ୍ତର ବାହାରେ ଥାଇ ଏହି ଅପରେସନ କରିଥାନ୍ତି। ଛିଦ୍ର ଦେଇ ପିତ୍ତକୋଷ ଓ ପଥର ବାହାର କରାଯାଏ। ଅପରେସନର ୨୪ ଘଣ୍ଟା ପରେ ରୋଗୀକୁ ତରଳ ଖାଦ୍ୟ ଦିଆଯାଏ ଏବଂ ୪୮ରୁ ୭୨ ଘଣ୍ଟା ମଧ୍ୟରେ ହାଲୁକା କଠିନ ଖାଦ୍ୟ ଦିଆଯାଏ। ତେବେ କେତେକ କ୍ଷେତ୍ରରେ ଲାପୋରୋସ୍କୋପି ଅପରେସନ ସମ୍ଭବ ହେଉନଥିବାରୁ ପେଟ କାଟି ଅସ୍ତ୍ରୋପଚାର କରାଯାଇଥାଏ। ରାଜ୍ୟର ସର୍ବବୃହତ୍ ବଡ଼ମେଡ଼ିକାଲ ଠାରୁ ଜିଲ୍ଲାସ୍ତରୀୟ ସଦରମହକୁମା ଡାକ୍ତରଖାନାରେ ସର୍ଜରୀ ବିଭାଗରେ ଏହି ଅସ୍ତ୍ରୋପଚାର ହୋଇପାରୁଛି। ସୁଦକ୍ଷ ସର୍ଜନମାନେ ରୋଗୀଙ୍କ ପରୀକ୍ଷା ନିରୀକ୍ଷା କରି ଏହି ଅପରେସନ କରୁଛନ୍ତି। ତେବେ ପ୍ରାଥମିକସ୍ତରରେ କିଛି ରୁଟିନ୍ ଜୀବନକୁ ସ୍ୱାସ୍ଥ୍ୟପ୍ରଦ ରଖିପାରିଲେ ଏହି ସମସ୍ୟା ଜଟିଳ ହୁଅନ୍ତାନାହିଁ । ଦେଖାଯାଏ ଅନେକ କ୍ଷେତ୍ରରେ ରୋଗୀଟି ପ୍ରାଥମିକସ୍ତରରେ ଏହାକୁ ମାମୁଲି ଯନ୍ତ୍ରଣା ବା ରୋଗ ଭାବି ଚିକିତ୍ସା ବ୍ୟବସ୍ଥାକୁ ବିଳମ୍ବିତ କରିଥାନ୍ତି। କାରଣ କେତେକ କ୍ଷେତ୍ରରେ ଅପରେସନ ନ ହୋଇବି ପ୍ରାଥମିକ ସ୍ତରରେ ଏହାର ପରୀକ୍ଷା କରିବା ସହ ନିର୍ଦ୍ଦିଷ୍ଟ ବ୍ୟବଧାନର ଔଷଧ ଖାଇବା ଦ୍ୱାରା ଉପଶମ ପାଇଥାନ୍ତି। ଦୈନନ୍ଦିନ ଜୀବନରେ ନିଜର ଖାଦ୍ୟ ଓ ବିଶ୍ରାମକୁ ନିର୍ଦ୍ଦିଷ୍ଟ ସମୟରେ ରଖନ୍ତୁ। ପ୍ରଦୂଷିତ ପାଣି, ବାସି ଖାଦ୍ୟ, ଅତ୍ୟଧିକ ଚର୍ବିଯୁକ୍ତ ଖାଦ୍ୟ ଓ ଆମିଷ ଖାଦ୍ୟ, ମଦ୍ୟପାନ, ବହୁମୂତ୍ର ରୋଗ ଇତ୍ୟାଦି ପିତ୍ତ କୋଷରେ ପଥର ହେବାର କାରଣ। ପିତ୍ତକୋଷରେ ପଥର ଥିଲେ ବହୁଦିନ ପରେ ଏହା ପିତ୍ତକୋଷ କ୍ୟାନସରରେ ପରିଣତ ହୁଏ। ସେହିପରି ଗୁଣୀଗୁଣି କିମ୍ୱା ତୁଟୁକାତୁଟିକି ଚିକିତ୍ସାକୁ ଗ୍ରହଣ ନକରି ସର୍ବପ୍ରଥମେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ୱା ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ। ପେଟର ସାମୟିକ ଯନ୍ତ୍ରଣା ପାଇଁ ମନଇଚ୍ଛା ନିଜେ ନିଜେ କୌଣସି ଯନ୍ତ୍ରଣାନିବାରକ ଔଷଧ ଖାଆନ୍ତୁ ନାହିଁ। ପେଟଟଣା ପାଇଁ କେହି କେହି ସୋଡ଼ା, କେହି କେହି ପେଟ ଉପରେ ଗରମ ପାଣି ସେକର ତୁଟୁକା ଚିକିତ୍ସା ବତାଇଥାନ୍ତି ଯାହାକି ରୋଗୀପାଇଁ କ୍ଷତିକାରକ। ସେହିପରି ସମସ୍ତ ପ୍ରକାର ନିଶାଦ୍ରବ୍ୟ, ମାଦକ ସେବନ ଠାରୁ ଦୂରେଇ ରୁହନ୍ତୁ, ରାତି ଅନିଦ୍ରା କିମ୍ୱା ଫ୍ରିଜ୍‌ର ଥଣ୍ଡା ଖାଦ୍ୟ ପ୍ରତି ରୁଚି ରଖନ୍ତୁ ନାହିଁ। ଖାଇବା ଲିଷ୍ଟରେ ପ୍ରତିଦିନ ସାଲାଡ଼, ଦହି, ସବୁଜ ପନିପରିବାର ସନ୍ତୁଳା କିମ୍ୱା ତଟକା ଫଳର ରସ ସବୁଠୁ ଭଲ। ଶୋଧନ ହୋଇଥିବା ପରିଷ୍କାର ପାଣି ପିଅନ୍ତୁ, ଏ କ୍ଷେତ୍ରରେ ସବୁଠାରୁ ସିଝା ପାଣି ବି ଭଲ। ପ୍ରାଥମିକସ୍ତରରେ ପେଟଟଣା ଅବହେଳାର ଶିକାର ହେଲେ ପରବର୍ତ୍ତୀ ସମୟରେ ଭୟାବହ ପିତ୍ତକୋଷ ପଥରର ଯନ୍ତ୍ରଣାକୁ ପରିବର୍ତ୍ତିତ ହୋଇଥାଏ ତେବେ ଏହି କ୍ଷେତ୍ରରେ ସଚେତନ ହୋଇ ପ୍ରାଥମିକ ଅବସ୍ଥାରୁ ବିଶେଷଜ୍ଞଙ୍କ ପରାମର୍ଶ ଜରୁରୀ ।

# ବିଜେପି ନାଲି ଆଖିରେ ସରେଣ୍ଡର କଲେ ନୀତୀଶ କୁମାର

**ପାଟନା(ସଂପର୍କବାର୍ତ୍ତା):-** ବିଜେପିର ନାଲି ଆଖି ଆଗରେ ପୁଣିଥରେ ମୁଣ୍ଡ ନୁଆଁଇଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର । ବିହାରରେ ନୀତୀଶ କୁମାରଙ୍କ ଜେଡିୟୁ ସହ ମିଶି ବିଜେପି ସରକାର ଗଠନ କରିଛି। ଦଳ ଏଠାରେ ଜେଡିୟୁ ଠାରୁ ଅଧିକ ଆସନ ଜିତିଥିଲ। ତଥାପି ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଏହାର ଫାଇଦା ମଧ୍ୟ ବିଜେପି ଭଲଭାବେ ହାସଲ କରିବାରେ ଲାଗିଛି। ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ହୋଇଥିଲେ ହେଁ ରାଜ୍ୟରେ ବିଜେପି ନେତାଙ୍କ ହୁକୁମାତି ଚାଲିଛି। ନୀତୀଶ କୁମାର ଏହାକୁ ପସନ୍ଦ କରୁ ନଥିଲେ ବି ବିଜେପି କଥାରେ ଚାଲିବାକୁ ବାଧ୍ୟ ହେଉଛନ୍ତି। ପୂର୍ବରୁ ଆପଣ ବିଜେପି ଓ ଜେଡିୟୁ ମଧ୍ୟରେ ସୃଷ୍ଟି ହୋଇଥିବା ତିକ୍ତତା ସମ୍ପର୍କରେ ଶୁଣିଥିଲେ ହେଲେ ଏବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିବା ଭଳି ଘଟଣା ଘଟିଛି। ବାଚସ୍ପତି ସିହ୍ନାଙ୍କ କଥାରେ ରାଜି ହୋଇଛନ୍ତି। ୪ଦିନ ତଳେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବିଧାନସଭାରେ ଉତ୍ତେଜିତ ହେବା ସହ ବାଚସ୍ପତି ସାମ୍ବିଧାନିକ ନିୟମର ଉଲ୍ଲଙ୍ଘନ କରୁଥିବା ଅଭିଯୋଗ କରିଥିଲେ। ଲାଖିସରାଇର ଜଣେ ପୁଲିସ୍ ଅଧିକାରୀ ବାଚସ୍ପତି ଶ୍ରୀ ସିହ୍ନାଙ୍କୁ ଅସନ୍ତୁଷ୍ଟ କରିଥିବାରୁ



ସେ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବିଜେପି ବିଧାୟକମାନେ ବିଧାନସଭାରେ ଏହା ଉଠାଇବାରୁ ବାଚସ୍ପତି ସେମାନଙ୍କୁ ସୁହାଇଲା ଭଳି ପଦକ୍ଷେପ ନେଇଥିଲେ। ବିବାଦ ବଢୁଥିବାରୁ ଏଥିରେ ହସ୍ତକ୍ଷେପ କରି ତଦନ୍ତ ପରେ ନିଆଯିବ ବୋଲି କହିଥିଲେ କିନ୍ତୁ ବାଚସ୍ପତି ତୁରନ୍ତ ଏହା ଉପରେ ପଦକ୍ଷେପ ନେବାସପକ୍ଷରେ ମତ ରଖିଥିଲେ। ପ୍ରସଙ୍ଗ ଉପରେ ଆଲୋଚନା ସରିଥିଲେ ମଧ୍ୟ ବାଚସ୍ପତୋ ଆଉ ଥରେ ର ବିର୍ତକ ପାଇଁ କହିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଏପରି ବୟାନ ପରେ ବାଚସ୍ପତି ବିଧାନସଭାକୁ ପ୍ରିତବାଦ ସ୍ୱରୂପ ଆସି ନଥିଲେ । ବିଜେପି ନେତାମାନେ ମଧ୍ୟ ନୀତୀଶ କୁମାରଙ୍କ ଉପରେ ଚାପ ପକାଇଥିଲେ ଶେଷରେ ଆଜି ଉକ୍ତ ପୁଲିସ୍ ଅଧିକାରୀଙ୍କ ବଦଳି ଫାଇଲରେ ମୁଖ୍ୟମନ୍ତ୍ରୀ ଦସ୍ତଖତ କରିଛନ୍ତି। କରୋନା କଟକଣା ଉଲ୍ଲଙ୍ଘନ କରି ପାର୍ଟି କରୁଥିବାରୁ ଗତ ମାସରେ ଲାଖିସରାଇର ଏସଡିପିଓ ରଞ୍ଜନ କୁମାର ବିଜେପିର ଦୁଇ ଜଣ କର୍ମୀଙ୍କୁ ଗିରଫ କରିଥିଲେ। ଲାଖିସରାଇ ହେଉଛି ବାଚସ୍ପତିଙ୍କ ନିର୍ବାଚନ ମଣ୍ଡଳୀ ଗିରଫ ଦୁଇ ବିଜେପି କର୍ମୀ ବାଚସ୍ପତି ଘନିଷ୍ଠ ସେମାନଙ୍କୁ ରଞ୍ଜନ କୁମାର ଗିରଫ କରିଥିବାରୁ ବାଚସ୍ପତି ତାଙ୍କ ଉପରେ କ୍ଷୁବ୍ଧ ହୋଇଥିଲେ।

# ଫୁଲକୋବି ଖାଇ ଦମ୍ପତି ଗୁରୁତର

**ଆର୍ ଉଦୟଗିରି(ସଂପର୍କବାର୍ତ୍ତା):-** ଫୁଲକୋବି ଖାଇ ଦମ୍ପତି ଗୁରୁତର । ଏଭଳି ଘଟଣା ଘଟିଛି ଗଜପତି ଜିଲା ମୋହନା ବ୍ଲକ ମଳାସପଦର ପଂଚାୟତ ଅନ୍ତର୍ଗତ ହାଲାପଙ୍କା ଗ୍ରାମରେ



ସୂଚନା ଅନୁଯାୟୀ, ଗ୍ରାମର ଦମ୍ପତି ଯବିତ୍ର ଗମାଙ୍ଗ ଏବଂ ନମିତା ଗମାଙ୍ଗ ନିଜ ବାଡିରେ ଫୁଲକୋବି ଚାଷ କରିଛନ୍ତି। ଫସଲରେ ପୋକ ଲାଗିଥିବା ଯୋଗୁଁ ୩ଦିନ ପୂର୍ବରୁ ଫସଲରେ ଏକ କୀଟ ନାଶକ ଔଷଧ ସିଂଚନ କରିଥିଲେ। ତେବେ ଗୁରୁବାର ଫୁଲକୋବି ତୋଳି ନମିତା ରୋଷଇ କରିଥିଲେ। ଏହାକୁ ଖାଇବା ପରେ ଦୁହେଁ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କ ପେଟରେ ଭୀଷଣ ଜ୍ୱାଳା ହେବା ସହ ମୁଣ୍ଡ ବୁଲାଇଥିଲା ଗ୍ରାମବାସୀ ଉଭୟଙ୍କୁ ଗୁରୁତ୍ୱର ଅବସ୍ଥାରେ ମୋହନା ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି କରିଥିଲେ। ଚିକିତ୍ସା ବର୍ତ୍ତମାନ ଦୁହିଁଙ୍କ ଅବସ୍ଥା ସ୍ଥିର ଥିବା ଡାକ୍ତର ସୂଚନା ଦେଇଛନ୍ତି।

# RBIରେ ନିଯୁକ୍ତି, ତୁରନ୍ତ କରନ୍ତୁ ଆବେଦନ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବ୍ୟାଙ୍କରେ ଚାକିରି ଖୋଜୁଥିବା ଯୁବକ ଓ ଯୁବତୀଙ୍କ ପାଇଁ ଖୁସି ଖବର। ଭାରତୀୟ ରିଜର୍ଭ ବ୍ୟାଙ୍କ(RBI) ପକ୍ଷରୁ ସ୍ପେସାଲିଷ୍ଟ ଅଫିସର ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିନା ପରୀକ୍ଷାରେ (RBI)ରେ ନିଯୁକ୍ତି ମିଳୁଛି। ଇଚ୍ଛୁକ ଏବଂ ଯୋଗ୍ୟ ପ୍ରାର୍ଥୀମାନେ ଏହି ପଦବୀରେ ଆବେଦନ କରିବାକୁ ଚାହୁଁଛନ୍ତି, ସେମାନେ ଆର୍‌ବିଆଇର ଅଧିକାରିକ ୱେବ୍‌ସାଇଟ୍ rbi.org.in କୁ ଯାଇ ଆବେଦନ କରିପାରିବେ।




ଭାରତୀୟ ରିଜର୍ଭ ବ୍ୟାଙ୍କ ଆର୍‌ବିଆଇରେ ଆବେଦନ କରିବା ପାଇଁ ପ୍ରାର୍ଥୀଙ୍କ ପାଖରେ ମେଡିକାଲ୍ କାଉନସିଲ୍ ଅଫ୍ ଇଣ୍ଡିଆ ଦ୍ୱାରା ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ଅତିକମ୍‌ରେ ଏମ୍‌ବିବିଏସ୍‌ରେ ଡିଗ୍ରୀ କରିଥିବା ଜରୁରୀ। ଏହାଛଡା କୌଣସି ହସ୍ପିଟାଲ୍ କିମ୍ବା କ୍ଲିନିକ୍‌ରେ ଅତିକମ୍‌ରେ ଦୁଇବର୍ଷର ଅଭିଜ୍ଞତା ଥିବା ଜରୁରୀ। ଆବେଦନ କରିବାର ତାରିଖ ୧୫ ମାର୍ଚ୍ଚ ୨୦୨୨ରୁ ଆରମ୍ଭ ହୋଇଥିବା ବେଳେ ୫ ଏପ୍ରିଲ୍ ୨୦୨୨ରେ ହେବ।

**ପଦବୀ ପାଇଁ ଯୋଗ୍ୟତା-**

୧. ପ୍ରାର୍ଥୀଙ୍କ ଚୟନ ଇଣ୍ଟରଭ୍ୟୁ ଆଧାରରେ କରାଯିବ।

୨. ଇଣ୍ଟରଭ୍ୟୁ ପରେ ସର୍ଟଲିଷ୍ଟ ହୋଇଥିବା ଆବେଦନକାରୀ ବ୍ୟାଙ୍କର ମେଡିକାଲ କନସଲଣ୍ଟେଣ୍ଟ ଭାବେ ନିଯୁକ୍ତି ମିଳିବ।

୩. ପ୍ରଥମେ ମେଡିକାଲ ପରୀକ୍ଷା, ଦସ୍ତାବିଜ୍ ଦାଖଲ କରିବାକୁ ପଡିବ।

**ଶିକ୍ଷାଗତ ଯୋଗ୍ୟତା-**

ପ୍ରାର୍ଥୀଙ୍କ ପାଖରେ ମେଡିକାଲ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ଦ୍ୱାରା ମାନ୍ୟତାପ୍ରାପ୍ତ ଏଲୋପାଥିକ୍ ସିଷ୍ଟମ ଅଫ୍ ମେଡିସିନ୍‌ରେ କୌଣସି ମାନ୍ୟତାପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ଅତିକମ୍‌ରେ ଏମ୍‌ବିବିଏସ୍‌ରେ ଡିଗ୍ରୀ କରିଥିବା ଜରୁରୀ। ଏହାଛଡା କୌଣସି ହସ୍ପିଟାଲ୍ କିମ୍ବା କ୍ଲିନିକ୍‌ରେ ଅତିକମ୍‌ରେ ଦୁଇବର୍ଷର ଅଭିଜ୍ଞତା ଥିବା ଜରୁରୀ।

## ୧୯ ମହିଳାଙ୍କୁ ବିବାହ...

# ବହୁତ ସଉକ, ଏବେ କାନ୍ଦୁଛନ୍ତି ରସିକିଆ ଡାକ୍ତର

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭୁବନେଶ୍ୱର ନକଲି ଡାକ୍ତରଙ୍କର ହେଲା ମିଛ ଧରା ପରୀକ୍ଷା ସତ ମିଛର ପରୀକ୍ଷାରେ ୫ଘଣ୍ଟାରେ ୫୦ରୁ ଅଧିକ ପ୍ରଶ୍ନର ସାମ୍ନା କଲେ ରସକିଆ ନକଲି ଡାକ୍ତର ରମେଶ ସ୍ୱାଇଁ। ଗୁଡାଇ ତୁଡାଇ ପ୍ରଶ୍ନ ବେଳେ ତିନିଥି ପାଣି ପିଇବା ସହ କାନ୍ଦି ମଧ୍ୟ ପକାଇଥିଲେ ଧୃତ ରମେଶ। ରମେଶଙ୍କୁ ରିମାଣ୍ଡରେ ନେଇ ପଚରାଉଚରା ପରେ ତାଙ୍କ କଥାରେ ତାଳମେଳ ରହୁ ନଥିବାରୁ ଲାଏ ଡିଟେକ୍ଟର ଟେଷ୍ଟ ପାଇଁ ଅନୁମତି ମାଗିଥିଲା ଭୁବନେଶ୍ୱର ଡିସିପି । କୋର୍ଟଙ୍କ ଅନୁମତି ପରେ ଗତକାଲି ଧୃତ ରମେଶଙ୍କର ହୋଇଥିଲେ ମିଛ ଧରା ପରୀକ୍ଷା। ଏଥିନିମନ୍ତେ ଝାଡପଡା ଜେଲ୍‌ରୁ କଡା ସୁରକ୍ଷାରେ ମହିଳା ଥାନା ପୁଲିସ ଅଣା ଯାଇଥିଲା ଏହାପରେ ରାଜ୍ୟ ଫୋରେନସିକ



କାର୍ଯ୍ୟାଳୟର ଲାଏ ଡିଟେକ୍ଟର ବିଭାଗରେ ଦୀର୍ଘ ୫ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିଲେ ସତ ମିଛର ପରିକ୍ଷା ଅନେକ ପ୍ରଶ୍ନରେ କେତେ ସତ ଉଗାରିଛନ୍ତି ରମେଶ ତାହାର ରିପୋର୍ଟ ଖୁବ୍‌ଶୀଘ୍ର ଆସିଲେ ଲୋକଲୋଚନକୁ ଆସିବେ ସବୁ ସତ। ରମେଶଙ୍କ କଳା କାରଖାନା ବାବଦରେ କମିଶନରେଟ ପୁଲିସ ତାଙ୍କ ପ୍ରଥମ ସ୍ତ୍ରୀଙ୍କୁ ଆଣି ଗୁଡାଇତୁଡାଇ ପଚାରୁଥିବା ବେଳେ ଏବେ ପୁଲିସ ଫଂଦାରେ ପଡିଛି ତାଙ୍କ ଡ୍ରାଇଭର ପପୁ। ପପୁକୁ ନୟାଗଡ ଜିଲ୍ଲା ରଣପୁରରୁ ଉଠାଇ ଆଣି ଏକ ଅଜ୍ଞାତ ସ୍ଥାନରେ ରଖି ପଚରାଉଚରା କରୁଛି ପୁଲିସ୍ ରମେଶଙ୍କ ଠକେଇ ମାମଲାରେ ପପୁର ସଂପୃକ୍ତି ନେଇ ପ୍ରମାଣ ପାଇଥିବା ପୁଲିସ ତାକୁ ଖୋଜୁଥିଲା ରମେଶ ଏକାଧିକା ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରିଥିବା ଷଡଯନ୍ତ୍ରରେ ତାଙ୍କ ଡ୍ରାଇଭର ସିଧାସଳଖ ଜଡିତ ଥିବା ପୁଲିସ ପ୍ରମାଣ ପାଇଲା ପରେ ତାଙ୍କୁ ଧରିବାକୁ ଉଦ୍ୟମ କରୁଥିଲା ଚାକିରୀ ଦେବାକୁ କହି ରମେଶ ଟଙ୍କା ଠକେଇ କରିଥିଲେ ମାମଲାରେ ମଧ୍ୟସ୍ଥି ସାଜିଥିଲା ଡ୍ରାଇଭର ପପୁ ।ହେଲେ ରମେଶ ଗିରଫ ହେବା ପରଠୁ ଫେରାର ଥିବା ପପୁକୁ ଶେଷରେ ମାଡି ବସିଛି ପୁଲିସ୍ ଏବେ ପପୁଠୁ ସତ ଉଗାରି ପୁଲିସ୍ ନକଲି ଡାକ୍ତରଙ୍କ ଅଧିକ ଗୁମର ଖୋଲିବାକୁ ଜୋରରେ ଚେଷ୍ଟା କରିବ। ନକଲି ଡକ୍ଟର ରମେଶ ସ୍ୱାଇଁ ଏକାଧିକ ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରିଥିବା ଷଡଯନ୍ତ୍ରରେ ରମେଶଙ୍କ ଡ୍ରାଇଭର ସିଧାସଳଖ ଜଡିତ ଥିବା ପୁଲିସ୍ ପ୍ରମାଣ ପାଇଲା ପରେ ତାକୁ ଧରିବାକୁ ଉଦ୍ୟମ କରୁଥିଲେ। ଏମିତିକି ଚାକିରୀ ଦେବାକୁ କହି ରମେଶ ଟଙ୍କା ଠକେଇ କରିଥିବା ମାମଲାରେ ମଧ୍ୟସ୍ଥି ସାଜିଥିଲା ଡ୍ରାଇଭର ପପୁ ଏବେ ଡ୍ରାଇଭର ଧରାପଡିବା ପରେ ପୁଲିସ୍ ନକଲି ଡାକ୍ତର ଗୁମର ଖୋଲିବାକୁ ଚେଷ୍ଟା କରିବା।

# ମହିଳାଙ୍କ ପ୍ରାଇଭେଟ୍ ପାର୍ଟରେ ଭଙ୍ଗା ଗ୍ଲାସ୍

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦୁନିଆରେ ଏପରି ଅନେକ ଅଦ୍ଭୁତ ଘଟଣା ଘଟୁଛି, ଯାହା ବିଷୟରେ ସମସ୍ତେ ଜାଣି ଆଶ୍ଚର୍ଯ୍ୟ ହୋଇଯାଆନ୍ତି। ଏବେ ସେମିତି ଏକ ଘଟଣା ଗୋଟିଏ ଚର୍ଚ୍ଚାରେ ରହିଛି। ଆଫ୍ରିକାର ଜଣେ ମହିଳାଙ୍କ ପ୍ରାଇଭେଟ୍ ପାର୍ଟରେ ଦରଜ ହେଉଥିବାରୁ ସେ ଡାକ୍ତରଙ୍କ ନିକଟକୁ ଆସିଥିଲେ। ଅପରେସନ୍ ପରେ ଏକ ଅଜବ ଜିନିଷ ଫସି ରହିଥିଲା। ଯଅହା ସମ୍ପର୍କରେ ଜାଣିଲେ ବି ଆଶ୍ଚର୍ଯ୍ୟ ହେବେ।




ଏକ ରିପୋର୍ଟ ଅନୁଯାୟୀ, ଟ୍ୟୁନିସିଆର ୪୫ ବର୍ଷୀୟା ଜଣେ ମହିଳା ସବୁବେଳେ କହୁଥିଲେ ଯେ, ତାଙ୍କ ପ୍ରାଇଭେଟ୍ ପାର୍ଟ ଦରଜ ହେବା ସହ ଯନ୍ତ୍ରଣା ହେଉଛି। ତାଙ୍କୁ ବାରମ୍ବାର ପରିସ୍ରା ଲାଗୁଥିଲା। ସେ ଏହାକୁ ୟୁରିନ୍ ଇନ୍‌ଫେକସନ୍ ଭାବି ଅଣଦେଖା କରୁଥିଲେ। କିନ୍ତୁ ଯନ୍ତ୍ରଣା ଦିନକୁ ଦିନ ଅଧିକ ହେବାରୁ ସେ ଡାକ୍ତରଙ୍କ ନିକଟକୁ ଯାଇ ପରୀକ୍ଷା କରାଇଥିଲେ। ଯାଞ୍ଚ ସମୟରେ ଏହା ଏକ ସାଧାରଣ ସଂକ୍ରମଣ ନୁହେଁ ବୋଲି ଜଣାପଡିଥିଲା। ତାଙ୍କ ଶରୀରରେ ୮ ସେଣ୍ଟିମିଟର ଲମ୍ବ ବ୍ଲାଡର ପଥର ପରି ଦିଶିଥିଲା। ଯାହା ଦେଖି ଡାକ୍ତରମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

କିନ୍ତୁ ଯେତେବେଳେ ଏହାକୁ ଭଲ ଭାବରେ ପରୀକ୍ଷା କରାଯାଇଥିଲା ସେତେବେଳେ ଘଟଣାଟି ଚାରିଆଡେ ବ୍ୟାପି ଯାଇଥିଲା। ସେତେବେଳେ ଘଟଣାଟି ଚାରିଆଡେ ବ୍ୟାପି ଯାଇଥିଲା। ପ୍ରାଇଭେଟ୍ ପାର୍ଟ ମଧ୍ୟରୁ କାଚ ଗ୍ଲାସର କିଛି ଭଙ୍ଗା ଅଂଶ ମିଳିଥିଲା।

ଟ୍ୟୁନିସିଆର ସଫାକ୍ସ ସହରର ହବିବ ବର୍ଗୁଏବା ବିଶ୍ୱବିଦ୍ୟାଳୟ ହସ୍ପିଟାଲରେ ଏହି ମାମଲା ସାମ୍ନାକୁ ଆସିଛି। ରିପୋର୍ଟରେ ଦର୍ଶାଯାଇଛି ଯେ, କିଛି ବର୍ଷ ପୂର୍ବେ ଯୌନ ନିର୍ଯ୍ୟାତନା ସମୟରେ ଏହା ମହିଳାଙ୍କ ଶରୀରରେ ଭର୍ତ୍ତି କରାଯାଇଥାଇପାରେ, କିନ୍ତୁ ଏହାର କୌଣସି ଠୋସ୍ ପ୍ରମାଣ ନାହିଁ ଏବଂ ମହିଳା ମଧ୍ୟ ଏ ବିଷୟରେ କିଛି କହିନାହାଁନ୍ତି।

ସୂଚନା ଅନୁଯାୟୀ, ସାଧାରଣତଃ ଜଣେ ମହିଳାଙ୍କ ମୂତ୍ରରେ ଲାଲ୍ ରକ୍ତ କଣିକା ପରିସର ୨୩-୨୫ ଥିବା ବେଳେ ସାଧାରଣ ଲୋକଙ୍କ ପରିସ୍ରା ୪ କିମ୍ବା ଏହାଠାରୁ କମ୍ ଥାଏ।

ଓପନ୍ ଅସ୍ତ୍ରୋପଚାର ମାଧ୍ୟମରେ ଏହି ମହିଳାଙ୍କ ଶରୀରରୁ ଗ୍ଲାସ୍ ବାହାର କରାଯାଇଥିଲା। ଏହାର ଦୁଇ ଦିନ ପରେ ମହିଳାଙ୍କୁ ଡିସ୍‌ଚାର୍ଜ କରାଯାଇଥିଲା। ବର୍ତ୍ତମାନ ତାଙ୍କ ସାସ୍ଥ୍ୟବସ୍ଥା ଭଲ ଥିବା ମହିଳା ଜଣକ କହିଛନ୍ତି।

# ମୁଁ ଯାଉଛି ଧନ, ମୋତେ ଭୁଲ ବୁଝିବ ନାହିଁ




**ହାଟଡିହୀ(ସଂପର୍କବାର୍ତ୍ତା):-** ମୋ ଦୁଇ ଭଉଣୀ ମୋ କଥାରେ ରାଜି ହେଲେ ନାହିଁ। ତେଣୁ ଦେହ ମନ ଭଲ ରହିଲା ନାହିଁ। ସେଥିପାଇଁ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଲି । ଝିଅର ପକ୍ଷର କିଛି ଦୋଷ ନାହିଁ ମୋ ଭଲ ପାଇବା ଛାଡି ମୁଁ ଯାଉଛି ଧନ । ତୋ କଥା ମୁଁ ରଖି ପାରିଲିନି । ମତେ ଭୁଲ ବୁଝିବ ନାହିଁ। ଏ ହେଉଛି ଆତ୍ମହତ୍ୟା ପୂର୍ବରୁ ଜଣେ ପ୍ରେମିକଙ୍କର ହାତ ଲେଖା ଚିଠି

ଏପରି ଚିଠି ଲେଖି ଆତ୍ମହତ୍ୟା କରିବା ଘଟଣା ଏବେ କେନ୍ଦୁଝରରେ ଆଲୋଚନା ର ବିଷୟ ପାଲଟିଛି । ସୂଚନାନୁଯାୟୀ ପ୍ରେମିକଜଣଙ୍କ ହେଲେ କେନ୍ଦୁଝର ଜିଲ୍ଲନନ୍ଦପଦା ଥାନାକୁ ଖବର ଦିଆଯାଇଥିଲା ଆଇଆଇସି ଗଗନ ବିଶ୍ୱାଳ କହିଛନ୍ତି ଯେ ୟୁଡି ମାମଲା ନଂ ରୁଜୁ ହୋଇଛି। ମୃତଦେହକୁ ଜବତ କରାଯାଇ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ଦରକାର ନାହିଁ ଚଷମା, ଦୃଷ୍ଟିଶକ୍ତି ସମସ୍ୟା ଦୂର କରିବ ଆଇଡ୍ରପ୍

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଯେଉଁମାନଙ୍କର ଦୃଷ୍ଟି ଶକ୍ତି ଦୁର୍ବଳ ଥାଏ ସେମାନେ ଚଷମା ବ୍ୟବହାର କରିଥାନ୍ତି। କିନ୍ତୁ ସବୁବେଳେ ଚଷମା ପିନ୍ଧିବା ଦ୍ୱାରା ଆଖି ଓ ନାକ ପାଖରେ ଦାଗ ରହିଯିବା ସହିତ ଅନେକ ଛୋଟମୋଟ ସମସ୍ୟା ହୋଇଥାଏ। ଚଷମାର ବିକଳ୍ପ ଭାବେ କନ୍‌ଟାକ୍ଟ ଲେନ୍ସର ବ୍ୟବହାର କରାଯାଉଥିଲା। କିନ୍ତୁ ଏବେ କେବଳ ଏକ ଆଇଡ୍ରପ୍ ଦ୍ୱାରା ଦୃଷ୍ଟିଶକ୍ତିରେ ସୁଧାର ଆସିପାରିବ।




ସାସ୍ଥ୍ୟ ବିଜ୍ଞାନୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏହି ଆଇ ଡ୍ରପ୍ ଦୃଷ୍ଟିଶକ୍ତି ସମସ୍ୟା କ୍ଷେତ୍ରରେ ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାର ନାମ 'ଭୁଇଟି' ରଖାଯାଇଛି।

୭୫୦ ଜଣ ବ୍ୟକ୍ତିଙ୍କ କ୍ଷେତ୍ରରେ ଏହାର ସଫଳ ପରୀକ୍ଷଣ କରାଯାଇଛି। ଆମେରିକାର 'ଡ୍ରଗ୍ ରେଗୁଲେଟର ଏଫ୍‌ଡିଏ' ପକ୍ଷରୁ ଏହାକୁ ଲୋକମାନଙ୍କ ବ୍ୟବହାର ପାଇଁ ସ୍ୱୀକୃତି ମିଳିଛି। ଆୟରଲ୍ୟାଣ୍ଡର ଏକ ଫାର୍ମା କମ୍ପାନୀ ଏହି ଆଇ ଡ୍ରପ୍‌କୁ ପ୍ରସ୍ତୁତ କରିଛନ୍ତି। ବୟସାଧିକ ଜନିତ ଦୃଷ୍ଟି ସମସ୍ୟା ଦୂର କରିବା କ୍ଷେତ୍ରରେ ଏହା ଅଧିକ ଲାଭପ୍ରଦ ବୋଲି ସୂଚନା ମିଳିଛି। ମାତ୍ର ୧୫ ମିନିଟ୍ ଭିତରେ ଏହି ଆଇଡ୍ରପ୍ କାମ କରେ ଏବଂ ଏହାର ପ୍ରଭାବ ୮ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ରହିଥାଏ। ଏହି ଆଇଡ୍ରପ୍ ଦ୍ୱାରା ଆଖିର ରେଟିନାର ଆକାର ଛୋଟ ହୋଇଥାଏ, ଯାହାଦ୍ୱାରା କୌଣସି ବସ୍ତୁ ସ୍ପଷ୍ଟ ଦେଖାଯାଇପାରିବ। ଏହି ଆଇଡ୍ରପ୍‌ର ଦାମ୍ ୬୦୦୦ ଟଙ୍କା। ଗୋଟିଏ ମାସ ପାଇଁ ଆପଣଙ୍କୁ ୬୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡିବ। ଆଉ କିଛିପରୀକ୍ଷଣ ପରେ ଏହା ବଜାରରେ ଉପଲବ୍ଧ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

# ଭାରତକୁ ଖୁବଶୀଘ୍ର ଆସିବ ଚତୁର୍ଥ ଲହର !

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭୁବନେଶ୍ୱର ପିଲାଏ ସୁରକ୍ଷିତ ତ ଦେଶ ସୁରକ୍ଷିତ । ୧୨ରୁ ୧୪ ବର୍ଷ ପିଲାଙ୍କ ପାଇଁ ବି ଆସିଗଲା କୋଭିଡ୍ ସୁରକ୍ଷା କବଚ। ଆସନ୍ତା ୧୬ତାରିଖରୁ ଆରମ୍ଭ ହେବ ଏହି ବର୍ଗର ପିଲାଙ୍କୁ ଟିକାକରଣ ଦିଆଯିବ ବାୟେଲୋଜିକାଲ ଇର କୋର୍ବେଭାକ୍ସ ଟିକା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭିୟ ଆଜିଏ ନେଇ ଟ୍ୱିଟ୍ କରିଛନ୍ତି। ୧୨ରୁ ୧୩ରୁ୧୪ବର୍ଷ ମଧ୍ୟରେ ପହଂଚିଥିବା ପିଲାଙ୍କୁ ଭ୍ୟାକ୍ସିନ ଦିଆଯିବ, ଯେଉଁମାନେ ୨୦୦୮,୨୦୦୯ଓ ୨୦୧୦ମସିହାରେ ଜନ୍ମ ନେଇଥିବେ।ଏହାପୂର୍ବରୁ ୧୫ରୁ ୧୮ବର୍ଷର କିଶୋରଙ୍କୁ ଦାନ ଚାଲିଛି। ଯେହେତୁ ସ୍କୁଲ ଖୋଲିଲାଣି ଓ ପରୀକ୍ଷା ସମୟ ଚାଲିଛି ତେଣୁ କରାନା ସଂକ୍ରମଣରୁ କିଶୋରମାନଙ୍କୁ ରକ୍ଷା ପାଇଁ ଆଉ ଏକ ଗୁରୁତ୍ୱ ପୂର୍ଣ୍ଣ ନିଷ୍ପତ୍ତି ସ୍ୱରୂପ ୧୨ରୁ ୧୪ବର୍ଷ ପିଲାଙ୍କୁ ଟିକାକରଣ ପାଇଁ ସରକାର ନିଷ୍ପତି ନେଇଛନ୍ତି। ଏହି ଘୋଷଣା ପରେ ଉଭୟ ପିଲା ଓ ଅଭିଭାବକ ଆଶ୍ୱସ୍ତ ହୋଇଥିବାବେଳେ ସାସ୍ଥ୍ୟ ବିଶେଷଜ୍ଞମାନେ ମଧ୍ୟ ସ୍ୱାଗତ କରିଛନ୍ତି ସେପଟେ ୬୦ବର୍ଷରୁ ଉର୍ଦ୍ଧ ସମସ୍ତଙ୍କୁ ପ୍ରକିସନ ଡୋଜ୍ ଦେବାକୁ କରିଛନ୍ତି କେନ୍ଦ୍ର ସରକାର ଏଥିଲାଗି ଥିବା କୋମଅବଡିଟି କ୍ଲଜ୍‌କୁ ହଟାଇ ଦିଆଯାଇଛି। ଦେଶରେ କୋଭିଡ୍



କୋପ ଦୃତ ଗତିରେ ହ୍ରାସଗତିରେ ପାଉଛି। ଦୈନିକ ସଂକ୍ରମଣ ସଂଖ୍ୟା ହ୍ରାସ ପାଇ ୩ହଜାର ତଳେ ରହିଥିବାବେଳେ ଟେଷ୍ଟ ପଜିଟିଭିଟ୍ ରେଟ୍ ମଧ୍ୟ୦.୪୭ପ୍ରତିଶତକୁ କମିଛି । ହେଲେ ଚୀନ୍ ସହ ଜର୍ମାନୀ ଓ ବ୍ରଟେନ୍ରେ ପୁଣି ଟେନସନ ବଢାଇଲାଣି ସଂକ୍ରମଣ ଚୀନରେ କ୍ଷିପ୍ର ସଂକ୍ରମଣ କରୁଥିବାଷ୍ଟେଲଥ୍ ଓମିକ୍ରନ ଭୂତାଣୁ ମାଡି ମାଡି ଚାଲିଛି । ଗତ ୨୪ଘଣ୍ଟାରେ ମଧ୍ୟରେ ୧୩୩୭ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମହାମାରୀ ଆରମ୍ଭରୁ ଚୀନ୍ରେ ଏଭଳି ସଂକ୍ରମଣ ଦେଖିବାକୁ ମିଳିନଥିଲ। ପ୍ରାୟ ୯୦ଲକ୍ଷ ଲୋକ ବସବାସ କରୁଥିବା ବାହାରକୁ ବାହାରିବାକୁ ଅନୁମତି ମିଳିଛି। ବ୍ରିଟେନ୍ ରେ ବି ପୁଣି ବେକାବୁ ହେବାରେ ଲାହିଛି ରହିଛି। ସେଠି ପରିବାରର ମାତ୍ର ଜଣେ ସଦସ୍ୟଙ୍କୁ ପ୍ରତି ଦୁଇ ଦିନରେ ଥରେ ର ବାହାରକୁ ଅନୁମତି ମିଳିଛି। ବ୍ରଟେନ୍ରେ ବି ପୁଣି ବେକାବୁ ହେବାରେ ଲାଗିଛି କରୋନା ଗତ ୨୪ଘଣ୍ଟାରେ ସେଠାରରେ ୭୨ ହାଜର ୮ଶହରୁ ଅଧିକ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଗତ ୭ଦିନ ଧରି ଦୈନିକ ସଂକ୍ରମଣ ସଂଖ୍ୟା ହାର ୮୦ହଜାର ଉପରେ ରହିଛି।

# ଶ୍ରୀରାମ ରସ




**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସୂର୍ଯ୍ୟ ବଂଶୀ ସତ୍ୟବାଦୀ ମର୍ଯ୍ୟାଦା ପୁରୁଷୋତ୍ତମ ମହାପ୍ରଭୁ ଭଗବାନ ଶ୍ରୀରାମଚନ୍ଦ୍ର ସେତୁ ସମ୍ବନ୍ଧୀୟ କିଛି ଆଶ୍ଚର୍ଯ୍ୟ ଜନକ ତଥ୍ୟ

୧. ଶ୍ରୀରାମ ସେତୁ ଭାରତ ର ରାମେଶ୍ୱରମ ଦ୍ୱୀପ ଧନୁସକୋଡି ଠାରୁ ଶ୍ରୀଲଙ୍କା ର ମନ୍ନାର ଭୁଖଣ୍ଡ ପର୍ଯ୍ୟନ୍ତ ନିର୍ମିତ ବିଶ୍ୱର ସର୍ବୋତ୍କୃଷ୍ଟ ମାନବକୃତ ବନ୍ଧ
୨. ଲମ୍ବ ୪୮କିଲୋମିଟର , ପ୍ରସ୍ଥ ୧୦୦ ଫୁଟ ଗଭୀରତା ଦଶ ମଟିର
୩. ଶକ୍ତ ଭାସମାନ ପ୍ୟୁମିସ ଏବଂ କୋରାଲ ପଥର ରେ ନିର୍ମିତ ବନ୍ଧ
୪. ମାତ୍ର ପାଂଚ ଦିନ ମଧରେ ଦଶ ଲକ୍ଷ ବାନର ସେନାଙ୍କ ଦ୍ୱାରା ନିର୍ମିତ
୫. ଶ୍ରୀରାମ ସେନା ମଧ୍ରୁ ଦୁଇ ଜଣ ସେନାଧକ୍ଷଦଳ ଏବଂ ନୀଳ ଙ୍କ ଦ୍ୱାରା ନିର୍ମିତ
୬. ୧୪୮୦ମସିହା ପର୍ଯ୍ୟନ୍ତ ରାମସେତୁ ଉପରେ ଯାତାୟାତ କରିହେଉଥିଲା
୭. ସମସ୍ତ ପଥର ଉପରେ ଶ୍ରୀରାମ ଶବ୍ଦ ଖୋଦିତ ହୋଇଥିଲା
୮. ଗୁଣ୍ଡଚି ମୂଷା ମାନେ ସମଦ୍ରୁ ଜଳରେ ବଡ ପକାଇ ଭିଜି ଆସି ବାଲିରେ ଗଡି ହୋଇ ନିର୍ମାଣଧୀନ ପଥର ବନ୍ଧ ଉପରେ ଝାଡି ହୋଇ ପଥର ମଧରେ ଥିବା ଫାଙ୍କ କୁ ବାଲି ଭରି ଦେଉଥିଲେ
୯. ରାବଣ ପରାସ୍ତ ଏବଂ ସୀତା ଉଦ୍ଧାର ପରେ ଲଙ୍କାପତି ବିଭୀଷଣଙ୍କ ଅନୁରୋଧ କ୍ରମେ ପ୍ରଭୁ ଶ୍ରୀରାମ ଭାରତ ର ଅନ୍ୟ ରାଜା ଙ୍କ ଆକ୍ରମଣରୁ ଲଙ୍କା କୁ ସୁରକ୍ଷିତ ରଖିବା ପାଇଁ ଏହି ରାମ ସେତୁ ର ଏକ ମୁଖ୍ୟାଂଶ କୁ ଭାଙ୍ଗି ଦେଇଥିଲେ।

# ଅଂଶୁଘାତ ହେଲେ କିପରି କରିବେ ଚିକିତ୍ସା ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବିଶ୍ୱ ତାପମାତ୍ରାରେ ବୃଦ୍ଧି ହେତୁ ଖରାଦିନଆ ରୋଗ ମଧରେ ଲୁ ବା ଅଂଶୁଘାତର ଖବର ବହୁଳ ଭାବେ ମିଳୁଛି ଆମ ଶରୀରର ତାପମାତ୍ରା ୩୭ଡିଗ୍ରୀ ସେଲସିୟସ୍ ବା ୯୮.୬ଡିଗ୍ରୀ ଫାରେନ୍‌ହାଇଟ୍ ଥିଲେ ସ୍ୱାଭାବିକ ଜୀବନଚର୍ଯ୍ୟା ହୋଇଥାଏ। ମସ୍ତିଷ୍କରେ ଥିବା ହାଇପୋଥାଲାମସ୍ ଦ୍ୱାରା ଏହା ନିୟନ୍ତ୍ରଣ ହୁଏ। ଯେତେବେଳେ ଗ୍ରୀଷ୍ମ ପ୍ରବାହ ଦ୍ୱାରା ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇ ୪୪ଡିଗ୍ରୀ ସେଲସିୟସ୍ ବା ୧୦୬ଡିଗ୍ରୀ ଫାରେନ୍ ହାଇଟ୍ ହୋଇଯାଏ, ଯେତେବେଳେ ଯଦି ହାଇପୋଥାଲାମସ୍ ଶରୀରର ତାପମାତ୍ରାକୁ ହ୍ରାସ କରିବାରେ ବା ନିୟନ୍ତ୍ରଣ ବିଫଳ ହେଲା ସଷ୍ଟ୍ରେକ୍ ହୋଇଥାଏ। ତେବେ ତିନୋଟି ଚିକିତ୍ସ୍ ପଦ୍ଧତି ମାଧମରେ ଅଂଶୁଘାତରେ ପ୍ରତିକାର କରିପାରିବେ।




ହୋମିଓପାଥି

ଅଂଶୁଘାତରେ ପୀଡିତ ବ୍ୟକ୍ତିଙ୍କୁ ସର୍ବପ୍ରଥମେ ମୁଣ୍ଡଧୋଇବା ସହ ଓଦା ଗାମୁଛାରେ ଶରୀରକୁ ଭଲ ଭାବେ ପୋଛି ଦିଅନ୍ତୁ ପଇଡପାଣି ଏବଂ ଓଆରଏସ୍ ପାଣି ପିଇବାକୁ ଦିଅନ୍ତୁ ନିକଟସ୍ଥ ମେଡିକାଲକୁ ନେଇ ଯାଆନ୍ତୁ ହୋମିଓପାଥିରେ ଅଂଶୁଘାତ ରୋଗୀର ଲକ୍ଷଣକୁ ଦେଖି ଔଷଧ ଦେବାକୁ ହୁଏ । ତେବେ ଅଂଶୁଘାତର ଉପଶମ ପାଇଁ ଗ୍ଲୋନାଇନ୍ ଜେଲ୍‌ସିମିୟମ୍ ବେଲାଡୋନା ଓପିଅମ୍ କିଛି ଔଷଧ ଖାଆନ୍ତୁ ନାହିଁ ବାହାରିକୁ ଯିବା ସମୟରେ ପ୍ରଚୁର ପାଣି ପିଅନ୍ତୁ ଏବଂ ଢିଲା ସୂତା କପଡାର ପୋଷାକ ପିନ୍ଧନ୍ତୁ ଛୋଟପିଲା ବୟସାଧିକ୍ୟ ଲୋକ ଓ ଗର୍ଭବତୀଙ୍କୁ ଖରାଦିନରେ ବାହାରକୁ ଦିଅନ୍ତୁ ନାହିଁ।

ଆୟୁର୍ବେଦ ; ଅଂଶୁଘାତ ପାଇଁ ଆୟୁର୍ବେଦରେ ଅନେକ ଔଷଧ ରହିଛି। କିନ୍ତୁ ପ୍ରଥମେ ଅଂଶୁଘାତ କିଭଳି ତାହାକୁ ଜାଣିବା ଆବଶ୍ୟକ ପିଆଜ ରସକୁ ବାହାର କରି ହାତ ପାପୁଲି ଓ ପାଦ ଲଗାନ୍ତୁ

ଅଁଳାକୁ ଛେଦି ସେଥିରେ ମହୁ ମିଶାଇ ଦିନରେ ଦିନକୁ ଦୁଇରୁ ତିନି ଥର ସେବନ କରନ୍ତୁ । ବିଭିନ୍ନ ଫଳକୁ ଅଧିକ ମାତ୍ରାରେ ଖାଦ୍ୟରେ ସାମିଲ କରନ୍ତୁ ଲେମ୍ବୁ ପାଣି ପିଅନ୍ତୁ। ବାହାରକୁ ଯିବା ସମୟରେ ଛତା ବ୍ୟବାହର କରନ୍ତୁ ଏବଂ ମସଲାଜାତୀୟ ଗରିଷ୍ଠ ଖାଦ୍ୟରୁ ଦୂରେଇ ରୁହନ୍ତୁ । କଂଚାଆମ୍ବର ରସକୁ ବାହାର କରି ପାଣି ସହିତ ମିଶାଇ ପିଅନ୍ତୁ।

ଏଲୋପାଥି (ଗିରିଶଚନ୍ଦ୍ର ବେହେରା)

ସନଷ୍ଟ୍ରୋକ୍ ହେଲେ ତୁରନ୍ତ ରୋଗୀକୁ ଥଣ୍ଡାପାଣିରେ ଗାଧୋଇ ଦିଅନ୍ତୁ ଏବଂ ହସ୍ପିଟାଲ୍ ନେଇ ଯାଆନ୍ତୁ ଆବଶ୍ୟକ ହେଲେ ରୋଗୀକୁ ଇଞ୍ଜେକ୍ସନ୍ ମଧ ଦେବାକୁ ହୁଏ। ଅନେକ ସ୍ଥଳରେ ଅଂଶୁଘାତ ମାରାତ୍ମକ ହୋଇପାରେ । ତେଣୁ ଅଂଶୁଘାତ ନହେବା ପାଇଁ ଚେଷ୍ଟା କରିବା ଦରକାର ଘରୁ ବାହାରକୁ ଯିବା ସମୟରେ ଆଲ୍‌କାସଲ୍ ପାଣି ପିଇବା ଉଚିତ ଏହା ବ୍ୟତୀତ ଗ୍ଲୁକୋଜ୍ ପାଣି ମଧ ଲାଭଦାୟକ। ଅଧିକରୁ ଅଧିକ ପାଣି ପିଅନ୍ତୁ । ବୃଦ୍ଧ ଓ ଶିଶୁମାନଙ୍କୁ ବାହାରକୁ ଯିବାକୁ ଦିଅନ୍ତୁ ନାହିଁ।

ସୂଚନାଯୋଗ୍ୟ, ଆଗରୁ ଏଭଳି ବିକଟାଳ ଶବ୍ଦ କରୁଥିବା ବାଇକ ଓ ବୁଲେଟ ଚଲାଇବା ଉପରେ ଲଗାଇ ଉପରେ ରୋକ ଲଗାଇ ଥିଲା କମିସନରେ ପୁଲିସ ଶବ୍ଦ ପ୍ରଦୂଷଣକୁ ନିୟନ୍ତ୍ରଣ ପାଇଁରାଜଧାନୀରେକିଛି ଗାଡି ଜବତ ବି ହୋଇଥିଲା ଏବେ ବିକଟାଳ ଶବ୍ଦ କରୁଥିବା ସାଇଲେନସର ବିକ୍ରି ଉପରେ ରୋକ ଲଗାଇବାକୁ କମିସନରେଟ ପୁଲିସ ଉଦ୍ୟମ ଆରମ୍ଭ କରିଛି।

# ଏପରି କଲେ ଛାଡିଯିବେ ଲକ୍ଷ୍ମୀ !

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଲକ୍ଷ୍ମୀଙ୍କ କୃପା , ଅନୁଗ୍ରହ ବିନା ଜୀବନରେ ଆର୍ଥିକ ଉନ୍ନତି ସମ୍ଭବ ନୁହେଁ ମା ଲକ୍ଷ୍ମୀ ସ୍ୱଭାବରେ ଚଂଚଳ ହୋଇ ଥାଆନ୍ତି। ଏହି କାରଣରୁ ଲକ୍ଷ୍ମୀ ସବୁବେଳେ ଜଣଙ୍କ ପାଖରେ ହିଁ ରହି ନ ଥାଆନ୍ତି କୁହାଯାଏ, ଯାହାଙ୍କ ଉପରେ ମା ଲକ୍ଷ୍ମୀ ଦୟାକୁ ଅବା ପ୍ରସନ୍ନ ହୁଅନ୍ତି, ସେମାନେ ପାଖରେ ଧନ ଦୌଲତର ଅଭାବ ରହି ନଥାଏ।ସେଠି ଯେତେବେଳେ ଲକ୍ଷ୍ମୀ ଯାଆନ୍ତି, ତ ଧନବାନଙ୍କୁ ମଧ କାଙ୍ଗାଳ ହେବାକୁ ବେଶି ସମୟ ଲାଗି ନଥାଏ। ଶାସ୍ତ୍ରରେ ଏପରି କିଛି କାର୍ଯ୍ୟ ବିଷୟରେ କୁହାଯାଇଛି ଯାହାକୁ କରିବା ଦ୍ୱାରା ଧନର ଦେବୀ ଲକ୍ଷ୍ମୀ ଘର ଛାଡି ଚାଲି ଯାଆନ୍ତି । ଏମିତିରେ ଆସନ୍ତୁ ଜାଣିବା କି କେଉଁ ଭୁଲ ଆମେ କରିବା ଉଚିତ୍ ନୁହେଁ। ଅନେକ ଥର ଲୋକଙ୍କ କଥା ଶୁଣିଥିବେ ଯେ ଆଜି ପୂରା ଦିନ ବହୁତ ଖରାପ ଗଲା ଅର୍ଥାତ୍ ଦିନଟା ଗୋଟେ ପରେ ଗୋଟେ ସମସ୍ୟାକୁ ସାମ୍ନା କରୁଛନ୍ତି ହିଁ କରୁଛନ୍ତି। ଏତେ ପରିଶ୍ରମରେ ପରେ ବି ସକରାତ୍ମକ ଫଳ ମିଳି ନଥାଏ। ବାସ୍ତୁ ଶାସ୍ତ୍ର ମୁତାବକ ଏମିତି ସ୍ଥିତି ପଛରେ ଆମର ଭୁଲ ରହିଥାଏ। ଏହିସବୁ କାରଣ ପାଇଁ ଆମେ ହିଁ ଦାୟୀ ରହିଥାଉ । ଯଦି ଏମିତି ଭୁଲ ବାରମ୍ୱାର ପ୍ରତିଦିନ କରନ୍ତି ତାହେଲେ ଆପଣଙ୍କ ସୁଭାଗ୍ୟରେ ପରିଣତ ହୋଇଯିବ। ସକାଳ ସମୟ ବହୁତ ଖାସ ହୋଇଥାଏ। ଯଦି ସକାଳରେ ଆରମ୍ଭ ସକରାତ୍ମକ ଠାରୁ ହୁଏ ତାହେଲେ ପୂରା ଦିନ ଆପଣଙ୍କର ଯିବ।



ସେହିପରି ସକାଳ ସମୟରେ କିଛି ଏମିତି ଭୁଲ କରନ୍ତୁନାହିଁ ଯେ ଦୁଭାଗ୍ୟ ଆପଣଙ୍କ ସାଥିରେ ହିଁ ରହିବ। ଏହାଦ୍ୱାରା ନା ମନକୁ ଶାନ୍ତି ମିଳିଥାଏ, ନା କାମରେ ସଫଳତା ମିଳିଥାଏ ଟୋଟାଲ ଉପରେ କହିବାକୁ ସବୁ ଭଲରେ ହୋଇନଥାଏ ଅଜି ।ଆମେ ୪ଏମିତି ଭୁଲ ଆପଣଙ୍କୁ କହିବୁ , ଯାହା ଅଜଣାତରେ ଲୋକେ ସକାଳୁ କରିଦଅନ୍ତି ଯାହାଫଳରେ ଦୁର୍ଭାଗ୍ୟ ପାଖ ଛାଡିନଥାଏ। ବାସ୍ତୁ ଶାସ୍ତ୍ରରେ ଅଇଁଠା ବାସନକୁ ନେଇ ଅନେକ ବିଶେଷ କଥା ଉଲ୍ଲେଖ ରହିଛି। ରାତିରେ କିଚେନକୁ ଭଲଭାବେ ସଫା କରନ୍ତୁ । ସକାଳୁ ଉଠିବା କ୍ଷଣି ଅଇଁଠା ବ ।ସନ ଦେଖିବା ଦ୍ୱାରା ଦ୍ରରିଦ୍ର୍ୟ ଆସିଥାଏ। ଏମିତି କରିବାକୁ ବାରଣ କରାଯାଇଛି ।ଏମିତି କରିବା ଦ୍ୱାରା ମା ଲକ୍ଷ୍ମୀ ରାଗି ଯାଆନ୍ତି। ତେଣୁ ଚେଷ୍ଟା କରନ୍ତୁ କି ଯେପରି ଘରେ ଅଇଁଠା ବାସନ ରହିବ ନାହିଁ ରାତିରେ ଅଇଁଠା ବାସନ ରଖିବା ମାତା ଲକ୍ଷ୍ମୀ କ୍ରୋଧାନ୍ନିତ ହୋଇଯାନ୍ତି। ବାସ୍ତୁ ଶାସ୍ତ୍ର ମୁତାବକ ସକାଳୁ ଉଠି ଦର୍ପଣ ଦେଖିବା ଉଚିତ ନୁହେଁ । ଏମିତି କରିବା ଦ୍ୱାରା ଜୀବନରେ ବାଧା ବିପଦ ବଢିପାରେ ସେହିପରି ବେଡରୁମରେ ଦର୍ପଣ ରଖିବା ଦ୍ୱାରା ବୈବହିକ ସମ୍ପର୍କରେ ତିକ୍ତତା ବଢିଥାଏ।

ସୂର୍ଯ୍ୟାସ୍ତ ସମୟରେ ଘରେ ଝାଡୁ ପୋଛା କରିବା ଉଚିତ ନୁହେଁ ।ଏହି ସମୟରେ ଘର ଝାଡୁ କରିବା ଦ୍ୱାରା ଦୁର୍ଭାଗ୍ୟ ମାଡି ଆସିଥାଏ ଏଥି ସହିତ ମା ଲକ୍ଷ୍ମୀ କ୍ରୋଧିତ ହୋଇ ଘରୁ ପଳାଇ ଯାଆନ୍ତି।

# ନୀତିଶାସ୍ତ୍ର; ପରିଶ୍ରମ କରି ମଧ ଅସଫଳ ରହୁଛନ୍ତି କି ? ତେବେ ଆପଣାନ୍ତୁ ଏହି ୪ଟି କଥା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆମ ଦୈନନ୍ଦିନ ଜୀବନରେ ଆମେ ନୀତିଶାସ୍ତ୍ରକୁ ଖୁବ ଗୁରୁତ୍ୱ ଦେଇଥାଉ। ଯାହା ଆମର ଜୀବନରେ ଅନେକ ପରିବର୍ତ୍ତନ ଆଣିଥାଏ ।ଆମ ଭିତରୁ ଅଧିକାଂଶ ବ୍ୟକ୍ତି ଏଭଳି ରହିଛନ୍ତି ଯିଏ କି ଜୀବନରେ ପରିଶ୍ରମ କରି ଥାଆନ୍ତି ଯେଉଁମାନେ ଭାଗ୍ୟ ଉପରେ ସମସ୍ତ ନିଜର କାର୍ଯ୍ୟକୁ ଛାଡି ଦେଇ ଥାଆନ୍ତି କେବେ ଭାଗ୍ୟର ଭରସାରେ କୌଣସି କାର୍ଯ୍ୟକୁ ଛାଡି ବସି ରହିବା ଠିକ ନୁହେଁ। ସର୍ବ ପ୍ରଥମେ ଚେଷ୍ଟାକରିବା ଆବଶ୍ୟକ। ଗୋଟିଏ କାର୍ଯ୍ୟକୁ ବାରମ୍ୱାର କରିବା ଦ୍ୱାରା ହିଁ ତାହା ସମ୍ଭବ ହୋଇଥାଏ ଅର୍ଥାତ ସେହି କାର୍ଯ୍ୟରେ ଆମେ ସଫଳତା ପାଇଥାଉ। ଯେବେବି ଜୀବନରେ ଯେ କୌଣସି କାର୍ଯ୍ୟକୁ ନେଇ ନିଷ୍ପତି ନେଉଛନ୍ତି,ତାହା ଭାବି ଚିନ୍ତି ନେବା ଆବଶ୍ୟକ। କାରଣ କିଛିଟା ନିଷ୍ପତି ଜୀବନରେ ଗମ୍ଭିର ଭାବରେ ନେବା ଆବଶ୍ୟକ। କାରଣ ଯଦି ଥରେ ନିଷ୍ପତି ନେଇଥାଉ ତାହା ଆମ ଜୀବନକୁ ପରିବର୍ତ୍ତନ କରି ଦେଇଥାଏ। ତା ପରେ ଆମେ ପଛକୁ ଆଉ ଫେରିନଥାଉ। ସବୁବେଳେ ନିଜ କାର୍ଯ୍ୟକୁ ଭଲ ପାଇବା ଆବଶ୍ୟକ। କାରଣ ଭଲ ପାଇବା ଭାବନା ଆସିଲେ ହିଁ ମଣିଷ ନିଜର କାର୍ଯ୍ୟକୁ ନେଇ ସଚୋଟ ହେବା ଆବଶ୍ୟକ।



ଓବୁବେଳେ ନଜି ପାଖରେ ଥିବା ଅର୍ଥକୁ ସଠିକ ଭାବରେ ନିବେଶ କରିବା ଆବଶ୍ୟକ। କାରଣ ଯଦି ଆପଣ ଠିକ ସ୍ଥାନରେ ନିବେଶ ତେବେ ଆଗକୁ ଯାଇ ଅସୁବିଧାରେ ପଡିବେ। ତେଣୁ ସେଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତି। କାରଣ ମଣିଷ ଯଦି ଠାରେ ଯେଉଁ ଭୁଲ କରିଦିଏ ଆଉ ଫେରି ପାରେ ନାହିଁ।

# ଗୋଟିଏ ପାନପତ୍ରରେ ଅନେକ ରୋଗର ନିରାକରଣ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ପାନର ପ୍ରଚଳନ ଭାରତରେ କେଉଁ ପୁରୁଣା କାଳରୁ ରହି ଆସିଛି। ସ୍ୱୟଂ ଜଗନ୍ନାଥ ଙ୍କ ନିକଟରେ ମଧ ବିଡିଆ ପାନ ପ୍ରସାଦ ଭାବରେ ଅର୍ପଣ କରାଯାଇ ଥାଏ ଯାହା ତାଙ୍କ ଅତିପ୍ରିୟ ଅଟେ ବିଡିଆ ପାନକୁ ମୁଖବାସ ମଧ କୁହାଯାଇ ଥାଏ। ଯାହା ଆମ ପାଟିକୁ ଓ ମନ କୁ ଗୋଟିଏ ଅଲଗା ପ୍ରକାରର ଅନୁଭୂତି ଦେଇଥାଏ। କିନ୍ତୁ ନିକଟରେ ହୋଇଥିଲା ଗୋଟିଏ ଅଧୟନ ଅନୁସାରେ ପାନ ପତ୍ର କୌଣସି ଔଷଧି ଠାରୁ ମଧ କମ ନୁହେଁ ଯେଉଁ ପାନ ପତ୍ର କୁ ଆମେ ମୁଖବାସ ପାଇଁ ବ୍ୟବାହର କରିଥାଉ ତାହା ପୂଜାପାଠ ରେ ମଧ ବ୍ୟବହାର ହୋଇଥାଏ ଗ୍ରୀଷ୍ମ ଋତୁରେ ବିଶେଷ ଭାବରେ ବଦହଜମୀ ପଟେ ସମସ୍ୟା ଓ ବିଭିନ୍ନ ତ୍ୱଚା ସମସ୍ୟା ଦେଖା ଯାଇଥାଏ ଯାହାକୁ ପାନ ପତ୍ର ଦୂର କରିଥାଏ। ଆସନ୍ତୁ ଜାଣିବା ପାନ ପତ୍ରର ଔଷଧୀୟ ଗୁଣ ବିଷୟରେ



ପାନପତ୍ରରେ ଅନେକ ଔଷଧୀୟ ଗୁଣ ରହିଥିବା କାରଣରୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଦୂର ହୋଇଥାଏ । ପାନ ପତ୍ରରେ ଆଣ୍ଟି ଇମ୍ଫଲାମେଟାରି ଓ ଆଣ୍ଟି ବ୍ୟାକ୍ଟେରିଆ ଗୁଣ ରହିଛି। ଯାହା ତ୍ୱଚା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା କୁ ଦୂର କରିଥାଏ ସେଥି ପାଇଁ ପାନ ପତ୍ର ଛେଚି ଗୋଟିଏ ଲେପ ପ୍ରସ୍ତୁତ କରନ୍ତୁ । ଏହାପରେ ଏଥିରେ କିଛି ହଳଦୀ ଗୁଣ୍ଡ ମିଶାନ୍ତୁ ଓ ଏହାକୁ କିଛି ସମୟ ଛାଡି ତ୍ୱଚାରେ ଲଗାନ୍ତୁ ଏହାଦ୍ୱାରା ତ୍ୱଚା ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଦୁର ହେବ।

ଯଦି ଆପଣ ପେଟ ସଂକ୍ରମଣ ଦ୍ୱାରା ଯନ୍ତ୍ରଣା ପାଉଛନ୍ତି ତେବେ ପାନ ପତ୍ର ରସକୁ ମହୁ ସହିତ ସେବନ କରନ୍ତୁ ପେଟ ସଂକ୍ରମଣ ଦୂର ହେବ ଓ ଆରାମ ମିଳିବ।

ଯଦି ଅଧିକ ଖାଇବା ଯୋଗୁଁ ଆପଣ ପେଟେ ବଦହଜମି ସମସ୍ୟା ଦ୍ୱାରା କଷ୍ଟ ପାଉଛନ୍ତି ତେବେ ପାନ ପତ୍ର ରସ ସେବନ କରନ୍ତୁ , ଏହା ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରିଥାଏ।

ମୁଣ୍ଡବିନ୍ଧା କିମ୍ବା ମାଇଗ୍ରେନ ସମସ୍ୟା ରେ କଷ୍ଟ ପାଉଛନ୍ତି ତେବେ ପାନ ପତ୍ର ରସ କୁ ଉଷୁମ କରି ସେଥିରେ ସାମାନ୍ୟ ଘିଅ ମିଶାଇ କପାଳରେ ଲଗାନ୍ତୁ । ଦେଖିବେ ମୁଣ୍ଡ ବିନ୍ଧା ସମସ୍ୟା ଦୂର ହେବ। ଏହାଛଡା ପାନ ପତ୍ର ପେଟ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାକୁ ମଧ ଦୂର କରିଥାଏ।

# ଖାଦ୍ୟ ଖାଇବା ପରେ କରନ୍ତୁ ନାହିଁ ଏହି ଭୁଲ୍

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସଭିଏଁ ବିଭିନ୍ନ ଉପାୟ ଆପଣାଇ ଥାଆନ୍ତି। ମାତ୍ର ସଠିକ ଖାଦ୍ୟପେୟ ସହ ଏପରି କିଛି ଉପାୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ ଯାହାର ସିଧାସଳଖ ପ୍ରଭାବ ଆମ ସ୍ୱାସ୍ଥ୍ୟ ଉପରେ ପଡିଥାଏ। କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ଖରାବେଳର ଖାଦ୍ୟ ଖାଇବା ପରେ ଏପରି କିଛି ଭୁଲ କରିଥାଆନ୍ତି, ଫଳରେ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ପଡିଥାଏ। ଜାଣନ୍ତୁ ଏହା ବିଷୟରେ...

୧ -ଆପଣ ଅନେକ ଥର ଶୁଣିଥିବେ ଖାଦ୍ୟ ଖାଇବାର ସଙ୍ଗେ ପିଇବା ଉଚିତ ନୁହେଁ। ଏହିନୟମର ପାଳନ କରୁଥିଲେ, ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଏହା ସହ ଖାଦ୍ୟ ଖାଇବା ପରେ ତୁରନ୍ତ ଥଣ୍ଡାପାଣି ଆଦୌ ପିଅନ୍ତୁ ନାହିଁ। ଅତି ଆବଶ୍ୟକ ହେଲେ ସାଧାରଣ ତାପମାତ୍ରାରେ ପାଣି ପିଅନ୍ତୁ। ଥଣ୍ଡାପାଣି ପିଇବା ଦ୍ୱାରା ପାଚନତନ୍ତ୍ର ଉପରେ କୁପ୍ରଭାବ ପକାଇଥାଏ ଭାବେ ଅବଶୋଷିତ ନ ହେବା ସହ ଶରୀରରେ ପ୍ରୋଟିନ ମାତ୍ରା ମଧ ପହଂଚି ପାରିନଥାଏ।

୩- ଖରାବେଳର ଖାଦ୍ୟ ଖାଇବା ପରେ ତୁରନ୍ତ ଜୋରରେ ଚାଲିବା କିମ୍ବା ଶୀଘ୍ର ଶୀଘ୍ର କୌଣସି କାର୍ଯ୍ୟ କରନ୍ତ ନାହିଁ । କିଛି ବିଶ୍ରାମ ନେବା ନିତ୍ୟାନ୍ତ ଜରୁରୀ।

୪-ଖାଦ୍ୟ ଖାଇବା କିଛି ଘଣ୍ଟା ମଧରେ ଫଳ,ଜୁସ୍, ଆଦିର ସେବନ କରନ୍ତୁ ନାହିଁ। ଏହା ପାଚନ ତନ୍ତ୍ର ଉପରେ କୁପ୍ରଭାବ ପକାଇଥାଏ।

୫-ଖାଦ୍ୟ ଖାଇବା ପରେ ସଙ୍ଗେ ସଙ୍ଗେ ଶୁଅନ୍ତୁ ନାହିଁ କିମ୍ବା କୌଣସି ନିଶାଦ୍ରବ୍ୟର ସେବନ କରନ୍ତୁ ନାହିଁ।

# ଶାକାହାରୀ ଖାଦ୍ୟ କର୍କଟ ରୋଗର ଆଶଙ୍କାକୁ ୧୪% ହ୍ରାସ କରିଥାଏ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଅନେକ ଡାକ୍ତର ଏବଂ ବିଶେଷଜ୍ଞ ପ୍ରାୟତଃ ଏକ ଶାକାହାରୀ ଖାଦ୍ୟର ଉପକାରିତା ବିଷୟରେ ଆଲୋଚନା କରିଥାନ୍ତ। ଫୋର୍ଟିସ୍ ହସ୍ପିଟାଲର ବରିଷ୍ଠ ଟ୍ୟୁଟ୍ରିସନ ଡାକ୍ତର ମୀନଲ ଶାହଙ୍କ ସୂଚନା ଅନୁଯାୟୀ ଶାକାହାରୀଖାଦ୍ୟ ହେଉଛି ଏକ ସୁସ୍ଥ ଖାଦ୍ୟ ଯାହାକି ଲେଡିଲ କୋଷ୍ଟ୍ରେଲ ସ୍ତର ଏବଂ ରକ୍ତଚାପକୁ ହ୍ରାସ କରିପାରେ ଏହା ଉଚ୍ଚ ରକ୍ତଚାପ ମେଟାବୋଲିକ୍ ରୋଗ ମେଦବହୁଳତା ଏବଂ ଟାଇପ୍ -୨ମଧୁମେହ ରୋଗକୁ ହ୍ରାସ କରିପାରେ ଏବଂ ଇସକେମିକ୍ ହୃଦ ରୋଗରେ ମୃତ୍ୟୁ ହେବାର ଆଶଙ୍କା ହ୍ରାସ କରିପାରେ ।




ବର୍ତ୍ତମାନ ବିଶ୍ୱ କର୍କଟ ଅନୁସନ୍ଧାନ ପାଣ୍ଠି କର୍କଟ ଅନୁସନ୍ଧାନ ୟୁକେ ଏବଂ ଅକ୍ସଫୋର୍ଡ ପପୁଲେସନ୍ ହେଲଥ ଦ୍ୱାରା କରାଯାଇଥିବା ଏକ ସର୍ଭରେ ଦର୍ଶାଯାଇଛି ଯେ ଶାକାହାରୀମାନେ ମାଂସ କିମ୍ବା କିମ୍ବା ମାଛ ଖାଉଥିବା ଲୋକଙ୍କଅରେକ୍ଷା କର୍କଟ ରୋଗର ଆଶଙ୍କା କମ୍ ଥାଏ। ବିଏମସୋ ,ମେଡିସିନରେ ପ୍ରକାଶିତ ବ୍ରିଟେନର ବାୟୋବ୍ୟଙ୍କରେ ୪୫୦,୦୦୦ରୁ ଅଧିକ ଲୋକଙ୍କ ଡାଏଟ୍ ଗ୍ରୁପ ବିଶେଷଣ କରି ଏହି ଅନୁସନ୍ଧାନ କରାଯାଇଥିଲା ଯେଉଁଥିଲେ ଅଂଶଗ୍ରହଣକାରୀମାନେ ମାଂସ ଏବଂ ମାଛ ବ୍ୟବହାର ସ୍ତର ଅନୁଯାୟୀ ବର୍ଗୀକୃତ ହୋଇଥିଲେ ନିୟମିତ ମାଂସ ଖାଉଥରବା ବ୍ୟକ୍ତିମାନେ ପ୍ରିକ୍ରିୟାକୃତ ମାଂସ ନାଲି ମାଂସ କିମ୍ବା କୁକୁଡାକୁ ସପ୍ତାହରେ ପାଂଚଥରରୁ ଅଧିକ ଖାଉଥବା ବ୍ୟକ୍ତି ଓ ସପ୍ତାହରେ ପାଂଚ ଥର କମ୍ ମାଂସ ଖାଉଥିବା ବ୍ୟକ୍ତିଙ୍କୁ ନେଇ ଶ୍ରେଣୀଭୁକ୍ତ କରାଯାଇଥିଲା ଏହି ଅଧୟନରେ ଯେଉଁମାନେ କୌଣସି ମାଂସ ମାଛ ଖାଆନ୍ତି ନାହିଁ। ନିୟମିତ ମାଂସ ଖାଉଥିବା ଲୋକଙ୍କ ତୁଳନାରେ କୌଣସି ପ୍ରକାରର କର୍କଟ ରୋଗ ହେବାର ଆଶଙ୍କା ମାଂସ ଖାଉଥିବା ଲୋକଙ୍କ ମଧ୍ୟରେ ୨ପ୍ରତିଶତ ପେସ୍କାଟାରିଆନରେ ୧୦ପ୍ରତିଶତ ଏବଂ ଶାକାରୀହରୀ ମାନେଙ୍କ ମଧରେ ୧୪ ପ୍ରତିଶତ କମ୍ ଥିଲା ନିୟମିତ ମାଂସ ଖାଉଥିବା ଲୋକଙ୍କ ତୁଳନାରେ କମ୍ ମାଂସ ଖାଉଥିବା ବ୍ୟକ୍ତିଙ୍କ ଅନ୍ତନଳୀ କର୍କଟ ହେବାର ଆଶଙ୍କା ୯% କମ୍ ଥିଲା ଶାକାହାରୀ ମହିଳାମାନଙ୍କଠାରେ ଦେଖାଯଉଥିବା ଶରୀରର ନିମ୍ନ ମାନର ସୂଚକାଙ୍କ ଯୋଗୁଁ। ନିୟମିତ ମାଂସ ଖାଉଥିବା ଲୋକଙ୍କ ତୁଳନାରେ ପେସ୍କାଟାରିଆନ ଏବଂ ଶାକାରୀମାନେ ପ୍ରେଷ୍ଟେଟ କର୍କଟ ରୋଗର ଆଶଙ୍କା କମ୍ ଥିଲେ।

# ମାଂସପେଶୀକୁ ମଜଭୁତ ରଖେ ଭିଟାମିନ୍-ଡି

ହରମୋନ୍‌ର ପ୍ରାକୃତିକ ଉପାଦାନ ହେଉଛି ଭିଟାମିନ ଡି। ଏହା ଶରୀରରେ ଅସ୍ଥି ମାଂସପେଶୀକୁ ମଜଭୁତ ରଖିବାରେ ସାହାଯ୍ୟ କରେ। ହେଲେ ଶରୀରରେ ଯେତେବେଳେ ଏହି ଭିଟାମିନ୍‌ର ଅଭାବ ଘଟେ, ସେତେବେଳେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ୟୁନିଭରସିଟି ଅଫ୍ ସାଉଥ୍ ଅଷ୍ଟ୍ରେଲିଆ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ, ଏହା ଅସନ୍ତୁଳିତ ରହିଲେ ତାହାର ପ୍ରଭାବ ମାଂସପେଶୀ ଉପରେ ପଡେ ତା ସହ ଏଥିଯୋଗୁ ହୃତ୍‌ପିଣ୍ଡର କାର୍ଯ୍ୟ ପ୍ରଭାବିତ ହେବାର ଯଥେଷ୍ଟ ପକ୍ଷରୁ ହୋଇଥିବା ଏକ ସର୍ଭେରୁ ଜଣାପଡିଛି ଯେ ,ଏହା ଅସନ୍ତୁଳିତ ରହିଲେ ତାହାର ପ୍ରଭାବ ମାଂସପେଶୀ ଉପରେ ପଡେ, ତା ସହ ଏଥିଯୋଗୁ ହୃତପିଣ୍ଡର କାର୍ଯ୍ୟ ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଶରୀରରେ ଭିଟାମିନ୍ ଡି ଅଭାବ ପରିଲକ୍ଷିତ ହେଲେ ସ୍ନାୟୁଗୁଡିକ ଦୁର୍ବଳ ହୋଇପଡେ। ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ଭିଟାମିନ୍-ଡି ଯୁକ୍ତ ଖାଦ୍ୟ ଯଥା- କଦଳୀ, କମଳା, ଆଲମଣ୍ଡ, ଛତୁ, ଅଣ୍ଡା କେଶର, କ୍ଷୀର ଜୁସ୍ ଆଦିକୁ ଖାଇବା ନିହାତି ଆବଶ୍ୟକ। ଏହାସହ ପ୍ରତିଦିନ ସକାଳେ କିଛି ସମୟ ସୂର୍ଯ୍ୟକିରଣ ଆସନ୍ତୁ।

ବାରମ୍ବାର ପିଉଛନ୍ତି କି ଗରମ ପାଣି, ହୋଇପାରେ ସମସ୍ୟା

ଓଜନ ହ୍ରାସ ଏବଂ ମେଟାବୋଲିଜିମ୍ ସଠିକ୍ ରଖିବା ପାଇଁ ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା ଜରୁରୀ ଅଟେ, କିନ୍ତୁ ଆପଣ ଏହା କରିବା ପାଇଁ ମଧ ସଠିକ୍ ଉପାୟ ଜାଣିବା ଉଚିତ୍। ଅଧିକାଂଶ ଲୋକ ସେମାନଙ୍କ ସକାଳ ଏକ ଗ୍ଲାସ୍ ଉଷୁମ ପାଣିରୁ ଆରମ୍ଭ କରନ୍ତି, କିନ୍ତୁ ଦିନସାରା ବାରମ୍ବାର




ଗରମ ପାଣି ପିଅନ୍ତୁ ନାହିଁ।

ଆଭ୍ୟନ୍ତରୀଣ ଅଙ୍ଗର କ୍ଷତି ;

ପ୍ରତିଦିନ ୬-୭ ଗ୍ଲାସ୍ ପାଣି ପିଇବା ଉଚିତ୍। କିନ୍ତୁ ଅଧିକ ଗରମ ପାଣି ପିଇବା ଦ୍ୱାରା ଆମର ଆଭ୍ୟନ୍ତରୀଣ ପ୍ରଣାଳୀକୁ କ୍ଷତି ପହଂଚିପାରେ। ତେଣୁ ଅଧିକ ଗରମ ପାଣି ପିଅନ୍ତୁ ନାହିଁ। ଗରମ ପାଣିର ତାପମାତ୍ରା ଆପଣଙ୍କ ଶରୀରର ଆଭ୍ୟନ୍ତରୀଣ ଅଙ୍ଗଠାରୁ ବହୁତ ଅଧିକ। ଗରମ ପାଣି ପିଇବା ଦ୍ୱାରା ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ଜଳିବାର ଆଶଙ୍କା ରହିଥାଏ।

ତେଣୁ ପାଣିକୁ ହାଲୁକା ଉଷୁମ କରି ପିଅନ୍ତୁ, ଅଧିକ ଗରମ ପାଣି ପିଅନ୍ତୁ ନାହିଁ। ଏହି ଅଙ୍ଗ ଉପରେ ପଡିଥାଏ ପ୍ରଭାବ ; ଶରୀରର ଆଭ୍ୟନ୍ତରୀଣ ଅଙ୍ଗଗୁଡିକର ଟିସୁ ଅତ୍ୟନ୍ତ ସମ୍ବେଦନଶୀଳ ଯଦି ଆପଣ ବାରମ୍ବାର ଗରମ ପାଣି ପିଅନ୍ତି, ତେବେ ଏହା ଆପଣଙ୍କ ଆଭ୍ୟନ୍ତରୀଣ ଅଙ୍ଗରେ ଫୁଲା ସୃଷ୍ଟି କରିପାରେ। ଗରମ ପାଣି ଦ୍ୱାରା ପ୍ରଭାବିତ ହେଉଥିବା ପ୍ରଥମ ଅଂଶଗୁଡିକ ହେଉଛି ଓଠ, ପାଟିର ଭିତର ଅଂଶ ଜିଭ ଏବଂ ବେକ।

କିଡନୀ ଫଙ୍କସନ ; କିଡୀନର କାର୍ଯ୍ୟ ହେଉଛି ଶରୀରରୁ ଜଳ ଏବଂ ବିଷାକ୍ତ ପଦାର୍ଥ ବାହାର କରିବା ଗରମ ପାଣି ପିଇବା ସାଧାରଣ ଅପେକ୍ଷା କିଡନୀ ଉପରେ ଅଧିକ ଚାପ ପକାଇଥାଏ। ଏହା କିଡନୀର କାର୍ଯ୍ୟକୁ ପ୍ରଭାବିତ କରିଥାଏ।

ଏହି ସ୍ଥିତିରେ ପିଅନ୍ତୁ ନାହିଁ ;

ଯିଦ ରାତିରେ ଶୋଇବା ସମୟରେ ଗରମ ପାଣି ପିଇବାର ଅଭ୍ୟାସ ଅଛି, ତେବେ ଏଥିପ୍ରତି ଧ୍ୟାନ ଦିଅନ୍ତୁ। ରାତିରେ ଶୋଇବା ସମୟରେ ଗରମ ପାଣି ପିଇବା ଦ୍ୱାରା ଶୋଇବା ସମସ୍ୟା ହୋଇପାରେ। ଏହା ବାରମ୍ବାର ପରିସ୍ରା କରିଥାଏ ଏବଂ ଆପଣଙ୍କ ରକ୍ତଭଣ୍ଡାର କୋଷ ଉପରେ ଚାପ ବଢାଇଥାଏ।

# କଂଗ୍ରେସ ପୁଣି ଥରେ ପୁରୁଣା ପ୍ରାର୍ଥୀଙ୍କୁ ସୁଯୋଗ ଦେବାରୁ ସିମ୍ପାଥି ବଢୁଛି

**କଟକ(ସଂପର୍କବାର୍ତ୍ତା) -** ବିଜେଡ଼ି ମଙ୍ଗ ଧରିଛନ୍ତି ଭେଟେରାନ୍ ଆଶୀର୍ବାଦ ବେହେରା। ନିଜ ପ୍ରାର୍ଥୀ ଦେଇଛନ୍ତି। ବିଜେପିରୁ ନିର୍ବାଚନକୁ ଓହ୍ଲାଇଛନ୍ତି ବିଡ଼ାନାସୀ ୱାର୍ଡ଼ ନମ୍ବର୧ର ପୂର୍ବତନ କର୍ପୋରେଟରଙ୍କ ପତ୍ନୀ। କଂଗ୍ରେସ ପୁଣି ଥରେ ପୁରୁଣା ପ୍ରାର୍ଥୀଙ୍କୁ ସୁଯୋଗ ଦେଇଛି, ଯିଏ ୨୦୧୪ ନିର୍ବାଚନ ଲଢ଼ିଥିଲେ। ଏଭଳି ରୋଚକ ସ୍ଥିତିରେ ରହିଛି ୱାର୍ଡ଼ନମ୍ବର ୧୨ର ସ୍ଥିତି। ତ୍ରିମୁଖି ଲଢ଼େଇ ହେବାର ସମ୍ଭାବନା ଥିବାବେଳେ ଭୋଟରଙ୍କ ମୁଡ୍ ପ୍ରତିନିଧି ନିର୍ଣ୍ଣୟ କରିବ।

କାଫଲା ଫାଣ୍ଡି, ମହାନ୍ତିପଡ଼ା, ହରିଜନସାହି, ମଙ୍ଗଳାସହି, ମାନସିଂହପାଟଣା, ଅଲିଶାବଜାର, ବାନା ବଗିଚ୍ଚ, ଭୋଲାମିଆଁ ବଜାର, ମହମ୍ମଦିଆ ବଜାର ପ୍ରମୁଖ ଅଞ୍ଚଳକୁ ନେଇ ସିଏମ୍ସିର ୧୨ ନମ୍ବର ୱାର୍ଡ଼। ୨୦୧୪ ନିର୍ବାଚନରେ ଏହି ୱାର୍ଡ଼ ବିଜେଡ଼ି କବ୍‌ଜାରେ ଥିଲା। କିନ୍ତୁ ପୂର୍ବତନ କର୍ପୋରେଟରଙ୍କ ଅମଳରେ ଯେତିକି କାମ ହେବା କଥା ସେହି ତୁନାରେ କାର୍ଯ୍ୟ ହୋଇନାହିଁ। ଯାହାଫଳରେ ରାସ୍ତାଘାଟ, ନାଳନର୍ଦ୍ଦମା ଓ ପରିମଳ

**ୱାର୍ଡ଼ ନଂ-୧୨**

ବ୍ୟବସ୍ଥା ଏଠାରେ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଯାହାକୁ ନେଇ ସ୍ଥାନୀୟ ଲୋକେ ଖପ୍‌ପା ରହିଛନ୍ତି। ଫଳରେ ଏଥର ଦଳୀୟ ଭିତ୍ତିରେ ନୁହେଁ ପ୍ରାର୍ଥୀଙ୍କ ବ୍ୟକ୍ତିତ୍ୱ ଦେଖି ଭୋଟ୍ ଦେବାକୁ ୱାର୍ଡ଼ବାସୀ ନିଷ୍ପତ୍ତି ନେଇଛନ୍ତି। ଏଠାରେ ବିଜେଡ଼ି ପ୍ରାର୍ଥୀ ହୋଇଛନ୍ତି ଦୀପାଞ୍ଜଳି ସିଂହ। ଆଶୀର୍ବାଦ ବେହେରାଙ୍କ ସୁପାରିସରେ ପ୍ରାର୍ଥୀ ହୋଇଥିବା ଦୀପାଞ୍ଜଳି ଏଥର ୱାର୍ଡ଼ର ସର୍ବାଙ୍ଗୀନ ବିକାଶ ଦିଗରେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି। ବିଶେଷ କରି ପରିମଳ ଉପରେ ତାଙ୍କର ଫୋକସ୍ ରହିବ। ସେହିପରି ବିଜେପିରୁ ପୂର୍ବତନ କର୍ପୋରେଟର ଚିତ୍ତରଞ୍ଜନ ଦାସଙ୍କ ପତ୍ନୀ ସୁପ୍ରୀତି ଦାସ ପ୍ରାର୍ଥୀ ହୋଇଛନ୍ତି। ସେ କହିଛନ୍ତି, ୱାର୍ଡ଼ରେ ଅନେକ ଲୋକେ ଏବେ ସୁଦ୍ଧା ରେସନକାର୍ଡ଼, ଭତ୍ତା ଆବାସ ଯୋଜନା ଆଦି ପାଇପାରି ନାହାନ୍ତି। କମ୍ୟୁନିଟି ସେଣ୍ଟର ଓ ଅଙ୍ଗନବାଡ଼ି ନାହିଁ। ତେଣୁ ଏହା ଉପରେ ଗୁରୁତ୍ୱ ଦେବି। କଂଗ୍ରେସ ପ୍ରାର୍ଥୀ ଚିନ୍ମୟୀ ଜେନା ରାସ୍ତାଘାଟ, ନଳାନର୍ଦ୍ଦମା ଉପରେ ଅଧିକ ନଜର ଦେବେ ବୋଲି ଭୋଟରଙ୍କ ପ୍ରତିଶ୍ରୁତି ଦେଇଛନ୍ତି।

# ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

**ଅଫିସରେ ବ୍ୟକ୍ତିଗତ କାମ ପାଇଁ ମୋବାଇଲ ବ୍ୟବାହର କଲେ ଚାକିରି ଚାଲିଯିବ**

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଆପଣ ନିଜର ବ୍ୟକ୍ତିଗତ କାମ ପାଇଁ ଅଫିସରେ ମୋବାଇଲ ବ୍ୟବାହର କରୁଛନ୍ତି କି? ଯଦି ହିଁ, ତେବେ ନିଜର ଚାକିରି ହରାଇ ପାରନ୍ତି। ନିକଟରେ ମାଡ୍ରାସ ହାଇକୋର୍ଟ ଏକ ମାମଲାରେ ବିଚାର କରି ଏପରି ନିଷ୍ପତି ଶୁଣାଇଛନ୍ତି। ଜଣେ ସରକାରୀ କର୍ମକାରୀ ଙ୍କ ଯାଚିକା ଉପରେ ଶୁଣାଣି କରି ଏପରି ଆଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ଜଣେ ମହିଳା ସରକାରୀ ଦପ୍ତରରେ କାର୍ଯ୍ୟ ଦପ୍ତରରେ କାର୍ଯ୍ୟ କରିବା ସମୟରେ ମୋବାଇଲର ବ୍ୟବାହର କରିଥିବା ଜଣାପଡିଥିଲା ଏହି କାରଣକୁ ନେଇ ବିଭାଗ ପକ୍ଷରୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରି ଦିଆଯାଇଥିଲା ଏହାକୁ ବିରୋଧ କରି ମହିଳା ଜଣଙ୍କ ଅଦାଲତରେ ଯାଚିକା ଦାୟର କରିବା ସହ ବିଭାଗର ଆଦେଶକୁ ରଦ୍ଦ କରିବାକୁ ଦାବି କରିଥିଲେ। ତେବେ ଏହି ମାମଲାରେ ଶୁଣାଣି କରି ଜଷ୍ଟିସ ଏସଏମ ସୁବ୍ରମଣ୍ୟମ ଉକ୍ତ ମହିଳାଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିଦେଇଥିଲେ। ଆଜିକାଲି ସରକାରୀ କର୍ମଚାରୀମାନେ ଅଫିସରେ ମୋବାଇଲ ବ୍ୟବହାର କରିବା ଏକ ସାଧାରଣ କଥା ହୋଇଗଲାଣି ମାତ୍ର ଏହା ଠିକ୍ ନୁହେଁ ତେଣୁ ଅଦାଲତ ଯାଚିକା ଦାୟର କରିଥିବା ମହିଳା କର୍ମଚାରୀଙ୍କୁ ରାହତ ଦେବା ପାଇଁ ଅଗ୍ରାହ୍ୟ କରିଥିଲେ ଏଥିସହିତ ଆସନ୍ତା ୪ସପ୍ତାହ ମଧ୍ୟରେ ଏହି ମାମଲାରେ ବିସ୍ତୃତ ରିପୋର୍ଟ ଅଦାଲତଙ୍କ ସମ୍ମୁଖରେ ଉପସ୍ଥାପନ କରାଯିବ। ତା ପରେ କୋର୍ଟ ଏହାର ପରବର୍ତ୍ତୀ ଶୁଣାଣି କରିବେ ବୋଲି କୁହାଯାଇଛି।




# ନଜରବନ୍ଦୀ କରିଥିଲେ ପୁଅବୋହୂ ପାଚେରୀ ଡେଇଁ ଥାନାକୁ ଗଲେ ବାପା ମା

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ସବୁ ବାପା ମାଙ୍କର ଇଛା ଥାଏ ତାଙ୍କର ପୁଅ ଟି ହେଉ। ଆଉ ପୁଅଟିଏ ପାଇବା ପାଇଁ ଅନେକ ଦେବାଦେବୀଙ୍କ ପାଖରେ ମାନସିକ ମଧ କରିଥାନ୍ତି ବାପା ମାଆ ପୁଅଟିଏ ହେଲେ ତାଙ୍କ କୂଳ ରକ୍ଷା କରିବା ଆଉ ସେମାନଙ୍କ ମୁହଁ ରେ ପାଣି ଦେବ ବୋଲି ସେମାନେ ବିଶ୍ୱାସ ରଖିନ୍ତି ସେଥିପାଇଁ ତ ପିଲାଟି ବେଲୁ ପୁଅକୁ ସ୍ନେହ ଶ୍ରଦ୍ଧାରେ ବଢାଇଥାନ୍ତି ବାପା ମାଆ ଆସିଛି। ଯେତେବେଳେ ପୁଅ, ବୋହୂଙ୍କ ନିର୍ଯାତନାରେ ଅତିଷ୍ଠହୋଇ ବୃଦ୍ଧ ବାପା ମାଆ ଥାନାରେ ପହଂଚିଥିଲେ। ବାଲେଶ୍ୱର ଜିଲ୍ଲା ନିଳଗିରି ଅନ୍ତର୍ଗତ ସାନଅତ ଗ୍ରାମର ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ପଦ୍ମାବତୀ ପଣ୍ଡା ଉଭୟ ନିଜ ଘରେ ରହିଆସୁଥିଲେ। ସେମାନଙ୍କ ସମସ୍ତ ଭଲମନ୍ଦ ତାଙ୍କ ଝିଅ ବୁଝନ୍ତି। ହେଲେ ପୁଅ ପ୍ରମୋଦ ପଣ୍ଡା ଓ ବୋହୂ ମୀନତି ପଣ୍ଡା ବାରମ୍ବାର ସେମାନଙ୍କ ହଇରାଣ ହରକତ କରୁଥିଲେ। ଏମିତି କି ଉଭୟଙ୍କୁ ଜୀବନରୁ ମାରିଦେବାକୁ ଧମକ ମଧ ଦିଅନ୍ତି। ଝିଅ ବାଲେଶ୍ୱରରେ ଚାକିରି କରୁଥିବାରୁ ବାପା ମାଆଙ୍କ ପ୍ରତି ଏପରି ନକରିବାକୁ ସେ ଭାଇ କରୁଥିଲେ। ଏମିତି କି ଉଭୟଙ୍କୁ ଜୀବନରୁ




ମାରିଦେବାକୁ ଧମକ ମଧ ଦିଅନ୍ତି। ଝିଅ ବାଲେଶ୍ୱରରେ ଚାକିରି କରୁଥିବାରୁ ବାପା ମାଆ ଙ୍କ ପ୍ରତି ଏପରି ନକଲିବାକୁ ସେ ଭାଇ ଭାଉଜଙ୍କୁ ଅନେକ ଥର ବୁଝାଇଛନ୍ତି। ଏପରିକି ଭାଇ ଭାଉଜଙ୍କ ପାଇଁ ସେ ଏକ ପକ୍କା ଘର ମଧ ତିଆରି କରିଛନ୍ତ। ଏଥରେ ବି ସେମାନେ ସନ୍ତୁଷ୍ଟ ନ ହୋଇ ବାପାମାଆଙ୍କୁ ମାଡ ମାରୁଥିବା ଅଭିଯୋଗ ହୋଇଛି। ଗତ ମାସ ୨୭ତାରିଖରେ ଏନେଇ ପଦ୍ମାବତୀ ପଣ୍ଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ଉଭୟଙ୍କ ମଧ୍ୟରେ ବୁଝାମଣା କରିବା ସହ ପୁଅ ବୋହୂଙ୍କୁ ତାଗିଦ ମଧ କରିଥିଲେ। ଏହାପରେ ପରେ ବି ପୁଅ ବୋହୂ ସୁଧୁରିନଥିଲେ ସେମାନେ ବାପା ମାଆଙ୍କୁ ଘରେ ତାଲାପକାଇ ନଜର ବନ୍ଦୀ କରି ରଖିଥିଲେ। ଆଉ ଏଥରେ ଅତିଷ୍ଠ ହୋଇ ବାପା ମାଆ ସିଡି ପକାଇ ପାଚେରୀ ଡେଇଁ ଥାନାରେ ପହଂଚିଥିଲେ। ଆଉ ପୋଲିସ ପାଖରେ ଏନେଇ ଅଭିଯୋଗ କରିଥିଲେ। ସେପଟେ ବାପା ମାଆ ସେମାନଙ୍କୁ ଘରେ ପୂରାଉନଥିବା ଅଭିଯୋଗ କରି ପୁଅ ଘର ବାହାରେ ଧାରଣାର ବସିଛନ୍ତି ତେବେ ଏନେଇ ପୋଲିସ ତଦନ୍ତ ଜାରି ରଖିଥିବା କହିଛି ତେବେ ତଦନ୍ତ ପରେ ହିଁ ଜଣାପଡିବ କିଏ ସତ ଆଉ କିଏ ମିଛ କହୁଛି।

# ସମ୍ଭୋଗ ସମୟରେ ବ୍ୟକ୍ତିଙ୍କୁ ଛୁରାମାଡ କଲେ ଯୁବତୀ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଆମୋରିକାର ଲସ୍ ଭେଗାସରେ ବସବାସ କରୁଥିବା ଜଣେ ଯୁବତୀ ତାଙ୍କ ସାଥୀଙ୍କୁ ସମ୍ଭୋଗ ସମୟରେ ଛୁରାମାଡ କରିଥିବା ଘଟଣା ସାମ୍ନାକୁ ଆସିଛି। ଏଭଳି କାଣ୍ଡ ଘଟାଇଥିବା ଯୁବତୀଙ୍କ ନାମ ନିକା ନିକୋବିନ ବୋଲି ଜଣା ପଡିଛି ନିକାଙ୍କ ବିରୋଧରେ ହତ୍ୟା ଉଦ୍ୟମ ସହିତ ଅନ୍ୟ ମାମଲା ମଧ ରୁଜୁ ହୋଇଛି।

ଏହି ଘଟଣାର ପୁଲିସ ତଦନ୍ତ ଜାରି ରଖିଛି। ମିଡିଆ ରିପୋର୍ଟ ଅନୁସାରେ, ବ୍ୟକ୍ତିଜଣଙ୍କ ନିକାଙ୍କୁ ଏକ ଡେଟିଂ ୱେବସାଇଟ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ। ଏହାପରେ ନିକା ଓ ଉକ୍ତ ବ୍ୟକ୍ତିଙ୍କ ମଧ୍ୟରେ ବନ୍ଧୁତା ହୋଇଥିଲା କିଛିଦିନର ଏହି ବନ୍ଧୁତା ପରେ ନିକା ଉକ୍ତ ଯୁବକଙ୍କୁ ଏକ ହୋଟେଲକୁ ଡାକିଥିଲେ। ଯୁବତୀଙ୍କ କଥା ଅନୁସାରେ ବ୍ୟକ୍ତି ଜଣକ ହୋଟେଲରେ ପହଂଚିଥିଲେ। ହୋଟେଲରେ ପହଂଚିବା ପରେ ନିକା ରୁମରେ ଲାଇଟ ବନ୍ଦ କରିବା ପରେ ବ୍ୟକ୍ତିଙ୍କ ଆଖିରେ ପଟି ବାନ୍ଧି ଦେଇଥିଲେ। କିଛି ମିନିଟ୍ ସେ ଉକ୍ତ ବ୍ୟକ୍ତିଙ୍କ ସହିତ ଅନ୍ତରଙ୍ଗ ମୁହର୍ତ୍ତ ବିତାଇଥିଲେ। ଏହାପରେ ହଠାତ ସେ ତାଙ୍କ ସାଥୀଙ୍କ ବେକକୁ ଛୁରୀରେ ଆକ୍ରମଣ କରିଦେଇଥିଲେ। ଯନ୍ତ୍ରଣା ହେବାରୁ ବ୍ୟକ୍ତିଜଣଙ୍କ ନିକାଙ୍କୁ ଜୀବନ ବିକଳରେ ଧକ୍କା ଦେଇ ସେଠାରୁ କୌଶଳ କ୍ରମେ ଚାଲ ଆସି ୯୧୧ନମ୍ବର ଡାଏଲ୍ କରି ପୁଲିସକୁ କଲ୍ କରିଥିଲେ। ନିକା ଏକ ମୋଟିଭେସନାଲ ଗୀତ ଦେଖିଥିଲେ। ଏହାପରେ ସେ ଏପରି ପଦକ୍ଷେପ ନେଇଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ।




# ଏକୁଟିଆ ଦେଖି ଯୁବତୀଙ୍କ ଘରେ ପଶିଗଲେ ୪ଯୁବକ, ତା ପରେ...

**ଆନନ୍ଦପୁର(ସଂପର୍କବାର୍ତ୍ତା):-** ଘରେ କେହି ନଥିବାର ସୁଯୋଗ ନେଇ ୪ଯୁବକ ଘରେ ପଶି ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ହୋଇଛି। ଏପରି ଅଭିଯୋଗ କେନ୍ଦୁଝର ଜିଲ୍ଲାରୁ ଆସିଛି। ପୀଡିତାଙ୍କ ଚିତ୍କାର ଶୁଣି ଗାଁର ମହିଳାମାନେ ଜଣେ ଅଭିଯୁକ୍ତଙ୍କୁ କାବୁ କରି ପୁଲିସ୍ ଜିମାରେ ଦେଇଛନ୍ତି। ସେପାଖରେ ମହିଳାମାନେ ପୁଲିସ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆଣିଛନ୍ତି। ଆଜି ଘସିପୁରା ଥାନା ଅଂଚଳର ଜଣେ ଯୁବତୀ ତାଙ୍କ ଘରେ ଏକା ଥିଲେ। କେହି ନଥିବାର ସୁଯୋଗ ନେଇ ସନ୍ଧ୍ୟା ବେଳେ ୪ଜଣ ଘରେ ପଶି ଯୁବତୀଙ୍କୁ ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି ତେବେ ପୀଡିତା ଚିକାର କରିବାର ତାଙ୍କ ଛାତିରେ ଶାବକ ପକାଇ




ମାରିଦେବାକୁ ଉଦ୍ୟମ କରୁଥିଲେ ଅଭିଯୁକ୍ତ। ଗାଁର ମହିଳାମାନେ ଚିତ୍କରା ଶୁଣି ସେଠାକୁ ଧାଇଁ ଆସିଥିଲେ ମିହାଳଙ୍କୁ ଦେଖି ୪ଅଭିଯୁକ୍ତ ସେଠାରେ ଚମ୍ପଟ ମାରିବାକୁ ଚେଷ୍ଟା କରିଥିଲେ। ହେଲେ ମହିଳାମାନେ ସେମାନଙ୍କୁ ପିଛା କରି ଜଣକୁ ଧରି ପକାଇଥିଲେ। ଅନ୍ୟ ୩ଅଭିଯୁକ୍ତ ଫେରାଇ ହେବାରେ ସକ୍ଷମ ହୋଇଥିଲେ। ମହିଳାମାନେ ବାକୁ କରିଥିବା ଯୁବକଙ୍କୁ ପୁଲିସ୍ ଜିମାରେ ଦେବା ପାଇଁ ଘସିପୁରା ଥାନାକୁ ଫୋନ୍ କରିଥିଲେ। ମାତ୍ର ପୁଲିସ ଗାଁକୁ ଯିବା ପରିବର୍ତ୍ତେ ଅଭିଯୁକ୍ତଙ୍କୁ ଧରି ଥାନାକୁ ଆସି ବୋଲି କହିଥିଲେ। ଏହା ପରେ ମହିଳାମାନେ ଅଭିଯୁକ୍ତ ଧରି ଥାନାକୁ ଆସିଥିଲେ। ଏବେ ଅଭିଯୁକ୍ତ ପୁଲିସ୍ ଜମାରେ ରହିଛି।

# ନୂଆ ସରପଞ୍ଚଙ୍କ ଦାଦାଗିରି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ନିର୍ବାଚିତ ହେବାକୁ ଦିନ କେଇଟା ବିତିନ ମାତ୍ର ଦାଦାଗିରି ଦେଖାଇବାର କୌଣସି ସୁଯୋଗ ଛାଡୁନାହାନ୍ତି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ବାସୁଦେବପୁର ଅଂଚଳରେ ବିଦେଇପୁର ଗ୍ରାମରେ ସରପଂଚ ଜଣଙ୍କ ଡିଲରଙ୍କ ପାଖରେ ପିଡିଏସ୍ ବଣ୍ଟନ କରୁଥିବା ଯୁବକଙ୍କୁ ମାରିବା ସହିତ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଚାଉଳ ବଣ୍ଟନ ବେଳେ ସରପଂଚଙ୍କ ଦାଦାଗିରି ଯାହା ଏବେ ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗିଛି। ଏଭଳି ଘଟଣା ବାସୁଦେବପୁର ବ୍ଲକ ବିଦେଇପୁର ହାଟ ପଟି ଠାରେ ତେବେ ଗତକାଲି ବିନୋବାଭାବେ ନଗର ପଂଚୟତର ହିତାଧିକାରୀଙ୍କୁ ବିଦେଇପୁର ହାଟ ପଟି ଠାରେ ଡିଲର ଚାଉଳ ବଣ୍ଟନ କରୁଥିବାବେଳେ ବିନୋବା ଭାବେ ନଗର ପଂଚାୟତର ନବ ନିର୍ବାଚିତ ସରପଂଚ ଏହାକୁ ବିରୋଧ କରିଥିଲେ। ବିନୋବା ଭାବେ ନଗର ପଂଚାୟତର ଚାଉଳ କାହିଁକି ବିଦେଇପୁର ପଂଚୟତରେ ଦିଆଯାଉଛି ତାହାକୁ ବିରୋଧ କରିବା ସହ ଡିଲରଙ୍କୁ ଅଶାଳୀନ ଭାଷାରେ ଗାଳି ଗୁଲଜ କରି ଡିଲଇଙ୍କ ଭାଇଙ୍କୁ ମାଡ ମାରିଥିବା ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରଲ ହେବାରେ ଲାଗିଛି। ତେବେ ଘଟଣା ପରେ ଡିଲର ନିକଟସ୍ଥ ଥାନାରେ ଅଭିଯୋଗ କରିଛନ୍ତି। ଏହା ସହିତ ଡିଲର ସଂଘ ଆଜି ବ୍ଲକ ବ ବିଡିଓଙ୍କ ସହିତ ଯୋଗାଣ ଅଧକାରୀଙ୍କୁ ଭେଟିଛନ୍ତି।

# ଦୁଷ୍କର୍ମ ଅଭିଯୁକ୍ତଙ୍କୁ ଏନକାଉଣ୍ଟରେ ସଫା, ଭଲ ହୋଇଛି

**ଗୌହାଟୀ(ସଂପର୍କବାର୍ତ୍ତା):-** ପୋଲିସ ଏନକାଉଣ୍ଟରରେ ଗଣଦୁଷ୍କର୍ମ ମାମଲାରେ ମୁଖ୍ୟ ଅଭିଯୁକ୍ତ ମୃତ। ସାଙ୍ଗମାନଙ୍କ ସହ ମିଶି ଜଣେ ଦୁଷ୍କର୍ମ କରିବା ସହ ସୋସିଆଲ ଭିଡିଓ ଅପଲୋଡ କରିଥିଲେ ସମ୍ପୃକ୍ତ ଅଭିଯୁକ୍ତ। ମୃତକ ଆସାମ ଗୌହାଟୀ ଅନ୍ତର୍ଗତ ଗରିଗାଓଁ ଗଣଦୁଷ୍କର୍ମ ମାମଲାରେ ମୁଖ୍ୟ ଅଭିଯୁକ୍ତ ଥିଲା। ତାର ନାମ ବିକି ଅଲ୍ଲୀ ବିକି ଏବଂ ତାର ୪ଜଣ ସାଙ୍ଗ ମିଶି ଗୋଟିଏ ହୋଟେଲ ରୁମରେ ଜଣେ ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ ଏବଂ ଏହି ସମୟରେ ଭିଡିଓ ଉତ୍ତୋଳନ କରି ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲେ। ପୀଡିତା ନାବାଳିକା ଏନେଇ ସ୍ଥାନୀୟ ମହିଳା ଥାନାରେ ଅଭିଯୋଗ କରିଥିଲେ। ପୋକ୍ସୋ ଏବଂ ଆଇଟି ଆକ୍ଟ ଅଧିନରେ ମାମଲାରେ ରୁଜୁକରି ପୋଲିସ ଅଭିଯୁକ୍ତଙ୍କୁ ଖୋଜାଖାଜି କରିଥିଲେ। ମାତ୍ର



ଏହି ଘଟଣା ପରେ ସମସ୍ତ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଏହାପରେ ସୋମବାର ସେମାନଙ୍କ ପରିବାରର ୭ଜଣ ସଦସ୍ୟଙ୍କୁ ଗିରଫ କରିଥିଲେ। ପୋଲିସ ଏବଂ ପଚରାଉଚରା ସମୟରେ ମୁଖ୍ୟ ଅଭିଯୁକ୍ତ ବିକି କାମରୁପ ଜିଲ୍ଲାର ଦାମପୁର ପାହାଡି ଅଂଚଳରେ ଲୁଚିଥିବା ନେଇ ସୂଚନା ପାଇଥିଲେ। ପୋଲିସ ବିକି ନିକଟରେ ପହଚିବା ପରେ ସେ ଆତ୍ମସସପର୍ଣ କରିଥିଲେ। ସୂଚନା ଅନୁଯାୟୀ, ମୁଖ୍ୟ ଅଭିଯୁକ୍ତ ବିକି ଗିରଫ ପରେ ପୋଲିସ ହେପାଜତରେ ଥିଲା ହେଲେ ସେ ମଙ୍ଗଳବାର ବିଳମ୍ବିତ ରାତିରେ ଖସିଯିବାକୁ ଉଦ୍ୟମ କରୁଥିଲା ପୋଲିସ ତାଙ୍କୁ ଅଟକିବାକୁ କହିବା ସତ୍ତ୍ୱେ ସେ ନ ମାନିବାରୁ ବାଧ ହୋଇ ପୋଲିସ ୪ରାଉଣ୍ଡ ଗୁଳି ଚାଳଇଥିଲା ଏଥିରେ ଅଭିଯୁକ୍ତର ମୃତ୍ୟୁ ଘଟିଛି ମାମଲା ଅନ୍ୟ ୪ଅଭିଯୁକ୍ତଙ୍କ ଏ ଯାଏଁ କୌଣସି ପତ୍ତା ନ ମିଳି ଥିବା ବେଳେ ଖୋଜାଖୋଜି ଜାରି ରହିଛି।

# ୧୩ ରୁ ୧୫ ବର୍ଷ ମଧ୍ୟରେ ମଦ୍ୟପାନ ଆରମ୍ଭ କରୁଛନ୍ତି

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାରତରେ ଅଧିକ ସଂଖ୍ୟକ ଲୋକେ ମଦ୍ୟପାନ କରିବାକୁ ପସନ୍ଦ କରନ୍ତି। ଏଠାରେ ଲୋକମାନେ କମ୍ ବୟସରେ ମଦ ପିଇବା ଆରମ୍ଭ କରିଦିଅନ୍ତି। ୪୩ପ୍ରତିଶତରୁ ଅଧିକ ଲୋକ ସପ୍ତାହରେ ୨ରୁ ୪ଥର ମଦ ପିଇଥାନ୍ତି। ଏହାର ଖୁଲାସ ଏକ ସର୍ଭେରୁ ସାମ୍ନାକୁ ଆସିଛି। ତେବେ ଦିଲ୍ଲୀରେ ମଦ ପିଇବାର ଆଇନଗତ ବୟସ ହେଉଛି ୨୫ବର୍ଷ।

ସେଠାରେ ମଦ ପିଇବାକୁ ନେଇ ଏକ ସର୍ଭେ କରାଯାଇଥିଲା ପକ୍ଷରୁ କରାଯାଇଥିଲା ୨୦ନଭେମ୍ବରରୁ ୩୧ଡିସେମ୍ବର ୨୦୨୧ପର୍ଯ୍ୟନ୍ତ କରାଯାଇଥିବା ସର୍ଭରେ ୫୦ପ୍ରମୁଖ ଦୋକାନ ବାର ଓ ରେଷ୍ଟରାଣ୍ଟ ପ୍ରାୟ୧୦,୦୦୦ଲୋକଙ୍କ ସହ କଥାବାର୍ତ୍ତା କରାଟାଇଥିଲା ସେମାନଙ୍କ ମଧ୍ୟରେ ୫,୯୭୬ପୁରୁଷ ଓ ୪,୦୨୪ମହିଳା ସାମିଲ ଥିଲେ, ଯେଉଁମାନେ ବୟସ ୨୫ବର୍ଷ ବସୟରୁ କମ୍। ସର୍ଭେରେ ୮୯ପ୍ରତିଶତରୁ ଅଧିକ ଲୋକ କହିଛନ୍ତି ଯେ, ସେମାନେ ୨୧ବର୍ଷ ବୟସ ମଦ୍ୟପାନ କରିବା ଆରମ୍ଭ କରିଥିଲେ। ସର୍ଭ ଅନୁସାରେ ପ୍ରାୟ ୪୪.୫ପ୍ରତିଶତ ଲୋକ ସ୍ୱୀକାର କରିଛନ୍ତି ଯେ ସେମାନେ ମଦ୍ୟପାନ କରିବା ପରେ ବେପରୁଆ ଭାବରେ ଗାଡି ଚଳାନ୍ତି ତୀବ୍ର ଗାଡି ଚଳାଇବା ଓ ବାଇକ୍ ଷ୍ଟଣ୍ଟ ମଧ କରନ୍ତି। ସେମାନେ ଏହା ମଧ ସ୍ୱୀକାର କରିଛନ୍ତି ଯେ ମଦ ପିଇବା ପରେ କାରରେ ସିଟ୍ ବେଲ୍ଟ ପିନ୍ଧିବା ବାଇକରେ ହେଲମେଟ ପିନ୍ଧିବା ଭଳି ସୁରକ୍ଷା ନିୟମ ପାଳନ କରନ୍ତି ନାହିଁ ସର୍ଭେ କରାଯାଇଥିବା ଲୋକଙ୍କ ମଧ୍ୟରୁ ୩୫.୮ପ୍ରତିଶତ ସ୍ୱୀକାର କରିଛନ୍ତି ଯେ ସେମାନେ ମଦ୍ୟପାନ କରିବା ପରେ ଝଗଡା କରନ୍ତି। ୧୯.୭ପ୍ରତିଶତ ଲୋକ କହିଛନ୍ତି ଯେ ମଦ୍ୟପାନ କରିବା ପରେ ସେମାନେ ଅନ୍ୟ ଜେଣ୍ଡରେ ଲୋକଙ୍କ ସହ ଆକ୍ରମଣକ ବ୍ୟବହାର କରନ୍ତି। ସର୍ଭରେ ଏହା କୁହାଯାଇଛି ଯେ, ୧୭ପ୍ରତିଶତ ଲୋକ ୧୩-୧୫ବର୍ଷ ବୟସରେ ପ୍ରଥମ ଥର ପାଇଁ ମଦ୍ୟପାନ କରିଥିଲେ। ୩୭.୧ପ୍ରତିଶତ ଲୋକ ୧୬-୧୮ବର୍ଷ ବୟସରେ ମଦ୍ୟପାନ କରିଥିଲେ। ଚିନ୍ତାର ବିଷୟ ଯେ ପ୍ରାୟ ୮୯.୪ପ୍ରତିଶତ ଲୋକ ୨୧ବର୍ଷ ବୟସ ମଦ୍ୟପାନ କରିଥିଲେ ବୋଲି ସର୍ଭରେ କୁହାଯାଇଛି।



# ପୁରୁଷ ୨ଟି ବାହାହେବା ବାଧ୍ୟତାମୂଳକ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦୁନିଆରେ ଅନେକ ଅଦ୍ଭୁତ ପ୍ରଥା ଅଛି ଆଜି ବି ପାଳନ ହେଉଥିବା ଦେଖିବାକୁ ମିଳେ। ଭାରତରେ ମଧ ଏହି ପରି ଅନେକ ପରମ୍ପରା ରିହିଛି ଯାହା ବିଷୟରେ ଆପଣ ଜାଣି ଆଶ୍ଚର୍ଯ୍ୟ ଦେବେ ଦୁନିଆର ଅଧିକାଂଶ ଦେଶରେ ଜଣେ ପୁରୁଷ କେବଳ ଗୋଟିଏ ପତ୍ନୀ ସ୍ୱୀକାର କରିବାର ଅଧିକାର ଅଛି। ଜଣେ ଭାରତୀୟ ଯଦି ବିବାହିତ ହୋଇଥିଲେ ତେବେ ସେ ଛାଡପତ୍ର ବିନା ପୁନାର୍ବାର ବିବାହ କରିପାରିବେ ନାହିଁ ଏଠି ଛାଡପତ୍ର ବିନା ଦ୍ୱିତୀୟ ବିବାହ ବେଆଇନ ବୋଲି ଧରାଯାଏ। କିନ୍ତୁ ଏହି ଭାରତରେ ଏମିତି ଏକ ଗାଁ ଅଛି ଯେଉଁଠାରେ ଦୁଇଟି ବିବାହ କରିବା ବାଧ୍ୟତାମୂଳକ। ଏହି ଗାଁ ରାଜସ୍ଥାନରେ ହିଁ ରହିଛି। ଏଠାରେ ରହୁଥିବା ପ୍ରତ୍ୟେକ ବ୍ୟକ୍ତି ଦୁଇଟି ବିବାହ କରନ୍ତି। ଏହି ଗାଁରେ, ଦୁଇଟି ବିବାହ କରିବା ପାଇଁ ଲୋକଙ୍କ ବିରୁଦ୍ଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ନାହିଁ କିମ୍ବା ବ୍ୟକ୍ତିଙ୍କ ଉଭୟ ପତ୍ନୀ ମଧ ନିଜ ନିଜ ଅଧିକାରକୁ ନେଇ ଝଗଡା ମଧ କରନ୍ତି ନାହିଁ। ପୁରୁଷଙ୍କ ଉଭୟ ପତ୍ନୀ ଗୋଟିଏ ଘରେ ଦୁଇ ଭଉଣୀ ରୁହନ୍ତି। ତେବେ ଏହା ପଛରେ କଣ ରହିଛି କାରଣ ଆସନ୍ତି ଜାଣିବ। ଏହି ଅନନ୍ୟ ଗାଁ ରାଜସ୍ଥାନର ଜୈସଲ୍




ମେରରେ ରହିଛି, ଯାହାର ନାମ ରାମଦେଓ। ଏହି ଗାଁରେ ରହୁଥିବା ଜଣେ ବ୍ୟକ୍ତି ଦୁଇଟି ବିବାହ କାରଣ ଏହା ପଛରେ ଏକ ପୁରୁଣା ପରମ୍ପରା ଅଛି କୁହାଯାଏ ଯେ ଏହି ଗାଁରେ ଥରେ ବିବାହ କରୁଥିବା ପୁରୁଷଙ୍କ ପତ୍ନୀ ଗର୍ଭବତୀ ହୁଅନ୍ତି ନାହିଁ। ପ୍ରଥମ ପତ୍ନୀ ପୁରୁଷମାନେ ସେମାନଙ୍କର ବଂଶ ବୃଦ୍ଧି ପାଇଁ ପୁନାର୍ବାର ବିବାହ କରିବା ଏଠାରେ ବାଧ୍ୟତାମୂଳକ ହୋଇଯାଇଛି। ଏହି ପ୍ରଥା ବିଷୟରେ ସମସ୍ତେ ଜାଣନ୍ତି, ସେଥିପାଇଁ ପ୍ରଥମ ପତ୍ନୀଙ୍କ ତାଙ୍କ ସ୍ୱାମୀଙ୍କ ବିବାହକୁ ୨ୟ ବିରୋଧ କରନ୍ତି ନାହିଁ ବର୍ତ୍ତମାନ ନୂଆ ପିଢିର ଯୁବକମାନେ ଏହି ପରମ୍ପରାକୁ ପସନ୍ଦ କରନ୍ତି ନାହିଁ। ଦୁଇଜଣଙ୍କୁ ବିବାହ କରିବା ବେଆଇନ ଅଟେ। ସେମାନେ କୁହନ୍ତି ଯେ ପୁରୁଷମାନେ ପୁନର୍ବାର ବିବାହ କରିବା ପାଇଁ ଏହା ଏକ ବାହାନା କିନ୍ତୁ ଏହି ଗାଁ ଏହି ଗାଁ ଏହାର ଏହି ସ୍ୱତନ୍ତ୍ର ପରମ୍ପରା ପାଇଁ ପ୍ରସିଦ୍ଧ ଗାଁର ରୀତିନୀତି ବିଷୟରେ ପ୍ରଶାସନ ମଧ ଜାଣିଛି କିନ୍ତୁ କୌଣସି ବ୍ୟକ୍ତିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ନାହିଁ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮



| ADVERTISEMENT TARIFF | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |



Vol.5 Issue-41 March 21 to 27, 2022, Jagatsinghpur Page-8 Rs. 5/- ବର୍ଷ- ୫ ସଂଖ୍ୟା-୪୧ ମାର୍ଚ୍ଚ ୨୧ ରୁ ୨୭, ୨୦୨୨, ଜଗତସିଂହପୁର, ପୃଷ୍ଠା-୮ ମୂଲ୍ୟ-୫ଟଙ୍କା


# ସିଏମ୍‌ସି ନିର୍ବାଚନ ଲାଗି ରାଜନୈତିକ ପାଣିପାଗ ବଦଳୁଛି

## ସବୁ ଦଳରୁ କଂଗ୍ରେସକୁ ଡ଼ିଆଁ ମାରୁଛନ୍ତି !

**କଟକ(ତପନ ମହାନ୍ତି):-** ଏବେ ସି.ଏମ.ସି. ନିର୍ବାଚନ ଲାଗି କଟକ ସହରରେ ରାଜନୈତିକ ପାଣିପାଗ ବଦଳିବାରେ ଲାଗିଛି । ବିଶେଷ କରି ସିଏମସି ନିର୍ବାଚନର ପ୍ରଭାବ ବାରବାଟୀ-କଟକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଅଧିକ ମାତ୍ରାରେ ଦେଖିବାକୁ ମିଳୁଛି । ୨୦୧୯ ସାଧାରଣ ନିର୍ବାଚନ ମଣ୍ଡଳୀରୁ ଶାସକ ବିଜେଡ଼ିର ପରାଜୟ ଏବଂ ଉକ୍ତ ନିର୍ବାଚନ ବିଧାୟକ ମହମ୍ମଦ ମୋକିମଙ୍କ ସପକ୍ଷରେ ଯିବା ପରେ ଏଠାରେ ଶାସକ ବିଜେଡ଼ିରୁ ଏକ ଶକ୍ତ ଝଟକା ଲାଗିଥିଲା । ଏହାପରେ ସହରରେ ପ୍ରକଟ ହୋଇଥିବା ବିଭିନ୍ନ ସମସ୍ୟା ଏବଂ ଏମ୍.ସି.ପ୍ଲସ ହସିପିଟାଲ, ବିଶ୍ୱସ୍ତରୀୟ ବସଟର୍ମିନାଲ ଭଳି ବିକାଶ ମୂଳକ କାର୍ଯ୍ୟକୁ ନେଇ ଏବେ ଉଭୟ ଶାସକ ବିଜେଡ଼ି ଏବଂ କଂଗ୍ରେସ ମଧ୍ୟରେ ଟଣା ଓଟରା ଆରମ୍ଭ ହୋଇଛି ।

ସିଏମସି ନିର୍ବାଚନକୁ ନେଇ ଗୋଟି ପଟେ ସହରର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟପାଇଁ ଶାସକ ବିଡ଼େି ନିଜର ପତିଆରା ଜାହିର କରି କଂଗ୍ରେସକୁ ଖୋଲା ଚ୍ୟାଲେଞ୍ଜ କରିଥିବାବେଳେ ଅନ୍ୟପଟେ ସହରରେ ସୁପ୍ତ ଅବସ୍ଥାରେ ଥିବା ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ କଂଗ୍ରେସ ଭୟରେ ହେଉଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି ।

ଗୁରୁବାର ସନ୍ଧ୍ୟାରେ ପ୍ରାକ୍ତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ଆବାସିକ କାର୍ଯ୍ୟାଳୟରେ ସିଏମ୍‌ସି ନିର୍ବାଚନକୁ ନେଇ ଏକ ପ୍ରସ୍ତୁତି ବୈଠକରେ ଶ୍ରୀ ସାମନ୍ତରାୟ ରଣମାଧ୍ୟମକୁ ଦେଇଥିବା ନିଜ ପ୍ରତିକ୍ରିୟାରେ ସିଧାସଳଖ କଂଗ୍ରେସ ବିଧାୟକ ମୋକିମଙ୍କ ଟାର୍ଗେଟ କରି କହିଛନ୍ତି ଯେ, ବାରବାଟୀ-କଟକ ଆସନ କଂଗ୍ରେସ ହାତକୁ ଯାଇଛି । ଏହାସତ୍ତ୍ୱେ ବିଜେଡ଼ି ସରକାର କଟକରେ ବିକାଶର ଧାରା ଜାରି ରଖିଛନ୍ତି । ବିଜେଡ଼ି ବ୍ୟତୀତ



କୌଣସି ରାଜନୈତିକ ଦଳ କଟକ ପାଇଁ କେବେ ହେଲେ ଚିନ୍ତା କରି ନାହାନ୍ତି । କଟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିଜ ଜନ୍ମ ମାଟି ହୋଇଥିବାରୁ ତାଙ୍କ ନିର୍ଦ୍ଦେଶରେ ସହରରେ ବିକାଶମୂଳକ କାର୍ଯ୍ୟ ଚାଲିଛି । ଏଣୁ ଆଗାମୀ ପୌର ନିର୍ବାଚନ ସମ୍ପୂର୍ଣ୍ଣ ରୂପେ ବିଜେଡ଼ି ସପକ୍ଷରେ ହେବ ଏବଂ ମେୟର ପ୍ରାର୍ଥୀ ସୁବାସ ସିଂହଙ୍କ ବିଜୟ ସହ ବାରବାଟୀ ନିର୍ବାଚନ ମଣ୍ଡଳୀର ୩୨ଟି ୱାର୍ଡ଼ରେ ବିଜେଡ଼ି ବିଜୟୀ ହେବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

ଅନ୍ୟପଟେ ବାରବାଟୀ-କଟକ ବିଧାୟକଙ୍କ ଇଂ ମହମ୍ମଦ ମୋକିମ ଦେବାଶିଷଙ୍କ କଥାକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି । ମହମ୍ମଦ ମୋକିମ କହିଛନ୍ତି ଯେ, ଯଦି ସହରବାସୀଙ୍କ ପାଇଁ ବିଜେଡ଼ିର ଏତେ ଚିନ୍ତା ଥିଲା ତେବେ ଏସବୁ ବିକାଶମୂଳକ କାର୍ଯ୍ୟକୁ ସମ୍ପୃକ୍ତ ନିର୍ବାଚନ ମଣ୍ଡଳର ଶାସନ କାଳ ସମୟରେ କାହିଁକି ସମ୍ପୂର୍ଣ୍ଣ କରାଗଲା ନାହିଁ । ଏହାର ଉତ୍ତର ସହରବାସୀ ସାଧାରଣ ନିର୍ବାଚନରେ ଦେଇ ସାରିଛନ୍ତି । ଚଳିତ ସିଏମ୍‌ସି ନିର୍ବାଚନରେ ମଧ୍ୟ ପୁଣି ଥରେ କଂଗ୍ରେସ ତାର ଦକ୍ଷତା ପ୍ରଦର୍ଶନ କରିବ । ସହରରେ ଯାହା ସବୁ ବିକାଶମୂଳକ କାର୍ଯ୍ୟକୁ ସୁପ୍ତ କରି ଦିଆଯାଇଥିଲା ତାହା ବିଭଗ ତିନି ବର୍ଷ ମଧ୍ୟରେ ସହରରେ ବାସ୍ତବ ରୂପ ନେଇଛି । ଆଉ ଏସବୁ କାର୍ଯ୍ୟ କେବଳ କଂଗ୍ରେସ ଭୟରେ ବାସ୍ତବ ରୂପ ନେଇଛି । ଏମ୍‌ସ୍ ହସ୍ପିଟାଲ ଜାଇକା ବକ୍ସଡ୍ରେନ ନିର୍ମାଣ ବିଶ୍ୱସ୍ତରୀୟ ବସ ଟର୍ମିନାଲ ଆଦି ସମସ୍ତ କାର୍ଯ୍ୟ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀରେ ଶାସନ ଭାର ଶାସକ ବିଜେଡ଼ି ହାତରେ ଥିଲେ ମଧ୍ୟ ବିଡ଼ାନାସ ଅଞ୍ଚଳର ଡ୍ରେନେଜ ଫାଇଲ ତଳେ ଚାପି ହୋଇ ରହିଥିଲା । ଯାହାକୁ କଂଗ୍ରେସ ନିଜ ଶାସନ କାଳରେ ତ୍ୱରାନ୍ୱିତ କରିଛି । ସହରର ବିଭିନ୍ନ କଲଭର୍ଟ କାର୍ଯ୍ୟ ମଧ୍ୟ କଂଗ୍ରେସ ପାଇଁ ହୋଇଛି । ସହରର ପ୍ରମୁଖ ଚିକିତ୍ସାଳ ସିଟି ହସ୍ପିଟାଲର ଉନ୍ନତିକରଣ ମଧ୍ୟ କଂଗ୍ରେସ ଯୋଗୁଁ ହୋଇଛି । ଏଠି ସହରବାସୀଙ୍କ ସ୍ୱାର୍ଥରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଯୋଜନା କେବଳ ପ୍ରସ୍ତୁତ ହୋଇଥିଲା । ମାତ୍ର ଶାସକ ଦଳ ବିଧାୟକ, ସାଂସଦଙ୍କ ଅବହେଳାରୁ ଏହାକୁ କାର୍ଯ୍ୟରେ ପରିଣତ କରାଯାଇ ନ ଥିଲା । ବିଧାନସଭାରେ କଂଗ୍ରେସ ପକ୍ଷରୁ ବାରମ୍ବାର ସ୍ୱର ଉତ୍ତୋଳନ କରାଯାଇଥିଲା । ବାରବାଟୀ-କଟକ ଆସନରେ କଂଗ୍ରେସ ବିଜୟ ପରେ ଏବଂ କଂଗ୍ରେସ ଭୟରେ ସହରରେ ବିକାଶମୂଳକ କାର୍ଯ୍ୟକୁ ବାସ୍ତବ ରୂପ ଦିଆଯାଇଛି । ଆଗାମୀ ନିର୍ବାଚନରେ ସହରବାସୀ ଏଡାର ଉତ୍ତର ରଖିବେ ?

# ଓଡିଶାରେ ସୁନା ଖଣି

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** କେନ୍ଦୁଝର ଜିଲ୍ଲାରେ ଗୋଟିଏ ସୁନା ଖଣି ଚିହ୍ନଟ ହୋଇଛି । ଓଡିଶାରେ ୨୨୦ଟି ଖଣି, ଖନନ ପାଇଁ ଚିହ୍ନଟ ହୋଇଛି । ପର୍ଯ୍ୟାୟ କ୍ରମେ ଆସନ୍ତା ୭ରୁ ୮ବର୍ଷ ମଧ୍ୟରେ ଏସବୁ ଖଣି ନିଲାମ କରାଯିବ । ଏଥିରୁ ନୂଆ ଖଣି ପ୍ରାୟ ୮୦ଟି ଥିବା ବେଳେ ୧୨୦ଟି ଖଣି ବାତିଲ ହେବା ସହ ଅନ୍ୟ କାରଣରୁ ବନ୍ଦ ହୋଇ ପଡିଛି । ରାଜ୍ୟସଭା ସାଂସଦ ପ୍ରଶାନ୍ତ ନନ୍ଦଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଖଣିମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏଭଳି ତଥ୍ୟ ରଖିଛନ୍ତି । ୨୨୦ଟି ଖଣି ଏବଂ ରେ ଲୁହାପଥର , ମାଙ୍ଗାନିଜ ଓ ବକ୍ସାଇଟ ରହିଛି । କେନ୍ଦୁଝର ଜିଲ୍ଲାରେ ଗୋଟିଏ ସୁନା ଖଣି ଚିହ୍ନଟ ହୋଇଥିବା ବେଳେ ୮ଟି କୋଇଲା ଖଣି ଏବଂ ୧୭ଟି ଡେକୋରେଟିଭଷ୍ଟୋନ ଖଣି ବି ଚିହ୍ନଟ ହୋଇଛି । ଦ୍ରୁତଗତିରେ ବଢିଛି ରାଜ୍ୟର ଖଣି କାରବାର ୧୫ହଜାର କୋଟିରେ ପହଂଚିଛି ରାଜ୍ୟର ଖଣି ରାଜସ୍ୱ । ୩ବର୍ଷରେ ୩୦ଟି ଖଣିର ନିଲାମୀ ସରିଥିବା ବେଳେ ଖଣି ଉତ୍ତୋଳନ ପାଇଁ ପ୍ରସ୍ତୁତ ହେଉଛି । ଏହାସହ ରାଜ୍ୟ ସରାକାର



ଆଉ ୨୨୦ଟି ଖଣି ଖନନ ପାଇଁ ଚିହ୍ନଟ କରିଛନ୍ତି । ଏଥିରୁ ଲୁହାପଥର, ମାଙ୍ଗାନିଜ, ବକ୍ସାଇଟ ପ୍ରାୟ ୮୦ଟି ଖଣିରେ ଥିବା ବେଳେ ୮ଟି କୋଇଲା ଖଣି ରହିଛି । ସେହିପରି କାର୍ଟଜ ଖଣି ୨୩ଟି ଥିବା ବେଳେ ଡେକୋରେଟିଭଷ୍ଟୋନ ଖଣି ୮ଟି ରହିଛି । ରାଜ୍ୟସଭା ସାଂସଦ ପ୍ରଶାନ୍ତ ନନ୍ଦଙ୍କ ଏକ ପ୍ରଶ୍ନ ଉତ୍ତରରେ ଏଭଳି ତଥ୍ୟ ଦେଇଛନ୍ତି କେନ୍ଦ୍ର ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଚିହ୍ନଟ ହୋଇଥିବା ୧୨୦ଟି ଖଣି ପର୍ଯ୍ୟାୟ କ୍ରମେ ୨ରୁ ୩ବର୍ଷ ମଧ୍ୟରେ ନିଲାମୀ କରାଯିବ । ରାଜ୍ୟ ତଥା ଦେଶରେ ଯେତିକି ଖଣିଜ ଦ୍ରବ୍ୟ ମହଜୁଦ ଅଛି ତାର ମାତ୍ର ୩୦ପ୍ରତିଶତ ଉତ୍ତୋଳନ ହେଉଛି । ରାଜ୍ୟରେ ଚିହ୍ନଟ ହୋଇଥିବା ୬୭୯ଟି ଖଣି ମଧ୍ୟରୁ ଏବେ ୧୩୮ଟି ୱାର୍କିଂ ମାଇନସ୍ ଥିବା ବେଳେ ୧୦୭ଟି କାର୍ଯ୍ୟକ୍ଷମ ନାହିଁ । ୧୯୧ଟି ଖଣି ପ୍ରୋସ୍ପେକ୍ଟିଭ ଲାଇସେନ୍ସରୁ ମାଇନିଂ ଲାଇସେନ୍ସ ନେବାରେ ବିଳମ୍ବ ହୋଇଥିବାରୁ ଏଗୁଡିକ ମଧ୍ୟ ସରକାର ନିଜ ହାତକୁ ନେଇଛନ୍ତି । ୨୦୨୨-୨୩ ଆର୍ଥୀକ ବର୍ଷରେ ଆଉ ୩୦ଟି ଖଣିର ନିଲାମୀ କରିବାକୁ ରହିଛି । ଆସନ୍ତା ୩ବର୍ଷରେ ୧୦୦ଟି ଖଣି ନିଲାମ କରିବାକୁ ଲକ୍ଷ୍ୟ ରଖାଯାଇଛି ।

# ଭୁବନେଶ୍ୱର ବିଜେଡି ନେତାଙ୍କ ଗୋଟିଚାଳନାରେ ୫୨କଣ୍ଟା ହଟିଲା

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ବିଦ୍ରୋହ ଦମନରେ ବଡ ସଫଳତା ମିଳିଛି ଶାସକ ବିଜେଡିକୁ ଅଧିକାଂଶ ପ୍ରମୁଖ ବିଦ୍ରୋହୀ ପ୍ରାର୍ଥୀ ନିର୍ବାଚନ ରଣକ୍ଷେତ୍ର ଛାଡି ଓହରି ଯାଇଛନ୍ତି । ଭୁବନେଶ୍ୱର ମହାନଗର ନିଗମରେ ବିଦ୍ରେହୀ ପ୍ରାର୍ଥୀ ସାଜି ବିଜେଡି ପାଇଁ ଅଡୁଆ ସୃଷ୍ଟି କରିଥିବା ଅଧିକାଂଶ ସାଧୀନ ପ୍ରାର୍ଥୀ ନାମକଂନପତ୍ର ପ୍ରତ୍ୟାହହାର କରି ନେଇଛନ୍ତି । ୫୨ଜଣ ସାଧୀନ ପ୍ରାର୍ଥୀ ପ୍ରାର୍ଥପତ୍ର ପ୍ରତ୍ୟାହାର କରିବା ପରେ ଅଧିକାଂଶ ଓାର୍ଡରେ ବିଜେଡି ପ୍ରାର୍ଥୀଙ୍କ ବାଟରୁ କଣ୍ଟା ହଟିଯାଇଛି ଅନ୍ୟପଟେ ବିଦ୍ରୋହୀ ହଟିବା ପରେ ବିରୋଧୀଙ୍କ ସମସ୍ୟା ବଢିଯାଇଛି । ସାଧୀନ ପ୍ରାର୍ଥୀ ଏତେ ସଂଖ୍ୟାରେ ଓହରିବା ଅନେକ ଚର୍ଚ୍ଚା ଘୁରି ବୁଲୁଛି ରାଜଧାନୀ ରାଜନୈତିକ ଖଟିରେ । ଶୁଣିବାକୁ ମିଳୁଛି କାହାକୁ ଥୋପ ଫିଙ୍ଗିଲେ କାହାକୁ କୋପ ଦେଖାଇଲେ । ଓହରିଯାଅ ତୁମ କଥା ବୁଝାଯିବ । ବଡ ନେତା ପଡିଲେ ଏ ଅପରେସନରେ ଆଗରୁ ୮ଜଣ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିଲେ ।





ଶେଷଦିନରେ ଆହୁରି ୪୪ଜଣ ନାମାଙ୍କନପତ୍ର ଫେରାଇ ଆଣିଲେ । ମୁଖ୍ୟତଃ ମଧ୍ୟ ଭୁବନେଶ୍ୱର ଓ ଉତ୍ତର ନିର୍ବାଚନମଣ୍ଡଳୀରେ କର୍ପୋରେଟରେ ଟିକେଟ ନ ମିଳିବାରୁ ବହୁ ସଂଖ୍ୟାରେ ଅସନ୍ତୁଷ୍ଟ ଦେଖିବାକୁ ମିଳିଛି ବିଜେଡିରେ । ଅନେକ ଅସନ୍ତୁଷ୍ଟ ସାଧୀନ ପ୍ରାର୍ଥୀ ସାଜିଥିଲେ । ୭ନମ୍ବର ଓାର୍ଡରୁ ୪ଜଣ ପ୍ରମଖୁ ସାଧୀନ ପ୍ରାର୍ଥୀ ନାମାଙ୍କନପତ୍ର ପ୍ରତ୍ୟାହାର କରିଛନ୍ତି । ୧୦ନମ୍ବର ଓାର୍ଡରୁ ୩ଜଣ , ୧୬ନଂରୁ ୩ଜଣ ,୧୧ନଂରୁ ୩ଜଣ , ୧୦ନଂରୁ ୩ଜଣ ୬୫ନମ୍ବର ଓାର୍ଡରୁ ୩ଜଣ ନିର୍ବାଚନ ମଇଦାନ ଛାଡିଛନ୍ତି । ତେବେ ବେଶିର ଚର୍ଚ୍ଚାର ବିଷୟ ହୋଇଛି ୨୯ନମ୍ବର ଓାର୍ଡ ଓ ୧୯ନଂ ଓାର୍ଡ ୨୯ନଂରୁ ବିଜେଡିର ହେଭିଓେଟ ନେତା ତଥା ଲଗାତାର ୫ଥର କର୍ପୋରେଟର । କାଉନସିଲର ଜିତି ଆସୁଥିବା ସେକ୍ ନିଜାମୁଦ୍ଦିନ ଟିକଟରୁ ବଂଚିତ ହୋଇ ବିଦ୍ରୋହୀ ସାଜିଥିଲେ ବିଜେଡି ତାଙ୍କୁ ବୁଝାଇ ସୁଝାଇ ମଇଦାନରୁ କାଢି ଆଣିଛି ଏବେ ସେ ଦଳର କର୍ପୋରେଟର ପ୍ରାର୍ଥୀ ପାଇଁ ପ୍ରଚାର କଲେଣି ସେହିପରି ୧୯ନଂ ଓାର୍ଡର ପୂର୍ବତନ କର୍ପୋରେଟର ଜ୍ୟୋସ୍ନାରାଣୀ ରାଉତରାୟ ପୂର୍ବରୁ କଂଗ୍ରେସ ଟିକେଟରେ ଜିତି କର୍ପୋଟରେଟର ହୋଇଥିବାବେଳେ ଜିତିବା ପରେ ବିଜେଡିକୁ ଡେଇଁଥିଲେ । ହେଲେ ବିଜେଡି ଏଥର ଟିକେଟ ନ ହେବାକୁ ସେ କଂଗ୍ରେସ ଶରଣ ପଶି ଟିକେଟରେ ଜିତି କର୍ପୋରେଟର ପ୍ରାର୍ଥୀ ପାଇଁ ପ୍ରଚାର କଲେଣି । ହେଲେ ବିଜେଡି ଏଥର ଟିକେଟ ନଦେବାରୁ ସେ କଂଗ୍ରେସ ଶରଣ ପଶି ଟିକେଟନେଇଥିଲେ । କଂଗ୍ରେସରୁ ପ୍ରାର୍ଥପତ୍ର ଦାଖଲ କରିଥଲେ । ହେଲେ ସେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା କଂଗ୍ରେସକୁ ଶକ୍ତ ଧକ୍କା ଦେଇଛୀ କଂଗ୍ରେସ ବର୍ତ୍ତମାନ ୧୯ନଂ ଓାର୍ଡରେ ଆଉ ପ୍ରାର୍ଥୀ ଦେଇପାରିଲାନି । ଶୁଣାଯାଉଛି, ଜ୍ୟୋସ୍ନାଙ୍କୁ ବିଜେଡି ବୁଝାସୁଝା କରିବା ପରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି । ସେହିପରି ୩୮ନମ୍ବର ଓାର୍ଡରେ ପୂର୍ବତନ କର୍ପୋରେଟରଙ୍କ ପତ୍ନୀ ନାମାଙ୍କନ ପ୍ରତ୍ୟାହାର କରିଥିବାବେଳେ ୩୯ନଂରେ ପୂର୍ବତନ କର୍ପୋରେଟରେ ମୈତଦାନରୁ ବାହାରି ଆସିଛନ୍ତି । ୩୬ନଂ ଓାର୍ଡର ପୂର୍ବତନ କର୍ପୋରେଟରେ ଦେବାଶିଷ ସିଟ୍ ନାମାଙ୍କନ ପ୍ରତ୍ୟାହାର କରିଥିଲେ ବି ତାଙ୍କ ମୂଳ ସିଟ୍ ୩୫ନଂ ଓାର୍ଡରେ ତାଙ୍କ ପତ୍ନୀ ସାଧିନୀ ପ୍ରାର୍ଥି ଭାବେ ଲଢୁଛନ୍ତି । ଦେବାଶିଷ ଏବେ ବିଜେଡି ଗଳାରେ ହେଲେଣି ୩୫ନଂ ଓାର୍ନରେ ୪୧ନଂ ଓାର୍ଡରେ ପୂର୍ବତନ କର୍ପୋରେଟର ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିଲେ ବି ଅନ୍ୟ

ଜଣେ ପୂର୍ବତନ କର୍ପୋରେଟରଙ୍କ ପତ୍ନୀ ବିଜେଡିର ନିଦ ହଜାଇ ଦେଲେଣି ୫୭ନଂ ଓାର୍ଡ ଏବଂ ୩୭ନଂ ଓାର୍ଡର ଜଣେ ବିଦ୍ରେହୀ ଓ କଂଗ୍ରେସ ପ୍ରାର୍ଥୀ ମଇଦାନ ଛାଡିବା ପରେ ବିଜେଡିକୁ ସୁହାଇବା ବୋଲି କୁହାଯାଉଛି । ତେବେ ୧୨ଜଣ ମେୟର ପ୍ରାର୍ଥୀ ମଇଦାନ ଛାଡିନଥିଲେ ବି ମୁଖ୍ୟତଃ ପ୍ରତିଦ୍ୱନ୍ଦ୍ୱିତା ୩ପ୍ରମୁଖ ଦଳ ଭିତରେ ହେଉଛି ।

## ପୌର ନିର୍ବାଚନ

# ଇଣ୍ଟରନେଟ୍‌ରେ ସବୁଠୁ ପଛରେ ଓଡିଶା

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟରେ କିଭଳି ମୋବାଇଲ ନେଟଓାର୍କ ସମସ୍ୟା ରହିଛି ତାର ତାଜା ଚିତ୍ର ଏବେ ସାମ୍ନାକୁ ଆସିଛି । ଗାଁରେ ନେଟଓାର୍କ ଆସୁନଥିବାରୁ ପାହାଡ ଚଢି ନେଟଓାର୍କ ଖୋଜୁଛନ୍ତି କୋରାପୁଟ ଜିଲ୍ଲା ପରିଷଦର ନବ ନିର୍ବାଚିତ ଅଧକ୍ଷ ସସ୍ମିତା ମେଲେକା ଲୋକଙ୍କ ସମସ୍ୟା ଜଣାଇବା ପାଇଁ ଜିଲ୍ଲାପାଳଙ୍କ ସହ କଥା ହେବାକୁ ପାହାଡ ଉପରକୁ ଚଢିବା ପରେ ଲାଗିଥିଲା ମୋବାଇଲ । କୋରାପୁଟ ଜିଲ୍ଲାର ପ୍ରାୟ ୩୦୦ଗାଁରେ ମୋବାଇଲ୍ ନେଟଓାର୍କ ସମସ୍ୟା ରହିଛି । ନେଟଓାର୍କ ନଥିବାରୁ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ପ୍ରଶାସନିକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ତେବେ ଗାଁର ଝିଅ ସସ୍ମିତା ସମସ୍ୟା କୁ ଅଙ୍ଗେ ଲିଭାଇଥିବାରୁ ,





ସମାଧାନ ପାଇଁ ଏବେ ନିଜେ ଅଣ୍ଟା ଭିଡିଛନ୍ତି । ଜିଲ୍ଲା ପରିଷଦ ଅଧକ୍ଷ ହେବା ପରେ , କେମିତି ଜିଲ୍ଲାରେ ଟେଲି ଯୋଗଯୋଗ ବଢିବ ଓ ସମସ୍ୟାର ସମାଧାନ ହେବ, ସେନେଇ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି । କେବଳ କୋରାପୁଟ ନୁହେଁ ଓଡିଶାର ପାଖାପାଖି ୬୦୯୯ଟି ଗାଁକୁ ମୋବାଇଲ ନେଟଓାର୍କ ନଥିବା ଲୋକସଭାରେ କେନ୍ଦ୍ର ସରକାର ସୂଚନା ଦେଇଥିଲେ ଏବଂ ମୋବାଇଲ ନେଟଓାର୍କ ନଥିବା ଗାଁ ତାଲିକାରେ ଓଡିଶା ଦେଶର ପ୍ରଥମ ରାଜ୍ୟ ତେଣୁ ଓଡିଶାରୁ ସାଂସଦ ଥିବା ଅଶ୍ୱିନୀ ବୈଷ୍ଣବ ବର୍ତ୍ତମାନ ଟେଲିକମ ବିଭାଗ ମନ୍ତ୍ରୀ ଥିବାରୁ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ଆଶା କରାଯାଉଛି ।

# ବିଜେଡିକୁ ବଦନାମ କରିବାକୁ ଅପଚେଷ୍ଟା

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-**

ବିଜେଡିକୁ ବଦନାମ କରିବା ପାଇଁ ବିରୋଧୀ ଅପଚେଷ୍ଟା କରୁଛନ୍ତି । କୌଣସି ପ୍ରକାରରେ ଅସାମାଜିକ କାର୍ଯ୍ୟକଳାପରେ ବିଜେଡି ପ୍ରଶୟ ଦେଉନଥିବା ବେଳେ ବଦମାସିଆ ବିରୋଧୀ ପୌର ନିର୍ବାଚନକୁ ଆଖି ଆଗରେ ରଖି ବିଜେଡିକୁ ବଦନାମ କରିବାକୁ କରିଛନ୍ତି ଉଦ୍ୟମ । ଗତ ଶନିବାର ଦିନ ପୂର୍ବଶତ୍ରୁତାକୁ ନେଇ ଏକ ଅପହରଣ ଓ ହତ୍ୟା ଉଦ୍ୟମ ହୋଇଥିଲେ । ସେଥିରେ ଜୋର୍ ଜବରଦସ୍ତ ସଂପୃକ୍ତି ଥିବା ଅଭିଯୋଗ କରି ଥାନା ଘେରାଉ କରିଛନ୍ତି ବିରୋଧୀ । ଜୟପୁର ଗୋପବନ୍ଧୁ ନଗର କାର୍ତ୍ତିକ ନାଗକୁ ଅପହରଣ କରି ହତ୍ୟା ମାମଲା ସହିତ କୌଣସି ରାଜନୈତିକ ସଂପୃକ୍ତି ନାହିଁ, ଏହା ଏକ ଗ୍ୟାଙ୍ଗ ୱାର ବୋଲି ସ୍ପଷ୍ଟ କରିଛି ପୋଲିସ୍ ।

ଅନ୍ୟପଟେ ଆକ୍ରମଣରେ ଆହାତ କାର୍ତ୍ତିକ ହସ୍ପିଟାଲ୍ ବେଡ୍‌ରୁ ଏକ ଭିଡିଓ ଜାରି କରି ଘଟଣାକୁ ନେଇ ରାଜନୀତି ନ ହେଉ ବୋଲି ଅନୁରୋଧ କରିଛନ୍ତି । ଆହାତଙ୍କ ପରିବାର ପକ୍ଷରୁ ଅଭିଯୋଗ ପରେ ବି ପୋଲିସ୍ କୌଣସି ପଦକ୍ଷେପ ନେଇନଥିବାରୁ ବିରୋଧୀଙ୍କ ପକ୍ଷରୁ ଅଭିଯୋଗ କରାଯାଉଛି । ମୁଖ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ପୋଲିସ୍ ବିଫଳ ହୋଇଥିବା କହୁଛନ୍ତି କେତେକ ବଦମାସିଆ ନେତା ବୋଲି ଗ୍ରାମବାସୀ କହୁଛନ୍ତି । ବିଜେଡିକୁ ଦାୟୀ କରି ଜାତୀୟ ରାଜପଥ ଅବରୋଧ କରିବା ସହିତ ଧାରଣାରେ ବସିଥିଲେ । ପୋଲିସ୍ ବୁଝାସୁଝା କରିବା ପରେ କାନମୁଣ୍ଡା ଆଉଁଶି ଧାରଣାରୁ ଉଠିଯାଇଥିବା କୁହାଯାଉଛି । ପରେ ଜୟପୁର ମ୍ୟୁନିସିପାଲିଟି ବିଜେଡିର ଅଧକ୍ଷ ପ୍ରାର୍ଥୀ ସୂର୍ଯ୍ୟ ନାରାୟଣ ରଥ ଟାଉନଥାନାରେ ପହଞ୍ଚି ପୋଲିସ୍‌କୁ ଭେଟିବା ସହିତ ବିରୋଧୀ ଘଟଣାକୁ ନେଇ ଅଯଥା ରାଜନୀତି କରୁଛି ଓ ବିଜେଡିକୁ ଟାଣୁଛି ବୋଲି ଗଣମାଧ୍ୟମକୁ କହିଛନ୍ତି ।

# ସାମ୍ବାଦିକ ଅଜୟ ଜେନାଙ୍କ ବିୟୋଗରେ ଜିଲ୍ଲା ସ୍ତବ୍ଧ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜଗତସିଂହପୁର ଜିଲ୍ଲାରେ ୪ ଦଶନ୍ଧୀରୁ ଊର୍ଦ୍ଧ୍ୱ ହେବ ନିରବଚ୍ଛିନ୍ନ ଭାବେ ସାମ୍ବାଦିକତା କରିଆସୁଥିବା ବରିଷ୍ଠ ସାମ୍ବାଦିକ ଅଜୟ କୁମାର ଜେନାଙ୍କ ଗତ ୧୯ ତାରିଖ ରାତିରେ ଆକସ୍ମିକ ଭାବେ ମୃତ୍ୟୁ ଖବର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି ଏବଂ ଜିଲ୍ଲାବାସୀ ଓ ସାମ୍ବାଦିକମାନେ ସ୍ତବ୍ଧ ହୋଇଯାଇଛନ୍ତି । ମୃତ୍ୟୁ ବେଳକୁ ତାଙ୍କୁ ୬୭ବର୍ଷ ହୋଇଥିଲା । ମୃତ୍ୟୁର ଦୁଇ ଦିନ ପୂର୍ବରୁ ସାଇକେଲ୍ ଧରି ସହରରେ ବୁଲୁଥିବା ଏବଂ ଦୈନନ୍ଦିନ ନିଜ ଘର ତରିକୁନ୍ଦ(ବରାଗୋଳ)ରୁ ଜଗତସିଂହପୁରକୁ ଯିବା ଆସିବା ପ୍ରାୟ ୨୦/୨୫ କିଲୋମିଟର ଯାଆସ କରିବା ସହିତ ସୁସ୍ଥସବଳ ବ୍ୟକ୍ତି ଅଜୟଙ୍କ ମୃତ୍ୟୁ ଖବର କାହାରିକୁ ମଧ୍ୟ ବିଶ୍ୱାସ ହେଉନଥିବା ଲକ୍ଷ୍ୟ କରାଯାଉଛି । ପୂର୍ବରୁ ପ୍ରଥମ ସାମ୍ବାଦିକ ଭାବେ 'ସମାଜ'ରେ କାର୍ଯ୍ୟ କରୁଥିବା ବେଳେ



ଏବେ ଛୋଟମୋଟ କାଗଜରେ ଖବର ପ୍ରକାଶ କରିଆସୁଥିଲେ । ବୟସାଧିକ କାରଣରୁ ସୁସ୍ଥ ଥିଲା ବେଳେ ହଠାତ୍ ତାଙ୍କର ମୃତ୍ୟୁର କାରଣ କ'ଣ ବୋଲି ଠିକ୍ ସେ ଜଣାପଡୁନାହିଁ । ଆଜି (୨୦ ତାରିଖ) ଭୋର୍‌ରୁ ଏହି ଖବର ବିଜୁଳି ବେଗରେ ପ୍ରସାରିତ ହେବା ପରେ ସହରର ବହୁ ସାମ୍ବାଦିକ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସୁଅ ଛୁଟୁଥିଲା ତାଙ୍କ ବାସଭବନ ବରାଗୋଳ ଗ୍ରାମକୁ । ସେ ଜଣେ ନିର୍ଭିକ ସାମ୍ବାଦିକ ଭାବେ ଜିଲ୍ଲାରେ ଜଣାଶୁଣା । ଏହି ଖବର ଜଣାପଡିଲା ପରେ ଜିଲ୍ଲାରେ ବହୁ ସାମ୍ବାଦିକ ସାମାଜିକ ଗଣମାଧ୍ୟମରେ ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ କରିବା ସହିତ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ଏବଂ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ମଧ୍ୟ ଜଣାଇଛନ୍ତି ।

# ଓଡିଶା ରାଜନୀତିରେ ନୂଆ ଇତିହାସ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟର ସମସ୍ତ ୩୦ଟି ଯାକ ଜିଲ୍ଲା ପରିଷଦ କରିଛି ବିଜେଡି ଓଡିଶା ଇତିହାସରେ ପ୍ରଥମ ଥର ଏମିତି ହୋଇଛି ରବିବାର ଜିଲ୍ଲା ପରିଷଦ ଅଧକ୍ଷ ପଦ ପାଇଁ ନିର୍ବାଚନ ହୋଇଥିଲା କୌଣସି ରାଜନୀତି ଦଳ ରାଜ୍ୟରେ ସମସ୍ତ ଜିଲ୍ଲା ପରିଷଦ ଗଠନ କରିବାକୁ ସକ୍ଷମ ହୋଇ ନଥିଲେ । ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଶାସନ ଯୋଗୁଁ ବିଜେଡି ଏହି ସଫଳତା ଶୀର୍ଷକ ପାଇପାରିଛି । ଏଭଳି ବିଶାଳ ସଫଳତାରେ ଟ୍ୱିଟ୍‌କରି ଯାଜପୁର ବିଧାୟକ ତଥା ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ପଟ୍ଟାନାୟକଙ୍କ ନାରୀ ସଶକ୍ତିକରଣ ମନ୍ତ୍ର ଓଡିଶା ରାଜନୀତିରେ ନୂଆ ଇତିହାସ ସୃଷ୍ଟିକରିଛି ପ୍ରଥମଥର ବିଜେଡି ସମସ୍ତ ଜିଲ୍ଲା ପରିଷଦ ଗଠନ କରିଥିବାବେଳେ ୭୦%ଆସନରେ ମୁଖ୍ୟମନ୍ତ୍ରୀ ମହିଳାମାନଙ୍କୁ ନେତୃତ୍ୱ ଦେବା ଏକ ଯୁଗାନ୍ତକାରୀ ପଦକ୍ଷେପ ମୁଁ ବିଜେଡିର ଜଣେ ସକ୍ରିୟ କର୍ମୀ ହିସାବରେ ନିଜକୁ ଧନ୍ୟ ମନେ କରୁଛି ।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।

All disputes relating to any news item published shall be subject to the Jurisdiction of Jagatsinghpur court/s.

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

ସଂପାଦକ : ରାମଚନ୍ଦ୍ର ମହାନ୍ତି

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

News Editor: Akshaya Kumar Behera